

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୦୭ ଫେବୃଆରୀ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 07 FEBRUARY 2023

Vol.No. 34 ■ No. 36 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଭୟଙ୍କର ଭୂମିକମ୍ପରେ ଥରିଲା ତୁର୍କୀ ଓ ସିରିଆ : ୧୩ଶହ ଟପିଲା ମୃତ୍ୟୁ ସଂଖ୍ୟା



ନୂଆଦିଲ୍ଲୀ,୦୬/୦୨ : ପ୍ରକୃତିର ତାଣ୍ଡବ କେତେ ଭୟଙ୍କର ତାହା ଆଜି ତୁର୍କୀ ଓ ସିରିଆରେ ଦେଖିବାକୁ ମିଳିଛି । ପ୍ରଚଣ୍ଡ ଭୂମିକମ୍ପରେ ଥରି ଉଠିଛି ତୁର୍କୀ, ସିରିଆ, ଇସ୍ରାଏଲ ଓ ଲେବାନନ୍ । ତେବେ ତୁର୍କୀରେ ସବୁଠାରୁ ଅଧିକ କ୍ଷୟକ୍ଷତି ହୋଇଥିବା ଚିତ୍ର ସାମ୍ନାକୁ ଆସିଛି । ରିକ୍ଟର ସ୍କେଲରେ ୭.୮ ଓ ୭.୫ ତୀବ୍ରତା ବିଶିଷ୍ଟ ଭୂମିକମ୍ପ ଅନୁଭୂତ ହୋଇଛି । ଯାହା ଫଳରେ ତୁର୍କୀର ୧୦ରୁ ଅଧିକ ସହରରେ ଭୟାବହ ସ୍ଥିତି ଦେଖିବାକୁ ମିଳିଛି । ସେପଟେ ତୁର୍କୀରେ ଭୂମିକମ୍ପ ପରେ ଇଟାଲୀକୁ ସୁନାମୀ ଆଲର୍ଟ ଜାରି କରାଯାଇଛି । ସୋମବାର ଭୋର ୪ଟା ୧୭ରେ ତୁର୍କୀର ଗଜିୟାଟେମ୍ପରେ ଶକ୍ତିଶାଳୀ ଭୂକମ୍ପ ପରେ ପୂରା ସହର ଶ୍ମଶାନ ପାଲଟି ଯାଇଛି । ଲୋକେ ପ୍ରାଣ ବିକଳରେ ଏଣେତେଣେ ଦୌଡୁଛନ୍ତି । ଚାରିଆଡେ ବଡ ବଡ ଅଟ୍ଟାଳିକାର ଧ୍ୱଂସାବଶେଷ । ଲୋକଙ୍କ କାନ୍ଦବୋବାଳିରେ ଅଞ୍ଚଳ ଫାଟି ପଡୁଛି । ଭଗ୍ନାବଶେଷ ତଳୁ ଲୋକଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କରାଯାଉଛି । ତୁର୍କୀ ଓ ସିରିୟାରେ ତାଣ୍ଡବ ରଚିଛି ପ୍ରକୃତି । ବର୍ତ୍ତମାନ ସୁଦ୍ଧା ତୁର୍କୀ ଓ ସିରିୟାରେ ୧୩ଶହ ଲୋକଙ୍କ ମୃତ୍ୟୁ ହୋଇଥିବା ସୂଚନା ରହିଛି । ଏହାଛଡା ବହୁ ଲୋକ ଏବେ ବି ଭଙ୍ଗା ଅଟ୍ଟାଳିକା ତଳେ ଚାପି ହୋଇଥିବାରୁ ମୃତାହତଙ୍କ ସଂଖ୍ୟା ବଢିବା ଆଶଙ୍କା ରହିଛି । ଗଜିୟାଟେମ୍ପରେ ଭୋର ୪ଟା ୧୭ ମିନିଟରେ ହୋଇଥିଲା ଭୟଙ୍କର ଭୂମିକମ୍ପ । ରିକ୍ଟର ସ୍କେଲରେ ଭୂକମ୍ପର ତୀବ୍ରତା ୭.୮ ରେକର୍ଡ କରାଯାଇଛି । ବଡ ଭୂକମ୍ପ ପରେ ତୁର୍କୀରେ ୧୮ ଥର ଝଟକା ଅନୁଭୂତ ହୋଇଛି । ଅପରାହ୍ନରେ ଏଲବିସ୍ଥାନରେ ୭.୬ ତୀବ୍ରତାର ଭୂମିକମ୍ପ ବ୍ୟାପକ କ୍ଷୟ କ୍ଷତି କରିଛି । ଭୟଙ୍କର ଭୂମିକମ୍ପର ମୁକାବିଲା କରୁଥିବା ତୁର୍କୀକୁ ସହାୟତାର ହାତ ବଢାଇଛି ଭାରତ । ପ୍ରତ୍ୟେକ ଭୂକମ୍ପ ପୀଡିତଙ୍କ ସହ ୧୪୦ କୋଟି ଭାରତୀୟଙ୍କ ସମବେଦନା ରହିଛି ବୋଲି କହିଛନ୍ତି ପ୍ରଧାମନ୍ତ୍ରୀ ନରେନ୍ଦ୍ର ମୋଦୀ । ଏଥିସହ ତୁର୍କୀକୁ ସବୁ ପ୍ରକାର ସହାୟତା କରିବାକୁ ଭାରତ ପ୍ରସ୍ତୁତ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ । ଭୂକମ୍ପ ଭଳି ଭୟଙ୍କର ପ୍ରାକୃତିକ ବିପତ୍ତି ତୁର୍କୀ ଓ ସିରିୟାରେ ମୃତ୍ୟୁର ତାଣ୍ଡବ ରଚିଛି । ସେପଟେ ଇସ୍ରାଏଲ ଓ ଲେବାନନରେ ମଧ ଭୂକମ୍ପ ଝଟକା ଅନୁଭୂତ ହୋଇଛି ।

## ୪୮ଘଂଟା ଭିତରେ ଚାଷୀଙ୍କୁ ବକେୟା ଟଙ୍କା ନମିଳିଲେ ରାଜ୍ୟବ୍ୟାପୀ ଆନ୍ଦୋଳନ : କୃଷକମୋର୍ଚ୍ଚା

ଭୁବନେଶ୍ୱର,୦୬/୦୨ (ନି.ପ୍ର): ଓଡିଶାର ଧାନ ମଣ୍ଡି ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ଦୋହଲିଯାଇଛି । ଏଠାରେ ମିଲର୍ସଙ୍କ ମନମାନିରେ ମଣ୍ଡି ଚାଲିଛି । ରାଜ୍ୟ ଯୋଗାଣ ବିଭାଗ ତତ୍ତ୍ୱାବଧାନରେ ମଣ୍ଡି ଚାଲିବାର ବ୍ୟବସ୍ଥା ଥିବାବେଳେ ଓଡିଶାରେ କିନ୍ତୁ ମିଲର୍ଙ୍କ କବ୍‌ଜାରେ ଧାନମଣ୍ଡି । କେନ୍ଦ୍ର ସରକାର କ୍ୱିଂଟାଲ ପିଛା ୨୦୪୦ଟଙ୍କା ଏମ୍ଏସ୍‌ପି ସ୍ଥିର କରି ରାଜ୍ୟସରକାରଙ୍କ ମାଧ୍ୟମରେ ଚାଷୀଙ୍କ ଧାନ କିଣାଯିବାର ବ୍ୟବସ୍ଥା କରୁଥିଲେ ମଧ ଯୋଗାଣ ବିଭାଗର ଅପାରଗତା କାରଣରୁ ବିଶେଷ କରି କଟ୍‌ନୀ ଛଟ୍‌ନୀ, ଟାର୍ଗେଟ୍ ଏବଂ ଟୋକନ୍‌ର ଦ୍ୱନ୍ଦାତ୍ମକ ସ୍ଥିତି ଭିତରେ ଚାଷୀ ଫସିଯାଇଛି । ଚାଷୀର ଧାନ ଠିକ୍ ସମୟରେ ବିକ୍ରି ହୋଇପାରୁନାହିଁ ଯଦ୍ୱାରା ଟୋକନ୍ ରଦ୍ଦ ହେଉଛି । ଏ ବର୍ଷ କିନ୍ତୁ ଚାଷୀ ଆଉ ଏକ ସଙ୍ଗୀନ୍ ସ୍ଥିତିର ମୁକାବିଲା କରୁଛି । କାରଣ ରାଜ୍ୟ ସରକାର ଚାଷୀଙ୍କ ଧାନ ବିକ୍ରି ପ୍ରାପ୍ୟ ପୈଠ କରିବାରେ ଏପର୍ଯ୍ୟନ୍ତ ଘୋର ଅବହେଳା କରିଛନ୍ତି । ଅନ୍‌ଲାଇନ ବ୍ୟବସ୍ଥାରେ ଧାନ ବିକ୍ରିର ୨୪ଘଂଟା ଭିତରେ ଚାଷୀଙ୍କ ଆକାଂଉଟ୍‌କୁ ଟଙ୍କା ଆସିବା ବ୍ୟବସ୍ଥା ଥିବାବେଳେ ଅଦ୍ୟାବଧି ଏକମାସ ବ୍ୟବଧାନ ପରେ ମଧ ଚାଷୀଙ୍କ ଆକାଂଉଟ୍‌କୁ ତାଙ୍କର ପ୍ରାପ୍ୟ ପହଁଚି ପାରିଲାନାହିଁ । ଯଦ୍ୱାରା ଚାଷୀ ଘୋର ଆର୍ଥିକ ଦୁର୍ଗତିର ସମ୍ମୁଖୀନ ହେଉଛି । ଏହାଦ୍ୱାରା ସନ୍ଦେହ ପ୍ରକାଶ ପାଉଛି କି, ଯୋଗାଣ ବିଭାଗ ଯେଉଁ ସମବାୟ ବ୍ୟାଙ୍କ ମାଧ୍ୟମରେ ଟଙ୍କା ନେଣଦେଣ କରୁଛି ସତେ ଯେପରି ଏହି ଟଙ୍କାକୁ ସମବାୟ ବ୍ୟାଙ୍କ ମନିଲଣ୍ଡ୍ରିଂରେ ଲଗାଇଦେଇଥିବା ପରି ସନ୍ଦେହ ମନେ ହେଉଛି । ସ୍ଥାନୀୟ ସ୍ତରରେ ମଣ୍ଡି ଅଧିକାରୀ ଏବଂ ଜିଲ୍ଲା ସ୍ତରରେ ଯୋଗାଣ ଅଧିକାରୀଙ୍କୁ ପଚାରିବାରେ ଟଙ୍କା ନାହିଁ ଟଙ୍କା ଆସିଲେ ଦିଆଯିବ ବୋଲି କହିବା ଅତ୍ୟନ୍ତ ହାସ୍ୟାସ୍ପଦ ଏବଂ ଚାଷୀମାନଙ୍କ ପାଇଁ

▶▶ପୃଷ୍ଠା ୭

## ଆଦାନୀ ସାମ୍ରାଜ୍ୟର ଅଧୋଗତି ପରେ ଘେରିଲେ ବିରୋଧୀ



ନୂଆଦିଲ୍ଲୀ,୦୬/୦୨ : ଆଦାନୀ ଗ୍ରୁପ୍ ମାମଲାରେ କଂଗ୍ରେସର ଦେଶବ୍ୟାପୀ ଆନ୍ଦୋଳନ । ଦେଶବ୍ୟାପୀ ରାଜରାସ୍ତାରେ ଓହ୍ଲାଇ ଜୋରଦାର ପ୍ରତିବାଦ କରିଛନ୍ତି କଂଗ୍ରେସ କର୍ମୀ । ଆମେରିକୀୟ ସଂସ୍ଥା ହିଣ୍ଡେନବର୍ଗ ରିସର୍ଚ୍ଚ ରିପୋର୍ଟ ପରେ ଆଦାନୀ ଗ୍ରୁପର ସେୟାର କ୍ରମାଗତ ଭାବେ ହ୍ରାସ ପାଉଛି । ଏହାର ନିରପେକ୍ଷ ତଦନ୍ତ ଦାବି କରି ରାଜରାସ୍ତାକୁ ଓହ୍ଲାଇଛି କଂଗ୍ରେସ । ଭୁବନେଶ୍ୱର ସମେତ ଦେଶବ୍ୟାପୀ କରାଯାଇଛି ପ୍ରଦର୍ଶନ । ଆମେରିକୀୟ ସଂସ୍ଥା ହିଣ୍ଡେନବର୍ଗ ରିସର୍ଚ୍ଚ ରିପୋର୍ଟ ପରେ ଆଦାନୀ ଗ୍ରୁପର ସେୟାର କ୍ରମାଗତ ଭାବେ ହ୍ରାସ ପାଉଛି । ଏହାର ନିରପେକ୍ଷ ତଦନ୍ତ ଦାବି କରି ରାଜରାସ୍ତାକୁ ଓହ୍ଲାଇଛି କଂଗ୍ରେସ । ଭୁବନେଶ୍ୱର ସମେତ ଦେଶବ୍ୟାପୀ କରାଯାଇଛି ପ୍ରଦର୍ଶନ । ଏସବିଆଇ ଓ ଏଲଆଇସି ଅଫିସ ଆଗରେ ପ୍ରତିବାଦ କରାଯାଇଛି । ଭୁବନେଶ୍ୱରରେ ଷ୍ଟେଟବ୍ୟାଙ୍କ ମୁଖ୍ୟ ଅଫିସ ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି କଂଗ୍ରେସ କର୍ମୀ । ଏଥିରେ ପିସିସି ସଭାପତିଙ୍କ ସହ କଂଗ୍ରେସ ନେତା ଓ କର୍ମକର୍ତ୍ତା ସାମିଲ ହୋଇଥିଲେ । ଦଳ ଅଭିଯୋଗ କରିଛି. ଆଦାନୀ ଯୋଗୁଁ ଏଲଆଇସି ଓ ଆରବିଆଇର ହଜାର ହଜାର କୋଟି ଟଙ୍କା କ୍ଷତି ହୋଇଛି । ଆଦାନୀ ପ୍ରସଙ୍ଗକୁ ନେଇ ପାର୍ଲାମେଣ୍ଟ ବି ଅଚଳ ହୋଇପଡିଛି । ଯୁଗ୍ମ ସଂସଦୀୟ କମିଟି ଦାବିରେ ଅଡିବସିଛନ୍ତି ବିରୋଧୀ । ବିରୋଧୀଙ୍କ ହଙ୍ଗାମା ଯୋଗୁଁ ଲଗାତାର ତୃତୀୟ ଦିନ ଲାଗି ଉଭୟ ଲୋକସଭା ଓ ରାଜ୍ୟସଭା ଚାଲିପାରିନାହିଁ । ପାର୍ଲାମେଣ୍ଟରେ ଅଚଳାବସ୍ଥା ନେଇ କଂଗ୍ରେସ ନେତା ବି ସରକାରଙ୍କୁ ଟାର୍ଗେଟ କରିଛନ୍ତି । ସେ କହିଛନ୍ତି, କେନ୍ଦ୍ର ସରକାର ଘଟଣାର ଚର୍ଚ୍ଚା ପାର୍ଲାମେଣ୍ଟରେ କରିବାକୁ ଚାହୁଁନାହାନ୍ତି । ସରକାର ଡରି ଯାଇଛନ୍ତି । ଆଦାନୀ ପଛରେ କାହାର ଶକ୍ତି କାମକରୁଛି, ତାର ତଦନ୍ତ ହେବା ଦରକାର । ସୂଚନାଯୋଗ୍ୟ ଯେ, ହିଣ୍ଡେନବର୍ଗ ରିସର୍ଚ୍ଚ ରିପୋର୍ଟ ପରେ ଆଦାନୀ ଗ୍ରୁପର ସେୟାର ମୂଲ୍ୟ ଅଧାରୁ ଅଧିକ କମିଯାଇଛି । ଏହାର ପ୍ରଭାବ ଷ୍ଟକବଜାର ଉପରେ ପଡିଛି ।

## ଥାର୍ଡ ଡିଗ୍ରିରେ ଅଭିଯୁକ୍ତଙ୍କର ମୃତ୍ୟୁ ହୋଇଥିଲେ, ନିଆଯିବ କଠୋର କାର୍ଯ୍ୟାନୁଷ୍ଠାନ: ପିସିସିଏଫ୍

ଭୁବନେଶ୍ୱର,୦୬/୦୨ (ନି.ପ୍ର): କଟକ ଜିଲ୍ଲାର ଆଠଗଡ଼ ବନଖଣ୍ଡ ହେପାଜତରେ ଅଭିଯୁକ୍ତଙ୍କର ମୃତ୍ୟୁ ଯଦି ଥାର୍ଡ ଡିଗ୍ରିରେ ହୋଇଥାଏ, ତା'ହେଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ବିଭାଗୀୟ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ । ହାଜତ ମୃତ୍ୟୁ ମାମଲାରେ ପ୍ରତିକ୍ରିୟା ପ୍ରକାଶ କରି ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଦେବୀଦତ୍ତ ବିଶ୍ୱାଳ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ବନ ବିଭାଗ ହେପାଜତରେ ଜଣେ ଅଭିଯୁକ୍ତର ମୃତ୍ୟୁ ଘଟଣା ଦୁଃଖଦାୟକ । ଘଟଣାର ତଦନ୍ତ ପାଇଁ କ ଜଣେ ଅଧିକାରୀଙ୍କୁ ଆଠଗଡ଼ ପଠା ଯାଇଛି । ଆଜି ଭିତରେ ସେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ରହିଛି । ଘଟଣା ସମ୍ପର୍କରେ କଟକ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଛି । ଅଭିଯୁକ୍ତଙ୍କର ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି । ଯଦି ଥାର୍ଡ ଡିଗ୍ରିରେ ଅଭିଯୁକ୍ତଙ୍କର ମୃତ୍ୟୁ ହୋଇଥାଏ, ତା'ହେଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ବିଭାଗୀୟ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ।

## ନବ ଦାସଙ୍କ ମୃତ୍ୟୁ ପରେ ଚର୍ଚ୍ଚାରେ ଜାତକ ଓ ଶନିଦଶା



ଭୁବନେଶ୍ୱର,୦୬/୦୨ (ନି.ପ୍ର): ମନ୍ତ୍ରୀ ନବ ଦାସଙ୍କୁ ଗୁଳି କରି କାହିଁକି ହତ୍ୟା କଲା ଗୋପାଳ ଦାସ ? ଏହି ପ୍ରଶ୍ନର ଉତ୍ତର ଖୋଜୁଛି କ୍ରାଇମବ୍ରାଞ୍ଚ । ସେପଟେ ଶନି ଦଶା ଯୋଗୁଁ ମନ୍ତ୍ରୀଙ୍କ ହତ୍ୟା ହୋଇଥିବା ଚର୍ଚ୍ଚା ଚାଲିଛି । ଆଉ ସେହି ଚର୍ଚ୍ଚାକୁ ବଳ ଯୋଗାଉଛି ମୃତ୍ୟର ସପ୍ତାହେ ପୂର୍ବରୁ ମହାରାଷ୍ଟ୍ରର ଶନି ମନ୍ଦିରରେ ଯାଇ ମନ୍ତ୍ରୀ ପୂଜାର୍ଚ୍ଚନା କରି ସୁନା କଳସ ଦାନ କରିବା ଘଟଣା । କୁହାଯାଉଛି କିଛି ଅଶୁଭ ସଙ୍କେତ ପାଇବା ପରେ ମନ୍ତ୍ରୀ ମଧ୍ୟପ୍ରଦେଶର ଜଣେ ଜ୍ୟୋତିଷଙ୍କ ପରାମର୍ଶ ନେଇଥିଲେ । ଆଉ ତାଙ୍କରି ପରାମର୍ଶରେ ଶନିଦଶାକୁ ଟାଳିବାକୁ ଉଦ୍ୟମ ମଧ କରିଥିଲେ । କୁହାଯାଉଛି ଦିବଙ୍ଗତ ମନ୍ତ୍ରୀ ନବ ଦାସଙ୍କ ଜାତକର ଗଣନା କରି ଭବିଷ୍ୟବାଣୀ କରିଥିଲେ ମଧ୍ୟପ୍ରଦେଶ ଅମରକଣ୍ଟକର ବାବା କଲ୍ୟାଣ ଦାସ ମହାରାଜ । ଏଥିରେ ମନ୍ତ୍ରୀ ନବ ଦାସଙ୍କ ଜାତକ ନାଁ ଶ୍ରୀମାନ ନାରାୟଣ କିଶୋର ଦାସ ବୋଲି ଲେଖାଅଛି । ତେବେ ତାଙ୍କ ଜନ୍ମ ସ୍ଥାନ ସମ୍ବଲପୁର ଓ ଜନ୍ମ ତାରିଖ ୧୫ ମେ ୧୯୬୧ ବୋଲି ଉଲ୍ଲେଖ ରହିଛି । ଏଥିସହ ମନ୍ତ୍ରୀ ନବ ଦାସଙ୍କ ବୃଷ ରାଶି ଓ କୃତିକା ନକ୍ଷତ୍ର ବୋଲି ଲେଖାଯାଇଛି । ଏହି ଜାତକ କପି କନକ ନ୍ୟୁଜ ହାତରେ ଲାଗିବା ପରେ, ବାବା କଲ୍ୟାଣ ଦାସ ମହାରାଜ କରିଥିବା ଗଣନାକୁ ନେଇ ଆମେ ରାଜ୍ୟର ପ୍ରତିଷ୍ଠିତ ଜ୍ୟୋତିଷଙ୍କ ମତାମତ ନେଇଥିଲୁ । ସୂଚନା ମୁତାବକ, ଗତ ଜାନୁଆରୀ ୧୭ ତାରିଖରେ ହୋଇଥିଲା ଶନି ଚଳନ । ଜ୍ୟୋତିଷଙ୍କ ମତରେ ୨ ବର୍ଷ ୬ ମାସ ପାଇଁ ମକର ରାଶିରୁ ଶନି, କୁମ୍ଭ ରାଶିକୁ ଚଳନ କରିଛନ୍ତି । ଫଳରେ ବିଭିନ୍ନ ରାଶି ଉପରେ ଏହାର ଭଲ ଓ ଖରାପ ପ୍ରଭାବ ରହିଛି । ତେଣୁ ମନ୍ତ୍ରୀ ନବ ଦାସଙ୍କ ଜାତକର ଗଣନା କରି ବାବା କଲ୍ୟାଣ ଦାସ ମହାରାଜ ତାଙ୍କ ରାଶି ଉପରେ ଶନିଙ୍କ ପ୍ରଭାବ ନେଇ ସତର୍କ କରାଇ ଦେଇଥିଲେ । ଜାତକରେ ଉଲ୍ଲେଖ ଅଛି ୨୩ ମେ ୨୦୧୩ରୁ ୨୩ ମେ ୨୦୩୨ ଯାଏଁ ନବଙ୍କ ରାଶି ଉପରେ ଶନିଙ୍କ ପ୍ରଭାବ ରହିବ । ତେବେ ଶନି ଚଳନ ପରେ

▶▶ପୃଷ୍ଠା ୭

## କବାଡ଼ିଖାନାକୁ ଯିବ ସରକାରୀ ସଂସ୍ଥାରେ ଥିବା ୧୫ ବର୍ଷର ପୁରୁଣା ଗାଡ଼ି



ଭୁବନେଶ୍ୱର,୦୬/୦୨ (ନି.ପ୍ର): କବାଡ଼ି ଖାନାକୁ ଯିବ ସରକାରୀ ସଂସ୍ଥାରେ ଥିବା ୧୫ ବର୍ଷର ପୁରୁଣା ଗାଡ଼ି । ମାର୍ଚ୍ଚ ୩୧ ସୁଦ୍ଧା ପୁରୁଣା ଗାଡ଼ିକୁ ସ୍କ୍ରାପିଙ୍ଗ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ସରକାର । ଏନେଇ ସବୁ ବିଭାଗର ସଚିବ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, କମିସନରଙ୍କୁ ଚିଠି ଲେଖିଛନ୍ତି ପରିବହନ ସଚିବ ଉଷା ପାଢ଼ୀ । ରାଜ୍ୟ ସରକାର, ସ୍ୱାୟତ୍ତ ଶାସନ ସଂସ୍ଥା, ସରକାରୀ ଉଦ୍ୟୋଗ ଓ ନିଗମ ଅଧୀନରେ ଥିବା ପୁରୁଣା ଗାଡ଼ିକୁ ସ୍କ୍ରାପିଂ କରାଯିବ । ଯେଉଁ ଗାଡ଼ିଗୁଡ଼ିକ ପଞ୍ଜିକୃତ ହୋଇଥିବା ତାରିଖରୁ ୧୫ ବର୍ଷ ପୂରଣ କରୁଥିବ, ସେଗୁଡ଼ିକ ସ୍କ୍ରାପିଂ ପଲିସି ଅନୁଯାୟୀ ପଞ୍ଜିକୃତ ସ୍କ୍ରାପିଂ କେନ୍ଦ୍ରକୁ ପଠାଇ ଦିଆଯିବ । ଏପରିକି ଯେଉଁ ଗାଡ଼ିଗୁଡିକ ୧୫ ବର୍ଷ ପରେ ନବୀକରଣ ହୋଇଥିବ, ତାକୁ ମଧ ବାତିଲ କରିବାକୁ ଚିଠିରେ ଉଲ୍ଲେଖ ରହିଛି । ମାର୍ଚ୍ଚ ୩୧ ତାରିଖ ମଧରେ ଗାଡ଼ିଗୁଡ଼ିକ ସ୍କ୍ରାପିଂ କରାଯିବ । ସ୍କ୍ରାପିଂ ପରେ ଗାଡ଼ିଗୁଡ଼ିକର ରେଜିଷ୍ଟ୍ରେସନ ବାତିଲ କରିବାକୁ ସ୍ଥାନୀୟ ଆରଟିଓଙ୍କୁ ଅବଗତ କରାଯିବାକୁ କୁହାଯାଇଛି । ଏହି ପ୍ରକ୍ରିୟାକୁ ସହଜ କରିବା ପାଇଁ ପରିବହନ ବିଭାଗର ଯୁଗ୍ମ କମିସନର ସଂଜୟ କୁମାର ବିଶ୍ୱାଳଙ୍କୁ ନୋଡାଲ୍ ଅଫିସର ଭାବେ ଦାୟିତ୍ୱ ଦିଆଯାଇଛି । ସଡ଼କ ସୁରକ୍ଷା ଓ ପ୍ରଦୂଷଣ ରୋକିବା ପାଇଁ ପୁରୁଣା ଗାଡ଼ିଗୁଡିକ ହଟାଇବା ପାଇଁ ସ୍କ୍ରାପିଂ ପଲିସି ଆଣିଛନ୍ତି ସରକାର ।

## ୬ ଟ୍ରେନି ଆଇଏଏସଙ୍କୁ ତହସିଲଦାର ଦାୟିତ୍ୱ

ଭୁବନେଶ୍ୱର,୦୬/୦୨ (ନି.ପ୍ର): ଓଡ଼ିଶା କ୍ୟାଡ଼ରର ୬ଜଣ ପ୍ରୋବେସନାରୀ ଆଇଏଏସ୍ ଅଫିସରଙ୍କୁ ରାଜ୍ୟ ସରକାର ବିଭିନ୍ନ ତହସିଲରେ ତହସିଲଦାର ଭାବେ ନିଯୁକ୍ତି ଦେଇଛନ୍ତି । ଏହି ଆଇଏଏସ୍ ଅଫିସରମାନେ ଫେବୃୟାରୀ ୫ରୁ ମାର୍ଚ୍ଚ ୧୮ତାରିଖ ପର୍ଯ୍ୟନ୍ତ ତହସିଲଦାର ଭାବେ କାର୍ଯ୍ୟ କରିବେ । ସମ୍ପୃକ୍ତ ତହସିଲରେ ଏବେ କାର୍ଯ୍ୟରତ ତହସିଲଦାରମାନଙ୍କୁ ଏହି ସ୍ୱଳ୍ପ ଅବଧି ପାଇଁ ସେଠାରେ ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶନାମା ଜାରି ହୋଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ପ୍ରୋବେସନରେ ଥିବା ୬ଜଣ ଓଡ଼ିଶା କ୍ୟାଡ଼ରର ଆଇଏଏସ୍ ଧିନାହ ଦସ୍ତାଗିରଙ୍କୁ ଗଞ୍ଜାମ ତହସିଲ, ଧିମନ ଚକମାଙ୍କୁ କେନ୍ଦୁଝର ସଦର ତହସିଲ, କିରନଦୀପ କୌର ସାହୋତଙ୍କୁ ରେମୁଣା, ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କୁ କୋରାପୁଟ ତହସିଲ, ରେହନ କ୍ଷତ୍ରୀଙ୍କୁ ସମ୍ବଲପୁର ତହସିଲ ଓ ରୀନା ପ୍ରଧାନଙ୍କୁ ସୁନ୍ଦରଗଡ଼ ସଦର ତହସିଲରେ ତହସିଲଦାର ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ସମସ୍ତ ଆଇଏଏସ ଏବେ ପ୍ରୋବେସନରେ ଥିବାବେଳେ ଏମାନେ ୨୦୨୧ ବ୍ୟାଚର ଓଡ଼ିଶା କ୍ୟାଡ଼ର ଆଇଏଏସ୍ ଅଫିସର ବୋଲି ଜଣାପଡ଼ିଛି ।

## ଯୁବା ସଂଗମ ଅମୃତ କାଳରେ ଭାରତର ଭାବନାକୁ ଦୃଢୀଭୂତ କରିବ : ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ଭୁବନେଶ୍ୱର,୦୬/୦୨ (ନି.ପ୍ର): ଉତ୍ତର-ପୂର୍ବ ଏବଂ ଭାରତର ଅନ୍ୟାନ୍ୟ ଅଞ୍ଚଳ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିବା ଦିଗରେ 'ଯୁବା ସଂଗମ' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏକ ଅନନ୍ୟ ପଦକ୍ଷେପ । 'ଯୁବା ସଂଗମ' ଭଳି ଅଭିନବ ପଦକ୍ଷେପ ଅମୃତ କାଳରେ 'ଭାରତର ଭାବନା'କୁ ଦୃଢୀଭୂତ କରିବ ବୋଲି ସୋମବାର ନୂଆଦିଲ୍ଲୀ ଠାରେ ଏହି ପୋର୍ଟାଲର ଶୁଭାରମ୍ଭ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଏକ ଭାରତ, ଶ୍ରେଷ୍ଠ ଭାରତ ବିଚାର ଆଧାରରେ ଯୁବା ସଂଗମ ଲୋକଙ୍କ ମଧ୍ୟରେ ସମ୍ପର୍କକୁ ମଜଭୂତ କରିବ । ଉତ୍ତର-ପୂର୍ବ ରାଜ୍ୟ ସମୂହର ଗୌରବମୟ ସଂସ୍କୃତିର ପ୍ରଚାର ପ୍ରସାର କରିବ ଏବଂ ବିଶେଷ ଭାବରେ ଯୁବପିଢିଙ୍କ ମଧ୍ୟରେ ଜ୍ଞାନର ଆଦାନପ୍ରଦାନ ଦ୍ୱାରା ଅନେକ ସୁଯୋଗ ଓ ସମ୍ଭାବନା ଉତ୍ପନ୍ନ ହେବ । ଯୁବା ସଂଗମ ଦେଶର ବିବିଧତାକୁ ପାଳନ କରିବାର ଏକ ଅବସର । ଏହା ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧିବ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା କଳ୍ପନା କରାଯାଇଥିବା ଭାରତର ଗଣତାନ୍ତ୍ରିକ ଶକ୍ତି ପ୍ରଦର୍ଶନ କରିବ । ଉତ୍ତର-ପୂର୍ବାଞ୍ଚଳର ସଂସ୍କୃତି ସହ ଯୋଡି ହେବା ପାଇଁ ଯୁବା ସଂଗମ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା କଳ୍ପନା କରାଯାଇଛି । ପର୍ଯ୍ୟଟନ, ପରମ୍ପରା,

▶▶ପୃଷ୍ଠା ୭

## ରାଷ୍ଟ୍ରପତିଙ୍କ ଦୁଇ ଦିନିଆ ଓଡ଼ିଶା ଗସ୍ତକୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୦୬/୦୨ (ନି.ପ୍ର): ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଦୁଇ ଦିନିଆ ଗସ୍ତକୁ ନେଇ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ ହୋଇଛି । ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଏ ସଂପର୍କିତ ଏକ ଉଚ୍ଚସ୍ତରୀୟ ବୈଠକ ସଚିବାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ସମସ୍ତ ଆନୁଷଙ୍ଗିକ ପ୍ରସ୍ତୁତି ଶେଷ କରିବାକୁ ଶ୍ରୀ ମହାପାତ୍ର ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବା ସହ ପ୍ରସ୍ତୁତି ତଦାରଖ ନିମନ୍ତେ ବରିଷ୍ଠ ଅଧିକାରୀମାନଙ୍କୁ ଦାୟିତ୍ୱ ଦେଇଛନ୍ତି । ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମକୁ ତୃଟିଶୂନ୍ୟ କରିବା ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି । ବୈଠକରେ ଗସ୍ତ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇ ଗୃହ ବିଭାଗ ସ୍ୱତନ୍ତ୍ର ସଚିବ ଶ୍ରୀମତୀ ସନ୍ତୋଷ ବାଲା କହିଛନ୍ତି ଏ ପର୍ଯ୍ୟନ୍ତ ରାଷ୍ଟ୍ରପତିଙ୍କ ତିନୋଟି ସାଧାରଣ କାର୍ଯ୍ୟକ୍ରମ ସଂପର୍କିତ ଗସ୍ତ ସୂଚନା ମିଳିଛି । ରାଷ୍ଟ୍ରପତି ଆସନ୍ତା ୧୦ ତାରିଖରେ ଭୁବନେଶ୍ୱର ସ୍ଥିତ ବିଜୁପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରରେ ପହଂଚିବା ପରେ ଉତ୍କଳ ମଣ୍ଡପରେ ଜ୍ଞାନପ୍ରଭା ମିଶନ ପକ୍ଷରୁ ଆୟୋଜିତ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟ ସୂଚୀ ରହିଛି । ମଧାହ୍ନ ବିରତି ପରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥିଭାବେ ମଧ ଯୋଗ ଦେବେ । ଏହା ପରେ ରାଷ୍ଟ୍ରପତି ରାଜଭବନରେ ରାତ୍ର ଯାପନ କରିବେ । ସେହିଭଳି ପରଦିନ ଅର୍ଥାତ୍ ୧୧ ତାରିଖ ସକାଳ ସମୟରେ ଲିଙ୍ଗରାଜଙ୍କୁ ଦର୍ଶନ କରିବା ପରେ କଟକ ଗସ୍ତ କରି ଜାତୀୟ ଧାନ ଗବେଷଣା କେନ୍ଦ୍ରଠାରେ ଦ୍ୱିତୀୟ ଭାରତୀୟ ଧାନ କଂଗ୍ରେସକୁ ଉଦ୍ଘାଟନ କରିବେ । ଏହା ପରେ ଉକ୍ତ ଦିନ ଭୁବନେଶ୍ୱର ବିମାନ ବନ୍ଦରୁ ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରିବେ । ରାଷ୍ଟ୍ରପତିଙ୍କ ଏହି ଗସ୍ତ କାର୍ଯ୍ୟକ୍ରମକୁ

▶▶ପୃଷ୍ଠା ୭

# ୫ ଦିନିଆ ୪୪ ତମ ସଫ୍ଟବଲ ପ୍ରତିଯୋଗିତା ଉଦ୍‌ଘାଟିତ

ପୁରୀ, ୬/୦୨ (ନି.ପ୍ର): ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ଆଜି ଠାରୁ ୫ ଦିନିଆ ୪୪ ତମ ଜାତୀୟ ସଫ୍ଟବଲ ପୁରୁଷ ଓ ମହିଳା ଚମ୍ପିୟାନସିପ ଆରମ୍ଭ ହୋଇଛି ।ଏହାକୁ ଉଦଘାଟନ କରି ଜିଲ୍ଲାପାଳ ସମର୍ଥ ବର୍ମା କ୍ରୀଡା ଶରୀରକୁ ସୁସ୍ଥ, ସତେଜ ଓ ନିରୋଗ ରଖିବାରେ ସହାୟକ ହେବା ସହ ସଦଭାବନା ଓ ଭାଇଚାରା ସୃଷ୍ଟି କରିଥାଏ ବୋଲି ସୂଚନା ଦେଇ ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା କ୍ରୀଡାବିତ ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଜାତୀୟ ସଫ୍ଟବଲ ଆସୋସିଏସନ ର ସଭାପତି ନୀତଲ ନାରଙ୍ଗ ପୁରୀ ରେ ଏକ ଭବ୍ୟ ପରିବେଶ ମଧ୍ୟରେ ଏହି କ୍ରୀଡା ଆୟୋଜନ କୁ ପ୍ରଶଂସା କରିଥିଲେ । ଓଡ଼ିଶା ବିଶ୍ୱକପ ହକିର ଆୟୋଜନ କରି ସମଗ୍ର ବିଶ୍ୱରେ ସୁନାମ ଅର୍ଜନ କରିଛି ବୋଲି କହିବା ସହ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ । ଏଥିରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ, ଉପଜିଲ୍ଲାପାଳ ଭବତାରଣ ସାହୁ, ଜାତୀୟ ସଫ୍ଟବଲ ଆସୋସିଏସନ ର ସଭାପତି, ସେକ୍ରେଟାରୀଏଟ ସମ୍ପାଦକ ଡଃ ପ୍ରବୀଣ ଆନାଓକର, ସାଧାରଣ ସମ୍ପାଦକ ଏଲ ଆର ମୋରିୟା, ରାଜ୍ୟ ସଫ୍ଟବଲ ସଂଘର ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, ଅଭ୍ୟର୍ଥନା କମିଟି ଅଧକ୍ଷ ଶୁଭାଶିଷ ଖୁଂଟିଆ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ ସାହୁ, ଆୟୋଜନ କମିଟି ସମ୍ପାଦକ ରାଜକିଶୋର ପଟ୍ଟନାୟକ, ସଦସ୍ୟ ସୌମିତ୍ର ହରିଚନ୍ଦନ, ଅରବିନ୍ଦ ଦାସ, ରଞ୍ଜନ କୁମାର ରଥ, ସୌଭାଗ୍ୟ ସାହୁ, ବିଭୁ ପଶୁପାଳକ, ସହଦେବ ରାଉତ ପ୍ରମୁଖ ଯୋଗ ଦେଇଥିଲେ । ଉଦଘାଟନ ର ପ୍ରାରମ୍ଭରେ ଦିଲ୍ଲୀର ସିନିୟର ଅମ୍ପାୟର ଗୋପାଳ ସିଂ ଙ୍କ ବିୟୋଗରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି ପ୍ରତିଯୋଗିତା ୯ ତାରିଖ ପର୍ଯ୍ୟନ୍ତ ଚାଲିବ । ଦେଶର ବିଭିନ୍ନ ରାଜ୍ୟର ୨୬ ପୁରୁଷ ଓ ୨୪ ମହିଳା ଦଳ ଏଥିରେ ଅଂଶଗ୍ରହଣ କରିଛନ୍ତି ।

# ବିକାଶଠାରୁ ବହୁ ଦୂରରେ ହରିଚନ୍ଦନପୁର

ହରିଚନ୍ଦନପୁର, ୬/୦୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ଆଦିବାସୀ ବହୁଳ ହରିଚନ୍ଦନପୁର ବ୍ଲକକୁ ବିକାଶ ଛୁଇଁବ କେବେ ? ଅଦ୍ୟାବଧି ଏ ଦିଗରେ ପ୍ରଶାସନର ଦୃଷ୍ଟି ପଡୁନାହିଁ, ତାହାକୁ ନେଇ ସାଧାରଣରେ ଉଠିଛି ବଡ଼ ପ୍ରଶ୍ନ । ହରିଚନ୍ଦନପୁର ଠାରେ ସମସ୍ତ ବିଭାଗର କାର୍ଯ୍ୟାଳୟ ସହ ବିଭିନ୍ନ ଯୋଜନାମାନ ଥାଇ ମଧ କିଛି କାର୍ଯ୍ୟକାରୀ ହେଉନାହିଁ ଯେପରି, ଯାହା ଦେଖିଲେ ବିକାଶ ଛୁଇଁନାହିଁ ଭଳି ଅନୁମେୟ ହୁଏ ।

ହରିଚନ୍ଦନପୁର ଉପରେ ବ୍ଲକର ୨୫ଟି ପଂଚାୟତବାସୀଙ୍କ ଠାରୁ ଆରମ୍ଭ କରି ଆଖପାଖ ଘଟଗାଁ ବ୍ଲକର ଅନେକ ପଂଚାୟତ ସହ ଗାଁର ଲୋକେ ନିର୍ଭର କରିଥାନ୍ତି । ସାଧାରଣତଃ ଘଟଗାଁ ମା’ତାରିଣୀଙ୍କ ଦର୍ଶନ ନିମନ୍ତେ ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟାରେ ଭକ୍ତ ବା ଯାତ୍ରୀ ବିଭିନ୍ନ ଗାଡ଼ି ଯୋଗେ ଏହି ସ୍ଥାନ ଦେଇ ଯାତାୟତ କରିଥାନ୍ତି । ହେଲେ ଦୁଃଖ ପରିତାପର ବିଷୟ ଏଠାରେ ଯାତ୍ରୀଙ୍କ ନିମନ୍ତେ ପରିସ୍ରାଗାର କିମ୍ବା ଶୌଚାଳୟର ବ୍ୟବସ୍ଥା ଆଜି ପର୍ଯ୍ୟନ୍ତ ହୋଇପାରିନାହିଁ । ଯାହାଦ୍ୱାରା ପ୍ରତ୍ୟେକ ଦିନ ଦୂର ଦୂରାନ୍ତରୁ ଆସୁଥିବା ଶହଶହ ଯାତ୍ରୀ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବା ଦେଖିବାକୁ ମିଳେ । ବଜାର ଅଛି ସତ ହେଲେ ଆଜି ପର୍ଯ୍ୟନ୍ତ ଏଠାରେ ଡ୍ରେନର ବ୍ୟବସ୍ଥା ହୋଇନାହିଁ ଯାହା ଫଳରେ ବର୍ଷାଦିନେ ରାସ୍ତା ଉପରେ ଅଳିଆ ଆବର୍ଜ୍ଜନା ପାଣି ପ୍ରବାହିତ ହୁଏ । ବଜାରର ଅଳିଆ ଆବର୍ଜ୍ଜନା ପକାଇବା ପାଇଁ ସ୍ୱତନ୍ତ୍ର କୌଣସି ବ୍ୟବସ୍ଥା କରାଯାଇନାହିଁ, ଫଳରେ ଅଳିଆ ଆବର୍ଜ୍ଜନା ଗୁଡ଼ିକ ବଜାରର ଫାଙ୍କା ଥିବା ସ୍ଥାନରେ ପକାଯାଉଛି । ଏଠାକାର ଜନସାଧାରଣଙ୍କ ନିମନ୍ତେ ସ୍ୱଚ୍ଛ ପାନୀୟ ଜଳର ଅଭାବ ଦୂର କରିବା ପାଇଁ ସରକାରଙ୍କ ରାଜସ୍ୱରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚରେ ଏକ ଲକ୍ଷ ଲିଟର ଓଭରହେଡ୍ ପାଣି ଟାଙ୍କି ନିର୍ମାଣ କରାଯାଇଛି ସତ । ହେଲେ ନିର୍ମାଣ ପରେ କାର୍ଯ୍ୟକାରୀ ଅପେକ୍ଷାରେ ରହି ରହି ପାଣିଟାଙ୍କିଟି ଜରାଜିର୍ଣ୍ଣ ଅବସ୍ଥାରେ ପଡ଼ି ପଡ଼ି ଏବେ ଭାଙ୍ଗିବାକୁ ବସିଛି । ନଳକୂପର ସ୍ୱଚ୍ଛ ପାଣି ହରିଚନ୍ଦନପୁର ବାସିନ୍ଦାଙ୍କ ପାଇଁ ସ୍ୱପ୍ନ କହିଲେ ଅତ୍ୟୁକ୍ତି ହେବନାହିଁ, କାରଣ ସେ ସୁବିଧା ଏଠାରେ ନାହିଁ । ବିଭାଗ ଥାଇ ମଧ ଦୃଷ୍ଟି ଆକର୍ଷଣ ହେଉନାହିଁ, ଫଳରେ ନଦୀର ଜଳକୁ ସ୍ୱଚ୍ଛ ଜଳ ଭାବେ ଗ୍ରହଣ କରୁଛନ୍ତି ଏଠାକାର ଲୋକେ । ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏଠାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଛି, ହେଲେ ଶବ ବ୍ୟବଚ୍ଛେଦ ନିମନ୍ତେ କିଛି ସୁବିଧା ହୋଇନାହିଁ, ଯାହା ଫଳରେ ଏଠାକାର ଗରିବ ଆଦିବାସୀ ଶବ ବ୍ୟବଚ୍ଛେଦ ପାଇଁ ଅନେକ ଖର୍ଚ୍ଚାନ୍ତ ହୋଇ ବାଧ ହୋଇ ୪୫ କି.ମି. କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ଯାଉଛନ୍ତି । ସ୍ଥାନୀୟ ଲୋକଙ୍କ ପାଇଁ ଆଜି ପର୍ଯ୍ୟନ୍ତ ଏଠାରେ ଶବଦାହ ନିମନ୍ତେ ଶ୍ମଶାନର ବ୍ୟବସ୍ଥା ମଧ ହୋଇପାରିନାହିଁ । ଏଠାକାର ଚାଷୀ ପ୍ରତ୍ୟେକ ବର୍ଷ ଜଳକର ଦେଉଛନ୍ତି ସତ, ହେଲେ ଚାଷଜମିରେ କେବେ ହେଲେବି ଜଳ ଦେଖିବାକୁ ପାଇନାହାନ୍ତି । ଏଠାରେ କେନ୍ଦୁଝର ଜିଲ୍ଲାର ବଡ଼ ସାପ୍ତାହିକ ହାଟ ହୁଏ, ଯାହାକି ପଂଚାୟତରୁ ଜାଗା ନେଇ ଆରଏମସି ରକ୍ଷଣାବେକ୍ଷଣ କରି ବାର୍ଷିକ ଲକ୍ଷାଧିକ ଟଙ୍କା ଲାଭବାନ ହେଉଛି । କିନ୍ତୁ, ଆଜି ପର୍ଯ୍ୟନ୍ତ ହାଟ ମଧ୍ୟରେ ଅତି ଆବଶ୍ୟକୀୟ ସୁବିଧା ବେପାରୀ ତଥା ଲୋକଙ୍କୁ ଯୋଗାଇବାରେ ବିଫଳ ହୋଇଛି । ସେହିପରି ଏଠାରେ ପର୍ଯ୍ୟଟନ ସ୍ଥଳୀ ଭାବେ ବେଶ୍ ପରିଚିତ ଲୋକପ୍ରିୟ ଗୁଣ୍ଡିଚାଘାଗି ଜଳପ୍ରପାତ ରହିଛି । ଏଠାକୁ ହଜାର ହଜାର ଲୋକଙ୍କ ସମାଗମ ହେଉଛି । କିନ୍ତୁ, ଏପର୍ଯ୍ୟନ୍ତ ରାସ୍ତାଘାଟର ଉନ୍ନତିକରଣ ହୋଇପାରିନାହିଁ, ଅନ୍ୟ ସୁବିଧା କଥା ନ କହିବା ଭଲ, କାରଣ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ପଡୁନାହିଁ କି ଯୋଜନା ନାହିଁ ତାହା ମୁଖ୍ୟ ଆଲୋଚନାର ବିଷୟ ।

ଏହିଭଳି ବିଭିନ୍ନ ସମସ୍ୟା ଦେଇ ହରିଚନ୍ଦନପୁର ଗତି କରୁଥିବା ବେଳେ ’’ଦୀପ ତଳ ଅନ୍ଧାର ଭଳି‘ ଏଠାରେ ସବୁ ଥାଇ ମଧ କିଛି ନଥିବା ଭଳି ମନେ ହୁଏ । ଏଥିପ୍ରତି ରାଜ୍ୟ ତଥା ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଯଥା ସମ୍ଭବ ସମସ୍ୟାର ସମାଧାନ କରିବାକୁ ଜନସାଧାରଣ ଓ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

# ଜୁନିଅର ରେଡକ୍ରସ ୟୁନିଟର କାର୍ଯ୍ୟକ୍ରମକୁ କ୍ରିୟାଶୀଳ ପ୍ରଚେଷ୍ଟା

ସୁବର୍ଣ୍ଣପୁର , ୬/୦୨ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ଅନ୍ତର୍ଗତ ବିଭିନ୍ନ ହାଇସ୍କୁଲ ରେ ଜୁନିଅର ରେଡକ୍ରସ ୟୁନିଟର କାର୍ଯ୍ୟକ୍ରମକୁ କ୍ରିୟାଶୀଳ କରିବାକୁ ଉଦ୍ୟମ କରାଯାଇଛି । ଜିଲ୍ଲା ଜୁନିଅରା ରେଡକ୍ରସ ଅଫିସର ରବିଚନ୍ଦ୍ର ପଶାୟତଙ୍କ ନେତୃତ୍ୱରେ ଆରଡିଓ ଝସକେତନ ମେହେର, ରକ୍ଷକ ସାଧନକର୍ମି ଆଶିଷ ନାଏକ ତରଭା ବ୍ଲକର ବିଭିନ୍ନ ହାଇସ୍କୁଲକୁ ପରିଦର୍ଶନରେ ଯାଇ ସ୍କୁଲ ସ୍ତରୀୟ ଜୁନିଅର ରେଡକ୍ରସ ୟୁନିଟକୁ କ୍ରିୟାଶୀଳ କରିବାକୁ ପ୍ରଧାନଶିକ୍ଷକ ଏବଂ ପରାମର୍ଶଦାତା ମାନଙ୍କ ସହିତ ଆଲୋଚନା କରିଛନ୍ତି । ଛାତ୍ର ଛାତ୍ରୀ ମାନଙ୍କୁ ଜୁନିଅର ରେଡକ୍ରସର ଆନ୍ଦୋଳନ, ଉଦ୍‌ବୋଧନୀ, ବିଭିନ୍ନ ତାଳି, ମୋଟୋ, ଲକ୍ଷ୍ୟ, ଉଦ୍ଦେଶ୍ୟ, ସପ୍ତନୀତି, ବିଦ୍ୟାଳୟରେ ବିଭିନ୍ନ ସେବା ମୂଳକ କାର୍ଯ୍ୟକ୍ରମ ବିଷୟରେ ତାଲିମପ୍ରଦାନ କରିଛନ୍ତି ଓ ଆଗାମୀ ଦିନରେ ଛାତ୍ରଛାତ୍ରୀ ମାନେ କିଭଳି ନିଜ ନିଜ ଶିକ୍ଷାକୁ ଗ୍ରହଣ କରିବା ସହିତ ସମାଜର ବିକାଶ କାର୍ଯ୍ୟକ୍ରମରେ ସାମିଲ ହେବେ ସେ ବିଷୟରେ ମାର୍ଗଦର୍ଶନ କରା ଯାଇଛି । ଶିବତୁଲା ହାଇସ୍କଲର ପ୍ରଧାନ ଶିକ୍ଷୟିତ୍ରୀ ସୁହାସୀ ଦଣ୍ଡସେନା, ସରଗଜ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଗୀତାଂଜଳୀ ମେହେର, ତରଭା ହାଇସ୍କୁଲ ପ୍ରଧାନଶିକ୍ଷକ ସୁରଜ ସେଠୀ, କଂଟାପାଲି ହାଇସ୍କୁଲର ପ୍ରଧାନଶିକ୍ଷକ ରାଜେନ୍ଦ୍ର ମିଶ୍ର, ଝାରତରଭା ହାଇସ୍କୁଲର ପ୍ରଧାନଶିକ୍ଷକ ପଦ୍ମନାଭ କର୍ଣ୍ଣ, ତରଭା ବାଳିକା ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଶାନ୍ତିଲତା ତ୍ରିପାଠୀ, ବଡଭଇରୋଁ ହାଇସ୍କୁଲ ର ସୁରେନ୍ଦ୍ର କୁମାର ମିଶ୍ର, କାଉନସିଲର ଶତ୍ରୁଘ୍ନ ନାଏକ, ଖୁଲଣା ପଧାନ, ଶ୍ରୀଧର ପୁଟେଲ, ଶିବତୁଲା ହାଇସ୍କୁଲର ଶିକ୍ଷୟିତ୍ରୀ ପଲ୍ଲବୀ ଦାଶ, ଶଙ୍କର ସାହୁ, ବୁଧରାମ ବେହେରା, ରୋଶନ ଭୋଇ, ଦୂର୍ଯ୍ୟୋଧନ କର୍ଣ୍ଣ, ଦିବ୍ୟରଂଜନ ବିଭାର, ସରଗଜ ହାଇସ୍କଲର ଶିକ୍ଷକ ଗଣେଷ ମିଶ୍ର, ସ୍ୱାଗତ ବେଦବାଗ, ସୁଜାତା ନାଏକ, ଆରତୀ ଜେନା କାର୍ଯ୍ୟକ୍ରମରେ ସହ ଯୋଗ କରିଥିଲେ । କାର୍ଯ୍ୟକ୍ରମକୁ ସାଧନକର୍ମି ଆଶିଷ ନାଏକ, ବିସିସି ବିଜୟ କୁମାର ପଣ୍ଡା ଏବଂ ଶ୍ରୀହରି ବିଦ୍ୟାନିକେତନର ରାଜେଶ ମେହେର ସଂଯୋଜନା କରିଥିଲେ । ଏହି ଅବସରରେ ସମାଜର ଅବହେଳିତ ଓ ଅସହାୟ ବ୍ୟକ୍ତି ବିଶେଷଙ୍କୁ ଶୀତବସ୍ତ୍ର ଏବଂ ଶୁଖିଲା ଖାଦ୍ୟ ବଂଟନ କରାଯାଇଥିଲା ।

# ନୂତନ ରାଜସ୍ୱ ଗ୍ରାମ ସୀମା ପରିବର୍ତ୍ତନକୁ ଆଦିବାସୀଙ୍କ ବିରୋଧ

ମାଲକାନଗିରି, ୬/୦୨ (ନି.ପ୍ର): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପଡ଼ା ଗ୍ରାମକୁ ନୂତନ ରାଜସ୍ୱ ଗ୍ରାମ ମାନ୍ୟତା ପ୍ରଦାନ ଲାଗି ସୀମା ପରିବର୍ତନ ପାଇଁ ଯାଇଥିବା ରାଜସ୍ୱ କର୍ମଚାରୀ ମାନେ ଆଦିବାସୀଙ୍କ ବିରୋଧର ସମ୍ମୁଖୀନ ହୋଇଥିବା ସୂଚନା ମିଳିଛି ।

ମାଲକାନଗିରି ଜିଲ୍ଲା କାଲିମେଳା ତହସିଲର ସଦର ରାଜସ୍ୱ ସର୍କଲର ଏମଭି-୭୦ ଏବଂ ଏମପିଭି-୩୭ ପଡ଼ା ଗ୍ରାମକୁ ସୀମା ପରିବର୍ତନ ପାଇଁ କାଲିମେଳା ରାଜସ୍ୱ ନିରୀକ୍ଷକ ବଜା ମାଡକାମି, ସୁପରଭାଇଜର ରାମକୃଷ୍ଣ ପଟ୍ଟନାୟକ, ଅମିନ ଦିନେଶ ବିଶ୍ୱାସ ଗତକାଲି କୁତମାନପାଲି ଗ୍ରାମରେ ପହଂଚି ଏ ସମ୍ପର୍କରେ ଲୋକଙ୍କୁ ଅବଗତ କରିଥିଲେ । କିନ୍ତୁ, ସ୍ଥାନୀୟ ଏକ ହଜାରରୁ ଉର୍ଦ୍ଧ ଆଦିବାସୀ ଲୋକ ରୁଣ୍ଡ ହୋଇ ଏହାକୁ ବିରୋଧ କରିଥିବା ସୂଚନା ମିଳିଛି । ଫଳରେ ସୀମା ପରିବର୍ତନ କରିନପାରି ରାଜସ୍ୱ କର୍ମଚାରୀମାନେ ସେଠାରୁ ଫେରି ଆସିଥିଲେ । ମାଲକାନଗିରି ଜିଲ୍ଲାର ମୂଳ ରାଜସ୍ୱ ଗ୍ରାମର ସୀମା ପରିବର୍ତନ କରି ପଡ଼ା ଗ୍ରାମକୁ ନୂତନ ରାଜସ୍ୱ ଗ୍ରାମ ଭାବେ ଗ୍ରହଣ କରିବା ପ୍ରସ୍ତାବ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ସୂଚନା ମିଳିଛି । ଏହି କ୍ରମରେ କାଲିମେଳା ତହସିଲର ୯୫ରୁ ଉର୍ଦ୍ଧ ପଡ଼ା ଗ୍ରାମକୁ ନୂତନ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ କରାଯିବ । କାଲିମେଳା ତହସିଲର ୮ଟି ସର୍କଲ ମଧ୍ୟରୁ କାଲିମେଳାର ୮ଟି, ମାନ୍ୟମକୋଣ୍ଡାର ୩୨ଟି, କୋଇମେଟଲାର ୮ଟି, ମାଲାଭରମର ୮ଟି, ମହାରାଜପାଲିର ୪ଟି, କାଙ୍ଗୁରକୋଣ୍ଡାର ୧୭ଟି, ଭେଜାଙ୍ଗିୱାଡାର ୨୯ଟି ଏବଂ ଉଣ୍ଟକୋଣ୍ଡା ସର୍କଲର ୮ଟି ମୋଟ ୧୦୬ ଟି ମୂଳ ରାଜସ୍ୱ ଗ୍ରାମ ରହିଅଛି । ମୂଳ ରାଜସ୍ୱ ଗ୍ରାମ ଅଧିନରେ ଅନେକ ପଡ଼ା ଗ୍ରାମ ରହିଅଛି । ତେବେ ଯେଉଁ ପଡ଼ା ଗ୍ରାମରେ ୨୫୦ରୁ ଉର୍ଦ୍ଧ ଜନସଂଖ୍ୟା ରହିଛି, ସେହି ପଡ଼ା ଗ୍ରାମକୁ ନୂତନ ରାଜସ୍ୱ ଗ୍ରାମ ଭାବେ ମାନ୍ୟତା ପ୍ରଦାନ କରାଯିବ ବୋଲି ଜଣାପଡିଛି । ତହସିଲ ସଦର କାଲିମେଳା ସର୍କଲରେ ୮ଟି ପୁରୁଣା ମୂଳ ରାଜସ୍ୱ ଗ୍ରାମ ରହିଥିବା ବେଳେ ବର୍ତମାନ ୧୨ଟି ନୂଆ ରାଜସ୍ୱ ଗ୍ରାମ ଅନ୍ତର୍ଭୁକ୍ତ ହେବାକୁ ଯାଉଛି । ସେଗୁଡିକ ହେଲା, ଏମଭି-୯୦, ଏମଭି-୬୯, ଏମପିଭି-୩୧, ଏମପିଭି-୩୫, ଏମଭି-୭୦, ଏମପିଭି-୩୭, ଏମପିଭି-୨୭, ଆଦିବାସୀ କଲୋନୀ, ପୁଣ୍ଡୁଗୁଡା, ବଡ୍ଡୁଗୁଡା, ଆରଆରଓ କଲୋନୀ ଏବଂ ତୁମ୍ବାଗୁଡା ଗ୍ରାମ । ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ କରିବାକୁ ପୂର୍ବରୁ ଜିଲ୍ଲାର ବେଙ୍ଗଲୀ ଲୋକେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ । ସେହି ସମୟରେ ଜିଲ୍ଲାର କେତେକ ଆଦିବାସୀ ସଂଗଠନ ଏହାକୁ ବିରୋଧ କରି ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି । ଜିଲ୍ଲାରେ ମୋଟ ୨୧୪ଟି ବେଙ୍ଗଲୀ ପଡ଼ାଗ୍ରାମ ରହିଥିବା ବେଳେ ସରକାର ଏବେ ବେଙ୍ଗଲୀ ପଡ଼ା ଗ୍ରାମ ସମେତ ଅନ୍ୟ ଆଦିବାସୀ ପଡ଼ା ଗ୍ରାମ ଗୁଡ଼ିକୁ ରାଜସ୍ୱ ଗ୍ରାମ ମାନ୍ୟତା ପ୍ରଦାନ ପାଇଁ ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ରୁଲସ ୧୯୬୨ ନିୟମ ୬୧(୧) ଓ (୭) ମୁତାବକ ସୀମା ପରିବର୍ତନ କରି ନୂତନ ରାଜସ୍ୱ ଗ୍ରାମ ଗଠନ ପଦକ୍ଷେପ ନେଇଛନ୍ତି । ସୀମା ପରିବର୍ତନ ଯୋଗୁଁ ଗୋଚର ଜମି, ଜଙ୍ଗଲ ଜମି, ପାହାଡ଼, ପର୍ବତ, ନଦୀ, ଝରଣା, ନାଳ ଆଦି ଅଲଗା ଅଲଗା ହେଲେ ଗାଈଗୋରୁ ଚରାଇବା, ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ, ଜାଳେଣି କାଠ ସଂଗ୍ରହ, ପାଣି ସଂଗ୍ରହ ସମୟରେ ସମସ୍ୟା ଉପୁଜିବ ବୋଲି ଅଭିଯୋଗ ହୋଇଥିଲା । ତାଛଡା ଚାଷ ଜମି ଅଲଗା ହେବା ଦ୍ୱାରା ରେକର୍ଡ ସଂଶୋଧନ, ଖଜଣା ପୈଠ, ଆଦିବାସୀ ଓ ଅନ୍ୟ ଗୋଷ୍ଠୀ ମଧ୍ୟରେ ବିଶୃଙ୍ଖଳା, ମୂଳ ଓ ନୂତନ ରାଜସ୍ୱ ଗ୍ରାମ ମଧ୍ୟରେ ସୁ ସଂପର୍କ ନଷ୍ଟ ଭଳି ଅନେକ ସମସ୍ୟା ହେବ ବୋଲି ମଧ ଅଭିଯୋଗ ହୋଇଛି । ତେଣୁ ସୀମା ପରିବର୍ତନ କରି ନୂତନ ରାଜସ୍ୱ ଗ୍ରାମ ମାନ୍ୟତା ପ୍ରଦାନ ପଦକ୍ଷେପ ବନ୍ଦ କରାନଗଲେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଆଦିବାସୀ ମାନେ ଚେତାବନୀ ଦେଇଛନ୍ତି ।

# ଧର୍ମଶାଳା କଂଗ୍ରେସ ପକ୍ଷରୁ ଭାରତ ଯୋଡ ଅଭିଯାନ

ଧର୍ମଶାଳା, ୬/୦୨ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା କଂଗ୍ରେସ ପକ୍ଷରୁ ଭାରତ ଯୋଡ କାର୍ଯ୍ୟକ୍ରମ ଜାରି ରହିଛି । ଏହି କ୍ରମରେ କଂଗ୍ରେସ ପ୍ରତି ପଂଚାୟତକୁ ଯାଇ ଏହି ଭାରତ ଯୋଡର ଆଭିମୁଖ୍ୟକୁ ଜନସାଧାରଣଙ୍କ ନିକଟରେ ଉପସ୍ଥାପନ କରିଛି । ଆଜି ଅପରାହ୍ନରେ ଧର୍ମଶାଳା କଂଗ୍ରେସର ବରିଷ୍ଠ ନେତା କିଶାନ ପଣ୍ଡାଙ୍କ ନେତୃତ୍ୱରେ ଏକ କଂଗ୍ରେସ ଟିମ୍ ଅରାବଳ ପଂଚାୟତସ୍ଥ ମହାନପୁରସ୍ଥ ପାଲା ମଣ୍ଡପ ନିକଟରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା । ବରିଷ୍ଠ କୃଷକ ନେତା ବସନ୍ତ କୁମାର ପରିଡା, ଦଳୀତ ସଂଖ୍ୟାଲଘୁ ରାଜ୍ୟ ସଭାପତି ବାବୁଲି ମଲ୍ଲିକ, କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ରାୟ, ଧର୍ମଶାଳା କଂଗ୍ରେସର ସଂଖ୍ୟାଲଘୁ ସମ୍ପାଦକ ସେକ୍ କମୋ ଓ ଯୁବ ନେତା ନୁହୁ ଆଲାମ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କୁ କଂଗେସର ଏହି ଭାରତ ଯୋଡ ସମ୍ପର୍କରେ ମତ ପ୍ରକାଶ କରିଥିଲେ । ଅଞ୍ଜି କୁମାର ଠିଆରଷଣ୍ଡ, ମାନସ ସାମଲ, କରୁଣାକର ସାମଲ, କମଳ ଲୋଚନ ସାମଲ, ନକୁଳ ଜେନା, ଉଦୟ ବିଶ୍ୱାଳ, ଅଶୋକ ବେହେରା, କେଦାର ମଲ୍ଲିକ, ଭୀମସେନ ମଲ୍ଲିକ, ସହଦେବ ମଲ୍ଲିକ, ପ୍ରଶାନ୍ତ ମଲ୍ଲିକ, ଦାମୋଦର ବାରିକଙ୍କ ସମେତ ଶହଶହ ସଂଖ୍ୟାରେ କଂଗ୍ରେସ କର୍ମୀ ଉପସ୍ଥିତ ରହିଥିଲେ ।

# ସନ୍ଥ ଶିରୋମଣି ଗୁରୁ ରବି ଦାସ ଜୟନ୍ତୀ ପାଳିତ

ବଲାଙ୍ଗୀର, ୬/୦୨ (ନି.ପ୍ର): ବଲାଙ୍ଗୀର ଦଳିତ ସମାଜ ପକ୍ଷରୁ ସ୍ଥାନୀୟ ରୋହିଦାସ ନଗର (ଚମରା ପଡା )ଠାରେ ସନ୍ଥ ଶିରୋମଣି ଗୁରୁ ରବି ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଦଳିତ ନେତା ତଥା ବିଏସ୍‌ପି ର ଜିଲ୍ଲା ସଭାପତି ଦ୍ରୋଣ କୁମ୍ଭାରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଜୟନ୍ତୀ ସମାରୋହ ରେ ଦଳିତ ସମାଜର ଶତାଧିକ ଭାଇଭଉଣୀ ଯୋଗ ଦେଇ ରବି ଦାସଙ୍କ ଦଳିତ ସମାଜ ପ୍ରତି ମହନୀୟ ଅବଦାନ ସଂପର୍କରେ ଆଲୋଚନା କରିଥିଲେ । ସଭା ପ୍ରାରମ୍ଭରେ ଦଳିତ ସମାଜର ସଭ୍ୟ ମାନେ ରବିଦାସ ଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏହି ଅବସରରେ ଏକ ବାଇକ୍ ରାଲି ସହର ପରିକ୍ରମା କରିଥିଲା । ଏଥିରେ କାଉନସିଲର କିଶୋର କୁମ୍ଭାର ଙ୍କ ସମେତ ଅନ୍ୟ ମାନେ ଉପସ୍ଥିତ ଥିଲେ । ବାଇକ୍ ରେଲି ସ୍ଥାନୀୟ ଚମାର ପଡାରୁ ବାହାରି ବ୍ରାହ୍ମଣ ପଡାରେ ପହଂଚି ଥିଲା ।

# ଶ୍ରୀ ମହାମାୟୀ ମା’ କୁଆଁସ ମଙ୍ଗଳାଙ୍କର ୪୪ ତମ ବିଶ୍ୱଶାନ୍ତି ମହାଯଜ୍ଞ

କୋରେଇ, ୬/୦୨ (ନି.ପ୍ର): କୋରାଇ ବ୍ଲକ ଅନ୍ତର୍ଗତ ପଥରପଦା ପଂଚାୟତର ନୂଆପଦା ଗ୍ରାମରେ ଶ୍ରୀ ମହାମାୟୀ ମା କୁଆଁଶ ମଙ୍ଗଳାଙ୍କର ୪୪ ତମ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେଉଛି । ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ୫ ଦିନ ବ୍ୟାପି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଶନିବାର ଅଧିବାସ ଓ ଘଟୋଉତୋଳନ ପରେ ଆଜି ସୂର୍ଯ୍ୟପୂଜା, ଯଜ୍ଞାରମ୍ଭ, ପୂଜ୍ୟପୂଜା, ଗୋ ପୂଜା, ଷୋଡେଶ ଉପଚାର ପୂଜା, ହୋମ ଯଜ୍ଞ, ଚଣ୍ଡିପାଠ, ନାମ ଯଜ୍ଞ, ଆନନ୍ଦ ବଜାରରେ ପ୍ରସାଦ ସେବନ ଆଦି କରାଯାଇଛି । ଯଜ୍ଞର ୮ ତାରିଖ ପୂର୍ଣ୍ଣାହୂତୀ କରାଯିବ । ପୁରୋହିତ ପଣ୍ଡିତ ରବି ନାରାୟଣ ପଣ୍ଡା, ରଘୁନାଥ ପାଢୀ, ନରୋତମ ପାଣିଗ୍ରାହୀ, ଶ୍ରୀକାନ୍ତ ପଣ୍ଡା, ପରମାନନ୍ଦ ପାଣିଗ୍ରାହୀ, ଅନିଲ କୁମାର ଦାଶ, ସେବାକାରୀ ଗଗନ ବିହାର ମାଝୀ ଓ କୁନା ମାଝୀ ପ୍ରମୁଖ କାର୍ଯ୍ୟ ସମ୍ପାଦନା କରୁଛନ୍ତି । କର୍ତା ଭାବେ ବ୍ରଜ କିଶୋର ଦାଶ, ରବିନାରାୟଣ ପଣ୍ଡା ଓ ପଦ୍ମନାଭ ବୋଇତାଇ ଯୋଗଦାନ କରିଛନ୍ତି । ଭକ୍ତ ଓ ଶ୍ରଦ୍ଧାଳୁ ମାଙ୍କ ବିଭୁକୃପା ଲାଭ କରୁଛନ୍ତି । ଚଳିତ ବର୍ଷ ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପାଲା, ଭଜନ ସନ୍ଧ୍ୟା, ପୂଜାର୍ଚ୍ଚନା ଓ ଯଜ୍ଞ କରାଯାଉଛି । ଗ୍ରାମରେ ଆମିଷ ନିଷିଦ୍ଧ କରାଯିବା ସହ ସମସ୍ତଙ୍କ ଘରେ ମାଙ୍କ ଦର୍ଶନ ପାଇଁ ବନ୍ଧୁବାନ୍ଧବ ପହଂଚି ସାରିଛନ୍ତି । ନୂଆପଦାର ଗଣପର୍ବ ଏହି କାର୍ଯ୍ୟକ୍ରମ ସମସ୍ତ ଗ୍ରାମବାସୀ ସହଯୋଗ କରୁଛନ୍ତି । ଏଥି ସହିତ ଆଜି କମିଟିର ଦିବଂଗତ ସଦସ୍ୟ ମାନଙ୍କ ପାଇଁ ଭକ୍ତପୂତ ଶ୍ରଦ୍ଧାଂଜଳୀ ସହ ପୂଜ୍ୟପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗଦାଧର ମହାନ୍ତିଙ୍କ ସଂଚାଳନାରେ ସ୍ଥାନୀୟ ଅଂଚଳର ୨୭ ଜଣ ବୟସ୍କ ବ୍ୟକ୍ତିଙ୍କୁ ପୂଜାର୍ଚ୍ଚନା କରିବା ସହ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପଣ୍ଡିତ ଡକ୍ଟର ସୂର୍ଯ୍ୟମଣି ଖୁଂଟିଆ, ଅଦୈତ୍ୟ ଚରଣ ଦାଶ, ନୃସିଂହ ଦଳାଇ, ଗାୟକ ନଟରାଜ ଚୈତନ୍ୟ ବିଶ୍ୱାଳ, ବିଷ୍ଣୁ ଚରଣ ରାଉତ ପ୍ରମୁଖ ନୂଆପଦା ଗ୍ରାମରେ ଏଭଳି ପୂଜ୍ୟପୂଜା ବିରଳ ମୋଲି ବର୍ଣ୍ଣନା କରିଥିଲେ । ମା କୁଆଁସ ମଙ୍ଗଳାଙ୍କ ଉପରେ ଏକ ପୁସ୍ତକ ରଚନା ପାଇଁ ଶ୍ରୀ ଖୁଂଟିଆ ପ୍ରସ୍ତାବ ରଖିବା ସହ ସମଗ୍ର ଅଂଚଳରେ ପୂଜ୍ୟପୂଜାକୁ ଗୁରୁତ୍ୱ ଦେଇ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଯୁବକ ମାନଙ୍କୁ ପରାମର୍ଶ ଦେଇଥିଲେ । ଶେଷରେ ବରିଷ୍ଠ ସାମ୍ବାଦିକ ସୁବାସ ଧଳ ଧନ୍ୟବାଦ ଦେବା ସହ ପୂଜିତ ବରିଷ୍ଠ ମାନଙ୍କ ଠାରୁ ଆର୍ଶିବାଦ ଗ୍ରହଣ କରିଥିଲେ । ଅନୁଷ୍ଠାନର ସଭାପତି ପ୍ରଶାନ୍ତ କୁମାର ମହାନ୍ତି, ବିରଂଚି ନାରାୟଣ ମହାନ୍ତି, ହିମାଦ୍ରୀ ଦାସ, ନବଘନ ସ୍ୱାଇଁ, ରବି ନାରାୟଣ ପଣ୍ଡା, ବ୍ରଜ କିଶୋର ଦାସ, ଜନାର୍ଦ୍ଦନ ଓଝା, ମହେଶ୍ୱର ସେଠୀ, ବନମାଳୀ ସାହୁ, ବାବନ ଚରଣ ବେହେରା, ଦିନବନ୍ଧୁ ବୋଇତାଇ, ଜଗବନ୍ଧୁ ପଲାଇ, ଦୀନବନ୍ଧୁ ମାଝୀ, ଗଙ୍ଗାଧର ସାହୁଙ୍କ ସମତେ ଗ୍ରାମବାସୀଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଯଜ୍ଞର କାର୍ଯ୍ୟକ୍ରମ ଚାଲୁ ରହିଛି । ଗ୍ରାମର ଯୁବକ ମାନଙ୍କ ଦ୍ୱାରା ସମସ୍ତ କାର୍ଯ୍ୟ ସମ୍ପାଦିତ କରାଯାଉଛି ।

# ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଗଜ ଉଦ୍ଧାରଣ ବେଶ

ପୁରୀ, ୬/୦୨ (ନି.ପ୍ର): ମାଘ ପୂର୍ଣ୍ଣିମା ତିଥିରେ ଆଜି ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଗଜ ଉଦ୍ଧାରଣ ବେଶ ଅନୁଷ୍ଠିତ ହୋଇଛି । ମଧ୍ୟାହ୍ନ ଧୂପ ପରେ ଶ୍ରୀଜୀଉଙ୍କ ଏହି ବେଶ ସମ୍ପନ୍ନ ହୋଇଛି । ରତ୍ନ ସିଂହାସନ ଉପରେ ଶ୍ରୀଜୀଉଙ୍କୁ ଏହି ବେଶ ଲାଗି କରାଯିବା ସହ କାଠ ଓ ଶୋଲ ନିର୍ମିତ ଦୁଇଟି ହାତୀ ଶ୍ରୀଜୀଉଙ୍କ ସମ୍ମୁଖରେ ରଖାଯାଇଛି । ମହାପ୍ରଭୁଙ୍କ ଏହି ଦୁର୍ଲ୍ଲଭ ବେଶ ଦର୍ଶନ ପାଇଁ ଶ୍ରୀମନ୍ଦିରରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଛି ।

ପୌରାଣିକ ତଥ୍ୟ ଅନୁଯାୟୀ, ଏକଦା ବରୁଣ ହ୍ରଦରେ ଗଜରାଜ ସ୍ନାନ କରୁଥିବା ସମୟରେ ସେହି ହ୍ରଦରେ ଥିବା ଗୋଟିଏ ବିରାଟକାୟ କୁମ୍ଭୀର ତାଙ୍କୁ ଆକ୍ରମଣ କରିଥିଲା । କୁମ୍ଭୀର ଆକ୍ରମଣରୁ ରକ୍ଷା ପାଇବା ପାଇଁ ଗଜରାଜ ମହାପ୍ରଭୁଙ୍କୁ ସ୍ମରଣ କରିଥିଲେ । ଗଜରାଜର ପ୍ରାର୍ଥନାରେ ସ୍ୱୟଂ ପୁରୁଷୋତମ ତତକ୍ଷଣାତ ଭକ୍ତ ଗଜଙ୍କୁ କୁମ୍ଭୀର ଆକ୍ରମଣରୁ ରକ୍ଷାକରିବା ପାଇଁ ଚକ୍ରପେଷି କୁମ୍ଭୀରକୁ ମାରିଥିଲେ ଓ ଗଜରାଜଙ୍କୁ ଉଦ୍ଧାର କରିଥିଲେ । ସେହି ପୌରାଣିକ ଆଖ୍ୟାୟିକାର ସ୍ମୃତିରେ ଶ୍ରୀମନ୍ଦିରରେ ଅତ୍ୟନ୍ତ ପୁରାତନ ସମୟରୁ ଶ୍ରୀବିଗ୍ରହମାନଙ୍କ ଗଜ ଉଦ୍ଧାରଣ ବେଶ ଅନୁଷ୍ଠିତ ହୋଇଆସୁଛି । ଗଜ ଉଦ୍ଧାରଣ ବେଶ ଦି’ପହର ଧୂପ ସରିବା ପରେ ହୋଇ ସନ୍ଧ୍ୟାରେ ସାହାଣ ମେଲା ହେବା ଯାଏ ରହିଥାଏ । ଗଜ ଉଦ୍ଧାରଣ ବେଶର ବିଶେଷତ୍ୱ ହେଲା ଏହି ବେଶରେ ଜଗନ୍ନାଥ ଓ ବଳଭଦ୍ର ଚତୁଃହସ୍ତ ରୂପେ ଓ ସୁଭଦ୍ରା ଦ୍ୱିଭୁଜ ବିଶିଷ୍ଟା ହୁଅନ୍ତି । ଚତୁଃହସ୍ତଧାରୀ ଶ୍ରୀ ଜଗନ୍ନାଥ ଗରୁଡ଼ ଉପରେ ବସିଥିବା ପ୍ରଦର୍ଶିତ ହୋଇଥାଏ । ଉଡ୍ଡୟନରତ ଭଙ୍ଗୀରେ ଥିବା ଦୁଇଟି ପକ୍ଷ ବିଶିଷ୍ଟ ଗରୁଡ଼ ମୁଖ୍ୟତଃ କାଠ, ଶୋଲ ଏବଂ ଜରିରେ ନିର୍ମିତ ହୋଇଥାଏ । ପକ୍ଷ ବିସ୍ତାରି ଉଡୁଥିବା ଗରୁଡ଼ ପୃଷ୍ଠରେ ଜଗନ୍ନାଥ ପଦ୍ମାସନ ଭଙ୍ଗୀରେ ବସିଥାନ୍ତି । ଶ୍ରୀ ଜଗନ୍ନାଥଙ୍କ ଚାରିହସ୍ତରେ ଶୋଲ ଓ ଜରି ନିର୍ମିତ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଶୋଭାପାଇଥାଏ । ପଦ୍ମାସନ ଭଙ୍ଗୀରେ ଗୋଟିଏ ଆସ୍ଥାନରେ ବସିଥିବା ବଳଭଦ୍ର ତାଙ୍କର ଉର୍ଦ୍ଧ୍ୱ ଦୁଇ ହସ୍ତରେ ଶୋଲ ଓ ଜରି ନିର୍ମିତ ଶଙ୍ଖ ଓ ଚକ୍ର ତଥା ନିମ୍ନ ଦୁଇ ହସ୍ତରେ ହଳ (ବାମ) ଓ ମୂଷଳ (ଦକ୍ଷିଣ ହସ୍ତରେ) ଧାରଣ କରିଥାନ୍ତି । ସୁଭଦ୍ରା ଦୁଇଭୁଜ ଓ ଦୁଇ ପଦଯୁକ୍ତା ହୋଇ କୃଷ୍ଣଙ୍କ ଭଳି ଛନ୍ଦାୟିତ ଭଙ୍ଗୀରେ ଛିଡ଼ା ହୋଇଥାନ୍ତି । ଦେବୀଙ୍କ ହସ୍ତଦ୍ୱୟ ମୁଷ୍ଟିବଦ୍ଧ ତଥା ତଳ ଉପର ହୋଇ ରହିଥାଏ ଏବଂ ସେ ଧରିଥାଆନ୍ତି ପଦ୍ମ କଳିକାଟିଏ । ଏହି ବେଶରେ କାଠ ଓ ଶୋଲ ନିର୍ମିତ ଦୁଇଟି ହସ୍ତୀ ପ୍ରତିମୂର୍ତି ବ୍ୟବହୃତ ହୋଇଥାଏ । ଗୋଟିଏ ହସ୍ତୀ ବଳଭଦ୍ରଙ୍କ ସମୀପରେ ରତ୍ନ ସିଂହାସନ ଆଗରେ ଏବଂ ଅନ୍ୟଟି ଶ୍ରୀ ଜଗନ୍ନାଥଙ୍କ ବିଗ୍ରହ ସମ୍ମୁଖରେ ରଖାଯାଇଥାଏ । ଜଗନ୍ନାଥଙ୍କ ସମ୍ମୁଖରେ ଥିବା ଗଜଟି ଆର୍ତ ହରଣ ପାଇଁ ଆକୁଳ ନିବେଦନ କରୁଥିବା ଭଙ୍ଗୀରେ ପ୍ରଦର୍ଶିତ ହୁଏ । ତା’ର ପାଦଗୁଡ଼ିକ ମଧ୍ୟରେ ଥାଏ ଆକ୍ରମଣରତ କୁମ୍ଭୀରର ପିତୁଳା ଏବଂ ହସ୍ତୀଟିର ଟେକି ହୋଇଥିବା ଶୁଣ୍ଢରେ ପ୍ରସ୍ଫୁଟିତ ପଦ୍ମଫୁଲ ଶୋଭା ପାଇଥାଏ ।

ଗଜଉଦ୍ଧାରଣ ବେଶରେ ତିନି ଠାକୁରଙ୍କ ମଥାରେ ଚୂଳ ଓ କିରୀଟ ସହ ସୁବର୍ଣ୍ଣ ନିର୍ମିତ ପଦ୍ମମାଳି, କଦମ୍ବମାଳି ପ୍ରଭୃତିରେ ଭୁଷିତ ହୋଇଥାନ୍ତି । ଏହି ବେଶ ସମୟତକ ରତ୍ନସିଂହାସନରେ ଶୋଭା ପାଉଥିବା ଲକ୍ଷ୍ମୀଙ୍କର ସୁବର୍ଣ୍ଣପ୍ରତିମାଙ୍କୁ ଜଗନ୍ନାଥଙ୍କ କୋଳରେ ରଖାଯାଏ । ସଂନ୍ଧ୍ୟାଧୂପରେ ସ୍ୱତନ୍ତ୍ର ଭୋଗ ରୂପେ ଶ୍ରୀଜୀଉଙ୍କୁ କ୍ଷୀରି ଓ ଅମାଲୁ ଅର୍ପିତ ହୋଇଥାଏ ।

# ଡକାୟତ ଦଳକୁ ଗିରଫ କଲା ବୈରୀ ପୋଲିସ : ୨ଟି ଗୁଳି ଭର୍ତ୍ତି ବନ୍ଧୁକ ସହ ମାରଣାସ୍ତ୍ର ଜବତ

ଧର୍ମଶାଳା, ୬/୦୨ (ନି.ପ୍ର): ଯାଜପୁର ଜିଲା ବୈରୀ ପୋଲିସକୁ ସଫଳତା । ଡକାୟତ କରିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ଏକ ଡକାୟତ ଦଳକୁ ଗିରଫ କରିଛି । ବୈରୀ ୧୬ ନମ୍ବର ଜାତୀୟ ରାଜପଥ ଛତିଆ ରାଜପଥରେ ଡକାୟତି ଉଦ୍ୟମ ପାଇଁ ଯୋଜନା ବେଳେ ୨ଟି ଦେଶୀ ବନ୍ଧୁକ, ୨ଟି ଜୀବନ୍ତ ଗୁଳି ସହ ବିଭିନ୍ନ ମାରଣାସ୍ତ୍ର ଓ ବ୍ୟବହୃତ ବାଇକ ସହ ୫ ଜଣ ଡକାୟତ ଦଳକୁ ଗିରଫ କରିଥିଲା । ଏନେଇ ଆଜି ଅପରାହ୍ନରେ ଯାଜପୁର ଏଔଓଡିପିଓ ସଂଜୟ କୁମାର ପଟ୍ଟନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଏକ ବିଶ୍ୱସ୍ତ ସୂତ୍ରରୁ ଯାଜପୁର ଆରକ୍ଷୀ ଅଧିକ୍ଷକ ଭିନ୍ନିତ ଅଗ୍ରୱାଲ ଖବର ପାଇ ଘଟଣାସ୍ଥଳରେ ଚଢାଉ ପାଇଁ ଯାଜପୁର ଏସଡିପିଓ ସଂଜୟ କୁମାର ପଟ୍ଟନାୟକ ଓ ବୈରୀ ଥାନା ଅଧିକାରୀ ପ୍ରଦୀପ କୁମାର କାନୁନଗୋଙ୍କୁ ନର୍ଦ୍ଦେଶ ଦେଇଥିଲେ । ଏକ ଡକାୟତି ଦଳ ଡକାୟତ କାମ କରିବାକୁ ପ୍ରସ୍ତୁତ ହେଉଥିବା ବେଳେ ପୋଲିସ ସଦଳବଳେ ଛତିଆସ୍ଥିତ ଅମରାବତୀ ପଡିଆରେ ଚଢାଉ କରିଥିଲେ । ଚଢାଉ ବେଳେ ଢେଙ୍କାନାଳ ଜିଲା ନିହଏପ୍ରସାଦ ନିତ୍ୟାନନ୍ଦପୁର ଗ୍ରାମର ବିଜୟ ମଲ୍ଲିକ, କଟକ ଜିଲା ମାହାଙ୍ଗା ଘିସୁଆ ଗ୍ରାମର କୁନା ସାହୁ, କେନ୍ଦ୍ରାପଡା ଥାନା ଡେରାବିଶ ଚତ୍ରଚକଡା ଗ୍ରାମର ଚିତ ରଂଜନ ମଲ୍ଲିକ, ଯାଜପୁର ଜିଲା ଧର୍ମଶାଳା ଥାନା କ୍ଷେତ୍ରପାଳ ଗ୍ରାମର ଶଶାଙ୍କ ସେନାପତି ଓରଫ ମିଟୁ, ବଡଚଣା ଥାନା ଅନ୍ତର୍ଗତ ସୁକାଦେଇପୁର ଗ୍ରାମର ପଶୁ୍ୟରାମ ବାରିକଙ୍କୁ ଗିରଫ କରିଥିଲା । ସେମାନଙ୍କ ନିକଟରୁ ୨ଟି ଦେଶୀ ବନ୍ଧୁକ ସହ ୨ଟି ଜୀବନ୍ତ ଗୁଳି, ଭୁଜାଲି, ମୋବାଇଲ, ଲୁହା ରଡ, ଛୁରୀ ଓ ୨ଟି ବାଇକକୁ ଜବତ କରିଛି । ତେବେ ସେମାନେ ବିଳମ୍ବିତ ରାତିରେ ଛତିଆ ନେଳିଆସ୍ଥିତ ଏକ ପେଟ୍ରୋଲ ପମ୍ପରୁ ଡକାୟତି ପାଇଁ ଯୋଜନା କରୁଥିଲେ ବୋଲି ଏଓଡିପିଓ ଶ୍ରୀ ପଟ୍ଟନାୟକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

# ୬ କେଜି ଗଞ୍ଜେଇ ଜବତ: ଜଣେ ଗିରଫ

ଜୟପୁର, ୬/୦୨ (ନି.ପ୍ର): ଗଞ୍ଜେଇ ଚାଲାଣ ବେଳେ ଜୟପୁର ଅବକାରି ବିଭାଗ ଚଢାଉ କରି ଜଣକୁ ଗିରଫ କରିଛି । ଅବକାରୀ ବିଭାଗ ସୁଚନା ଅନୁଯାଇ ଜୟପୁର ସଦର ଥାନା ଅନ୍ତର୍ଗତ ବାମୁଣି ଗାଁର ଫରେଷ୍ଟ ଚେକ ଗେଟ ନିକଟରେ ଆଲୋକ କୁମାର ଜେନା (୨୪) ବେଗ ଧରି ଠିଆ ହୋଇଥିବା ବେଳେ ଅବକାରି ବିଭାଗ ସନ୍ଦେହ କରି ଯାଂଚ କରିଥିଲା । ଯାଂଚ କରିବାକୁ ବେଗରୁ ୬ କେଜି ଗଞ୍ଜେଇ ଜବତ କରିଛି ଅଭିଯୁକ୍ତ କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା କେନ୍ଦୁଝରର ଆଲୋକ କୁମାର ଜେନା (୨୪) । ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିବା ଅବକାରି ଓଆଇସି ସଞ୍ଜୟ କୁମାର କାଣ୍ଡି ସୂଚନା ଦେଇଛନ୍ତି ।

# ୧୪ତମ ଆଦିବାସୀ ଆଦାନ ପ୍ରଦାନ କାର୍ଯ୍ୟକ୍ରମରେ କନ୍ଧମାଳ ପ୍ରଥମ

କନ୍ଧମାଳ, ୬/୦୨ (ନି.ପ୍ର): ନେହେରୁ ଯୁବକେନ୍ଦ୍ର ଫୁଲବାଣୀ ତରଫରୁ ଫୁଲବାଣୀ ସହରର ସ୍ଥାନୀୟ ସାମ୍ବାଦିକ ଭବନ ଫୁଲବାଣୀ ଠାରେ ଆଦିବାସୀ ଆଦାନ ପ୍ରଦାନ କାର୍ଯ୍ୟକ୍ରମର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୂଖ୍ୟ ଅତିଥି ଭାବରେ ସିଆରପିଏଫ୍ ୧୨୭ ବାଟାଲିୟନ ବାଲିଗୁଡାର ସବଇନିସ୍ପେକ୍ଟର ସର୍ବେଶ୍ୱର ବେହେରା ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବରେ ପୂର୍ବତନ ବ୍ଲକ ଅଧକ୍ଷ ବିରେନ୍ଦ୍ର କହଁର, ଆଇନଜୀବୀ ଦୀପକ କୁମାର ରଥ, ଶସିଧର ରାଗ, ନ. ନାରଯୋନମା ଓ ନେହରୁ ଯୁବକେନ୍ଦ୍ର ଫୁଲବାଣୀର ସହକର୍ମୀ ସତ୍ୟବାନ୍ ଦଳବେହେରା ପ୍ରମୁଖ ଯୋଗଦେଇଥିଲେ । ବିଶାଖାପାଟଣା ଠାରେ ଚାଲିଥିବା ୧୪ତମ ଆଦିବାସୀ ଆଦାନ ପ୍ରଦାନ କାର୍ଯକ୍ରମରେ ତୁମୁଡ଼ିବନ୍ଧ ବ୍ଲକର ବେଲଘର ଗ୍ରାମର ୨୦ ଜଣ ଯୁବକ ଯୁବତୀ ଭାଗନେଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ । କନ୍ଧମାଳ ଦଳକୁ ଟ୍ରଫି ସହ ଦଶ ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରାଯାଇଥିଲା ।

ମୁଖ୍ୟ ଅତିଥି ଅନୁଷ୍ଠିତ କାର୍ଯକ୍ରମର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଉପସ୍ଥିତ ଥିବା ବିଜୟୀ କନ୍ଧମାଳର ଭାଇ ଓ ଭଉଣୀ ମାନଙ୍କୁ ଅବଗତ କରିଥିଲେ । ବିଜୟୀ ହୋଇ ଥିବା କନ୍ଧମାଳ ଦଳକୁ ବିଭିନ୍ନ ମହଲରେ ଶୁଭେଚ୍ଛା ଜଣାଉଛନ୍ତି । ବୈଠକରେ ନେହେରୁ ଯୁବକେନ୍ଦ୍ର ଫୁଲବାଣୀର ସହକର୍ମୀ ସତ୍ୟବାନ୍ ଦଳବେହେରା ମୂଖ୍ୟ ଅତିଥି ଓ ଅନ୍ୟାନ୍ୟ ଅତିଥି ମାନଙ୍କୁ ସ୍ୱାଗତ କରିଥିବା ବେଳେ ସ୍ୱେଚ୍ଛାସେବୀ ଚନ୍ଦ୍ରମଣି ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଦାମ ଚମକାଇବ ଚେହେରା, ଜାଣନ୍ତୁ କିପରି କରିବେ ବ୍ୟବହାର ?



ମନସୁନରେ ଚେହେରାକୁ ଚମକାଇବା ମହିଳାଙ୍କ ପାଇଁ ଚ୍ୟାଲେଞ୍ଜିଂ ରହିଥାଏ । ବର୍ଷା ଓ ଆର୍ଦ୍ରତା କାରଣରୁ ଚେହେରା ସାଧାରଣତଃ ମଳିନ ଦେଖାଯାଇଥାଏ । ଏପରି କ୍ଷେତ୍ରରେ ତ୍ୱଚାକୁ ଚମକାଇଥାଏ ଚିନାବାଦାମ । ବାଦାମ ଫେସପ୍ୟାକ୍ ଚେହେରାର ଉଜ୍ଜ୍ୱଳ ବୃଦ୍ଧି କରିବା ସହ ଫଳପ୍ରଦ ହୋଇଥାଏ । ପାର୍ଲରରେ ଟଙ୍କା ଖର୍ଚ୍ଚ ନକରି ଘରେ ମଧ୍ୟ ଆପଣ ଚେହେରାକୁ ଚମକାଇ ପାରିବେ । ଭିଟାମିନ 'ସି' ଓ 'ଇ'ରେ ଭରପୁର ଚିନାବାଦାମ ଫେସପ୍ୟାକ୍ ମନସୁନରେ ବେଷ୍ଟ କ୍ଲିଂଜିଂ ଭାବେ ପ୍ରମାଣିତ ହୋଇଥାଏ । ଏହାସହ ତ୍ୱଚାର କୋଲେଜନ ବଢାଇ ଦାଗଚିହ୍ନ ଦୂର କରିଥାଏ ।

ବାଦାମ ଓ କ୍ଷୀର : ଚେହେରାରୁ ଦାଗ ଦୂର କରିଥାଏ ବାଦାମ ଓ କ୍ଷୀର ପ୍ୟାକ୍ । ଏଥିପାଇଁ ୨ ଚାମଚ ଚିନାବାଦାମକୁ ଭିଜାଇ ବାଟି ଦିଅନ୍ତୁ । ଏହି ପେଷ୍ଟରେ ୨ ଚାମଚ କ୍ଷୀର ଓ ୩ ରୁ ୪ ଚାମଚ ଗୋଲାପ ଜଳ ମିଶାଇ ତ୍ୱଚାରେ ଲଗାନ୍ତୁ । ୧୦ ମିନିଟ ପରେ ଉଷୁମ ପାଣିରେ ଚେହେରା ଧୋଇ ନିଅନ୍ତୁ ।

ବାଦାମ ଓ କମଳା : ଭିଟାମିନ ସିରେ ଭରପୁର କମଳା ଓ ବାଦାମର ଫେସମାସ୍କ ତ୍ୱଚାର ପୋର୍ସକୁ ସଫା କରି ନରମ ଓ ଉଜ୍ଜ୍ୱଳ କରିବାରେ ସାହାଯ୍ୟ କରିଥାଏ । ଏହି ମାସ୍କ ପ୍ରସ୍ତୁତ ପାଇଁ ୨ଟି କମଳା ସହ ବାଦାମକୁ ବାଟି ପେଷ୍ଟ ତିଆରି କରନ୍ତୁ । ଏବେ ସେଥିରେ ୪ ଚାମଚ କ୍ଷୀର ମିଶାଇ ତ୍ୱଚାରେ ଲଗାନ୍ତୁ । ୨୦ ମିନିଟ ପରେ ଗରମ ପାଣିରେ ଧୋଇବା ଦ୍ୱାରା ଚେହେରା ଚମକିଥାଏ ।

ବାଦାମ ଓ କଦଳୀ : ବାଦାମ ଓ କଦଳୀ ଫେସମାସ୍କ ପ୍ରସ୍ତୁତ କରିବା ପାଇଁ ୨ଟି କଦଳୀ ଚକଟି ନିଅନ୍ତୁ । ଏଥିରେ ୨ ଚାମଚ ପିନଟ ବଟର ମିଶାଇ ଚେହେରାରେ ଲଗାନ୍ତୁ । ୧୫ ରୁ ୨୦ ମିନିଟ ପରେ ହାଲୁକା ଉଷୁମ ପାଣିରେ ମୁହଁ ଧୋଇ ନିଅନ୍ତୁ । ସପ୍ତାହକୁ ୨ ରୁ ୩ ଥର ଏପରି ଫେସପ୍ୟାକ୍ ଲଗାଇବା ଦ୍ୱାରା ଚେହେରା ଉଜ୍ଜ୍ୱଳ ଦିଶିଥାଏ ।

# ୩ଗୁଣ ବଢ଼ିବ ହୃଦ୍ ସମସ୍ୟା



୬୦ରୁ ଅଧିକ ବୟସର ବ୍ୟକ୍ତିଙ୍କ ହୃଦ୍ ସ୍ପନ୍ଦନ ବନ୍ଦ ଆଶଙ୍କା ୨୦୬୦ ବେଳକୁ ୩ଗୁଣ ହେବ । ଏକ ନୂଆ ଅଧ୍ୟୟନ ଏହା ଜାଣିବାକୁ ପାଇଛି । ବୟସ ବୃଦ୍ଧି ସହିତ ହୃଦସ୍ପନ୍ଦନ ବନ୍ଦ ବିଶ୍ୱସ୍ତରରେ ଏକ ପ୍ରମୁଖ ସମସ୍ୟା ହୋଇଛି । ବିଭିନ୍ନ ବିକାର ଯଥା-- ହୃଦ-ଧମନୀ ରୋଗ, ଉଚ୍ଚ ରକ୍ତଚାପ, ମେଦବୃଦ୍ଧି ଓ ମଧୁମେହ ଆଦି ହୃଦସ୍ପନ୍ଦନ ବନ୍ଦ ହେବାର କାରଣ ହୋଇପାରେ । ବୟସ ବଢ଼ିବା ସହିତ ଏଗୁଡ଼ିକ ବ୍ୟକ୍ତିକୁ ଆକ୍ରାନ୍ତ କରିଥାଏ । ପରିଣାମସ୍ୱରୂପ ଅଧିକାଂଶ ବୟସ୍କଙ୍କଠାରେ ହୃଦସ୍ପନ୍ଦନ ବନ୍ଦ ଆଶଙ୍କା ବୃଦ୍ଧି ପାଇଥାଏ ବୋଲି ଆଇସଲ୍ୟାଣ୍ଡର ଲ୍ୟାଣ୍ଡସ୍ପିଟାଲି ୟୁନିଭର୍ସିଟି ହସ୍ପିଟାଲ ହୃଦବିଶେଷଜ୍ଞ ରଗନାର ଡାନିଏଲସାନ କହିଛନ୍ତି । ଜର୍ଣ୍ଣାଲ୍ ୟୁରୋପିଆନ୍ ସୋସାଇଟି ଅଫ୍ କାର୍ଡିଓଲୋଜିରେ ଏହି ଅଧ୍ୟନ ପ୍ରକାଶ ପାଇଛି । ଏହାର ତଥ୍ୟ ଅନୁସାରେ, ଗବେଷକମାନେ ୫,୭୦୬ଜଣ ବୟସ୍କଙ୍କୁ ଅଧ୍ୟନରେ ସାମିଲ କରି ସେମାନଙ୍କ ବର୍ତ୍ତମାନର ଓଜନ, ଲିଙ୍ଗ ଓ ବୟସ ଉପରେ ବିଶ୍ଳେଷଣ କରିଥିଲେ । ତଥ୍ୟଗୁଡ଼ିକର ମିଶ୍ରଣରୁ ବୟସ୍କଙ୍କ ହୃଦସ୍ପନ୍ଦନ ବନ୍ଦ ହେବାର ବ୍ୟାପକ ମୂଲ୍ୟାଙ୍କନ କରାଗଲା । ଏଥିସହ ଭବିଷ୍ୟତରେ ସେମାନଙ୍କର ଠାରେ ଏହି ଆଶଙ୍କା ବୃଦ୍ଧିପାଇବା ବିଷୟ ମଧ୍ୟ ଜଣାପଡ଼ିଲା । ଅଧ୍ୟନରେ ସାମିଲ ପ୍ରତିଯୋଗୀ ୬୬ରୁ ୯୮ ବର୍ଷ ବୟସର ଥିଲେ । ହାରାହାରି ବୟସ ୭୭ ବର୍ଷ ଥିବାବେଳେ ଏଥିରେ ୫୮ ପ୍ରତିଶତ ପୁରୁଷଥିଲେ ।

# କ୍ୟାମେରା ଲାଗିଥିବା ଟୁଥ୍‌ବ୍ରଶ

ସମସ୍ତ ଦରକାରୀ ଜିନିଷ ଯେମିତିକି ଫ୍ୟାନ୍, ପାନିଆ, ବ୍ୟାଗ, ହେୟାରବ୍ୟାଣ୍ଡ ଆଦିରେ ଛୋଟ ଭିଡିଓ କ୍ୟାମେରା ଲାଗିବାର ଆମେ ଶୁଣୁଛେ । ମାତ୍ର ଏବେ ସିଏଟଲ୍ କମ୍ପାନୀ ଏପରି ଏକ ଟୁଥ୍‌ବ୍ରଶ୍ ଲଞ୍ଚ କରିଛି, ଯେଉଁଥିରେ ଏକ ଛୋଟ ଭିଡିଓ କ୍ୟାମେରା ରହିଛି । ଏଥିରେ ବ୍ରଶ୍ କଲେ ପାଟି ଭିତରକୁ ଆମେ ସୁବିଧାରେ ଦେଖିପାରିବା । ଲୌସ 'ପ୍ରୋଫିକ୍ସ'ନାମକ ଏହି ଟୁଥ୍‌ବ୍ରଶ୍ ଓ୍ୱିଲ୍‌ମେଟ୍ ଆମେରିକାର ଦନ୍ତ ଚିକିତ୍ସକ





କ୍ରେଗ କୋହଲର ପ୍ରସ୍ତୁତ କରିଛନ୍ତି । ଏହି ବ୍ରଶ ଏବେ ବଜାରରେ ଡିସ୍‌କାଉଣ୍ଟରେ ୨୯୯ ଆମେରିକା ଡଲାରରେ ଉପଲବ୍ଧ ହେବ । ୨୦୧୭ରେ ଏହା ବଜାରରେ ୩୯୯ଡଲାରରେ ମିଳିବ । ଏହି ଟୁଥ୍‌ବ୍ରଶରେ ମଧ୍ୟ ସ୍ମାର୍ଟଫୋନ୍‌କୁ ଭିଡିଓକୁ ପଠାଇବାକୁ ଓ୍ୱାଇଫାଇ ଏବଂ ବ୍ଲୁଟୁଥ୍ ଉପଲବ୍ଧ ଅଛି । ଦନ୍ତ ଚିକିତ୍ସକଙ୍କ କହିବା ଅନୁଯାୟୀ ଏହା ଦ୍ୱାା ଆପଣ ଆପଣଙ୍କ ପାଟି ଭିତରର କୋଣ ଅନୁକୋଣ ଦେଖିପାରିବେ ଓ କେଉଁଠି କେତେ ସଫା ହୋଇଛି ମଧ୍ୟ ଜାଣିପାରିବେ ।

# ମେଦ ହ୍ରାସ ପାଇଁ ସ୍କିପିଙ୍ଗ

ଦଉଡ଼ିଡିଆଁ ବା ସ୍କିପିଂ ଏକ ଉତ୍ତମ ବ୍ୟାୟାମ । ଏହା ଦ୍ୱାରା ଅଧିକ କାଲୋରି ଖର୍ଚ୍ଚ ହେବା ସହ ମେଦ ନଷ୍ଟ ହୁଏ । ହୃତପିଣ୍ଡ ଓ ଫୁସଫୁସର କାର୍ଯ୍ୟ-କ୍ଷମତା ବଢ଼େ । ପେଣ୍ଡା ଶକ୍ତିଶାଳୀ ହୁଏ । ପ୍ରଥମେ ଦୁଇ ଗୋଡ଼ରେ ଡେଇଁ ସ୍କିପିଂ ଅଭ୍ୟାସ କରନ୍ତୁ । ପ୍ରଥମ ପନ୍ଦର ଦିନ, ଦୈନିକ ପନ୍ଦର ମିନିଟ୍ ଯେତେ ସଂଭବ ଅଭ୍ୟାସ କରନ୍ତୁ । ତାହା ପରେ ଆଉ ପନ୍ଦର ଦିନ, ଥରକେ ତିରିଶ ସେକେଣ୍ଡ ପରେ ଦଶ ସେକେଣ୍ଡ ବିଶ୍ରାମ, ଏହି ପରି କରନ୍ତୁ । ତାହା ପରେ ତିରିଶ ଦିନ, ଥରକେ ନବେ ସେକେଣ୍ଡ ପରେ ତିରିଶ ସେକେଣ୍ଡ ବିଶ୍ରମ, ଏହି ପରି ଆଠ ସେଟ୍ ଅଭ୍ୟାସ କରନ୍ତୁ । ଏହି ହାରରେ ବଢ଼ାଇ ଆଠ ମାସ ଭିତରେ ଥରକେ ତିନି ମିନିଟ୍ ଡେଇଁ, ଏକ ମିନିଟ ବିଶ୍ରାମ ସହ ଆଠ ସେଟ୍ ଅଭ୍ୟାସ କରନ୍ତୁ । ସ୍କିପିଂ ପରେ ଥରକେ ଯେତେ ସଂଭବ ପୁସ୍-ଅପ୍ ପାଞ୍ଚ ସେଟ୍ ମାରନ୍ତୁ । ସପ୍ତାହରେ ପାଞ୍ଚ ଦିନ ଏହା ଅଭ୍ୟାସ ସହ ଖାଦ୍ୟ-ପାନୀୟ ବାବଦରେ ସତର୍କତା ଅବଲମ୍ବନ କଲେ ଆଠ ମାସରେ ଓଜନ ପନ୍ଦର-ଅଠର କିଲୋଗ୍ରାମ କମିବ । ଆରାମଦାୟକ ଜୋତା ପିନ୍ଧି, ଧୂଳି ଉଠୁ ନଥିବା ସ୍ଥାନରେ ସ୍କିପିଂ କରନ୍ତୁ । ଏଥିପାଇଁ ଉଚ୍ଚ ମାନର ସ୍କିପିଂ ରୋପ୍ ବ୍ୟବହାର କରନ୍ତୁ । ଖଞ୍ଜାରେ ସମସ୍ୟା, ହାନିଆ, ପ୍ରୋସ୍‌ଟ୍ରେଟ୍, ହୃଦରୋଗ ଆଦି ଥିଲେ, ଚିକିତ୍ସକଙ୍କ ପରାମର୍ଶ ବିନା ସ୍କିପିଂ କରିବେନାହିଁ ।



# ଗ୍ରୀନ୍ ଟି'ରେ ମିଶାଇ ପିଅନ୍ତୁ ଏହିସବୁ ଜିନିଷ: କ୍ୟାନ୍ସର୍ ପରି ରୋଗରୁ ମିଳିବ ମୁକ୍ତି

ଆଜିକାଲିର ବ୍ୟସ୍ତବହୁଳ ଜୀବନ ଏବଂ ଅସ୍ୱାସ୍ଥ୍ୟକର ଖାଦ୍ୟଶୈଳୀ କାରଣରୁ ଅଧିକାଂଶ ଲୋକଙ୍କୁ ବିଭିନ୍ନ ପ୍ରକାର ରୋଗ ହୋଇଥାଏ । ଯାହାକି ତାଙ୍କୁ ଅନେକ କଷ୍ଟ ଦେବା ସହ କିଛି ଲୋକଙ୍କର ମୃତ୍ୟୁ ମଧ୍ୟ ହୋଇଥାଏ । ତେବେ ବର୍ତ୍ତମାନର ସମୟରେ ମଧୁମେହ, ବେଦବହୁଳତା ହୃଦଘାତ ଏବଂ କ୍ୟାନ୍,ର ପରି ସମସ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇବାର ଲାଗିଛି । ଯାହାକି ଶରୀର ପ୍ରତି ବହୁତ କ୍ଷତିକାରକ ହୋଇଥାଏ । ତେଣୁ ଏହିସବୁ ସମସ୍ୟା ଖାସ୍ କରି କ୍ୟାନ୍ସର ପରି ରୋଗଠାରୁ ଦୂରେଇ ରହିବା ପାଇଁ ଏପରି କିଛି ଜିନିଷ ଅଛି ଯାହାକୁ ସେବନ କରିବା ଉଚିତ୍ । ଫଳରେ ଏହା ଆମକୁ ସୁସ୍ଥ ରଖିବା ସହ ରୋଗମୁକ୍ତ ମଧ୍ୟ ରଖିଥାଏ । ବର୍ତ୍ତମାନ ଆସନ୍ତୁ ଜାଣିବା ଗ୍ରୀନଟିରେ କଣ ସବୁ ମିଶାଇ ସେବନ କରିବା ଉଚିତ୍ । ଯାହାଦ୍ୱାରା କ୍ୟାନ୍ସର ପରି ସମସ୍ୟାରୁ ମଧ୍ୟ ମୁକ୍ତି ମିଳିପାରିବ ।

ଅଦା : ଅଦା ଓଏପରି ଏକ ଜିନିଷ , ଯାହାର ବ୍ୟବହାର ଖାଦ୍ୟର ସ୍ୱାଦ ବଢାଇବା ପାଇଁ କରାଯାଇଥାଏ । କିନ୍ତୁ ଆପଣ ଜାଣନ୍ତି କି ଯଦି ଏହା ଗ୍ରୀନ୍ ଟି ସହିତ ମିଶ୍ରିତ ହୁଏ, ତେବେ ଏହା ଅନେକ ଉପାୟରେ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇପାରେ । ଫଳରେ ଆପଣ ଅନେକ କିଛି ସମସ୍ୟାରୁ ମୁକ୍ତି ପାଇ ପାରନ୍ତି । ଏହାର ସାହାଯ୍ୟରେ କେବଳ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୁଏ ନାହିଁ, ବରଂ ଏହା କର୍କଟ ଭଳି ବିପଜ୍ଜନକ ଏବଂ ମାରାତ୍ମକ ରୋଗକୁ ମଧ୍ୟ ରୋକିଥାଏ । ତେଣୁ ଗ୍ରୀନଟିରେ ଅଦା ମିଶାଇ ସେବନ କରିବା ଉଚିତ୍ ।



୨. ପୁଦିନା ପତ୍ର ଏବଂ ଡାଲଚିନି : କିଛି ଲୋକ ଗ୍ରୀନ୍ ଟିରେ ପୁଦିନା ପତ୍ର ଏବଂ ଡାଲଚିନି ମିଶ୍ରମ କରିଥାନ୍ତି । କାରଣ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ । ଏଥିସହିତ ହଜମ ପ୍ରକ୍ରିୟାରେ ମଧ୍ୟ ଉନ୍ନତି କରିଥାଏ । ତେଣୁ ଏହାକୁ ଗ୍ରୀନଟିରେ ମିଶାଇ ସେବନ କରିବା ଦ୍ୱାରା ଏହା ବିଭିନ୍ନ ପ୍ରକାର ରୋଗରୁ ମୁକ୍ତି ଦେବା ସହ ଓଜନ ହ୍ରାସରେ ମଧ୍ୟ ସାହାର୍ଯ୍ୟ କରେ ।

୩. ଲେମ୍ବୁ : ଯଦି ଲେମ୍ବୁକୁ ଗ୍ରୀନ୍ ଟି ସହିତ ମିଶାଯାଏ ତେବେ ଏହାର ତିକ୍ତ ସ୍ୱାଦ ସାମାନ୍ୟ କମିଯାଏ ଏବଂ ଏହା ଆଣ୍ଟିଅକ୍ସିଡାଣ୍ଟ ବୃଦ୍ଧିରେ ମଧ୍ୟ ସାହାଯ୍ୟ କରିଥାଏ । ଯାହା ଆମ ଶରୀର ପାଇଁ ଲାଭଦାୟକ ହୋଇଥାଏ । ଯଦି ଆପଣ ଅଧିକ ପ୍ରଭାବ ଚାହୁଁଛନ୍ତି ତେବେ ଗ୍ରୀନ ଟି କରିସାରିବା ପରେ ଶେଷରେ ଲେମ୍ବୁ ରସ ମିଶାନ୍ତୁ ।

# ଗିନିଜ୍ ୱାର୍ଲ୍ଡ ରେକର୍ଡରେ କଳାକାର

ଗିନିଜ୍ ୱାଲର୍ଡ ରେକର୍ଡରେ ସାମିଲ ସେହି ବ୍ୟକ୍ତିବିଶେଷ ହୁଅନ୍ତି ଯିଏ ଅସାଧାରଣ ହୋଇଥିବେ । ଗିନିଜ୍ ରେକର୍ଡରେ ନାଁ ସାମିଲ ହେବା ପରେ ସେ ବ୍ୟକ୍ତି ବା ମହିଳା ସର୍ବସାଧାରଣରେ ଜଣାଯାନ୍ତି । କିନ୍ତୁ ଆପଣ କ'ଣ ଜାଣିଛନ୍ତି କିଛି ଚର୍ଚ୍ଚିତ ଲୋକ ଏହି ରେକର୍ଡ ଲିଷ୍ଟରେ ଜଡ଼ିତ ବୋଲି ! ତେବେ ଆସନ୍ତୁ ଜାଣିବା ସହି ବହୁଚର୍ଚ୍ଚିତ ବା ବେଶ୍ ଜଣାଶୁଣା କଳାକାରଙ୍କ ବିଷୟରେ ଯେଉଁମାନେ ନିଜ କଳା ବଳରେ ଲୋକଙ୍କ ଭଲପାଇବାର ହକଦାର ହୋଇଛନ୍ତି ଓ ନିଜ କାମ ପାଇଁ ଗିନିଜ୍ ୱର୍ଲ୍ଡ ରେକର୍ଡର ତାଲିକାରେ ସାମିଲ ହୋଇଛନ୍ତି ।



## ସମୀର ଅନଜାନ

ଗୀତିକାର ସମୀର ଅନଜାନ୍ ବଲିଉଡ୍ ଇଣ୍ଡଷ୍ଟ୍ରୀର ବେଶ୍ ଜଣାଶୁଣା । ତେବେ ସମୀର ଅନ୍ୟ ଗୀତିକାରଙ୍କ ତୁଳନାରେ ସଂଖ୍ୟାଧିକ ଗୀତ ଲେଖି ଗିନିଜ୍ ୱାଲର୍ଡ ରେକର୍ଡରେ ସାମିଲ ହୋଇଛନ୍ତି । ସମୀରଙ୍କ ୩୦ ବର୍ଷର ଫିଲ୍ମି କ୍ୟାରିୟରେ ସେ ପାଖାପାଖି ୬୫୦ ଫିଲ୍ମରେ ୪୦୦୦ଗୀତ ଲେଖିଛନ୍ତି । ସମୀରଙ୍କୁ ପ୍ରତ୍ୟେକ ଫିଲ୍ମ ନିର୍ଦ୍ଦେଶକ ନିଜ ଫିଲ୍ମ ପାଇଁ ସବୁ ଗୀତ ଲେଖିବାକୁ କହୁଥିଲେ, ଏବେ କିନ୍ତୁ ର୍ୟାପରମାନଙ୍କ ପ୍ରବେଶ ଯୋଗୁ ଫିଲ୍ମରେ ସମୀରଙ୍କ ଗୀତ ଟିକେ କମିଯାଇଛି ଇଣ୍ଡଷ୍ଟ୍ରୀରେ ।

## ଜଗଦୀଶ ରାଜ



୧୯୨୮ରେ ବ୍ରିଟିଶ ଶାସନ ସମୟରେ ଅଭିନେତା ଜଗଦୀଶ ରାଜ ରାଗୋଧାରେ ଜନ୍ମଗ୍ରହଣ କରିଥିଲେ । ଜଗଦୀଶ ର୍ବିମୋଟ ୧୪୪ ଟି ଫିଲ୍ମରେ ପୋଲିସ ଚରିତ୍ରରେ ଅଭିନୟ କରିବା କାରଣରୁ ତାଙ୍କୁ ଗିନିଜ ୱାର୍ଲ୍ଡ ରେକର୍ଡରେ ସାମିଲ କରାଯାଇଛି । ୮୫ ବର୍ଷ ବୟସରେ ଜଗଦୀଶ ଇହଲୀଳା ସମ୍ବରଣ କରିଥିଲେ ।

## ଅଭିଷେକ ବଚ୍ଚନ



ବଲିଉଡରେ ବି ଅମିତାଭ ବଚ୍ଚନଙ୍କ ସୁପୁତ୍ର ଅଭିଷେକ ବଚ୍ଚନ । ଫିଲ୍ମି କ୍ୟାରିୟର ସେତେ ସଫଳ ନ ହେଲେ ମଧ୍ୟ ଅଭିଷେକଙ୍କ ଫ୍ୟାନ ଫଲୋୟର୍ସ କିଛି କମ ନୁହନ୍ତି । ତେବେ ଏହି ମହାଶୟଙ୍କ ନା ଗିନିଜ ୱାଲର୍ଡ ରେକର୍ଡରେ ସାମିଲ କରାଯାଇଛି । ତେବେ ଅଭିଷେକଙ୍କୁ ଏହି ରେକର୍ଡରେ ସାମିଲ କରାଯାଇଛି । ତେବେ ଅଭିଷେକଙ୍କୁ ଏହି ରେକର୍ଡରେ ସାମିଲ କରିବାର କାରଣ ହେଉଛି ଅଭିଷେକ ୧୨ଘଣ୍ଟା ଭିତରେ ଅନ୍ୟ ସେଲିବ୍ରିଟିଙ୍କ ତୁଳନାରେ ସର୍ବାଧିକ ଥର ଜନସାଧାରଣଙ୍କ ସମ୍ମୁଖକୁ ଆସିଛନ୍ତି । ଏହା ବ୍ୟତୀତ ଅଭିଷେକ ବିଶ୍ୱସୁନ୍ଦରୀ ଐଶ୍ୱର୍ଯ୍ୟା ରାଏଙ୍କୁ ବିବାହ କରି ମଧ୍ୟ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟି ସାରିଛନ୍ତି ।





ପିଢ଼ି ପରେ ପିଢ଼ି ଲଗାତାର ଚାରି ପିଢ଼ି ବଲିଉଡ୍ ଇଣ୍ଡଷ୍ଟ୍ରୀରେ ଅଭିନୟ କରି ଆସୁଛନ୍ତି । କପୁର ପରିବାରର ସଦସ୍ୟ ଅଭିନୟ, ନିର୍ଦ୍ଦେଶନା ପ୍ରଯୋଜନା ଆଦି କ୍ଷେତ୍ରରେ ବଲିଉଡ୍ ସହିତ ଜଡ଼ିତ । ପୃଥିରାଜ କପୁର, କପୁର ପରିବାରର ପ୍ରଥମ ସଦସ୍ୟ ଯେ ହିନ୍ଦୀ ଫିଲ୍ମରେ କାମ କରିଥିଲେ । ୧୯୯୯ ମସିହାଡାରୁ ବଲିଉଡର କପୁର ପରିବାର ପାଖରେ ଲାର୍ଜେଷ୍ଟ ସ୍କ୍ରିନ୍ ଫ୍ୟାମିଲି ହେବାର ରେକର୍ଡ ରହିଛି ।

## କୁମାର ସାନୁ

କଣ୍ଠଶିଳ୍ପୀ ସାନୁ ଯେ ଫିଲ୍ମ ଫେୟାରଆୱାର୍ଡରେ ପାଞ୍ଚଥର ବେଷ୍ଟ ପ୍ଲେ ବ୍ୟାକ୍ ସିଙ୍ଗରର ଟାଇଟଲ ହାସଲ କରିଛନ୍ତି । କୁମାର ସାନୁ ହେଉଛନ୍ତି ଗୋଟିଏ ମାତ୍ର ଗାୟକ ଯେ ମାତ୍ର ଗୋଟିଏ ଦିନରେ ୨୮ଟି ଗୀତ ରେକର୍ଡ କରିଛନ୍ତି । ଗୀତ ରେକର୍ଡ କରି କୁମାର ସାନୁ ଗିନିଜ ୱାର୍ଲ୍ଡ ରେକର୍ଡରେ ନିଜ ନାଁକୁ ସାମିଲ କରିପାରିଛନ୍ତି ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଦିଗ୍‌ବିଜୟ...

୨୦୨୪ରେ ଦେଶରେ ଅନୁଷ୍ଠିତ ହେବ ଲୋକସଭା ନିର୍ବାଚନ। ଏଥିପାଇଁ ଦେଶର ଅନ୍ୟାନ୍ୟ ରାଜନୀତିକ ଦଳମାନେ ଏବେଠୁ ପ୍ରସ୍ତୁତି ଆରମ୍ଭ କରନ୍ତୁ କି ଡେରିରେ କରନ୍ତୁ, କେନ୍ଦ୍ରରେ ଶାସନ କ୍ଷମତାରେ ଥିବା ଭାରତୀୟ ଜନତା ପାର୍ଟି କିନ୍ତୁ ପ୍ରସ୍ତୁତି ଆରମ୍ଭ କରି ସାରିଲାଣି, ଯେଉଁଥିପାଇଁ ଚଳିତ ବର୍ଷ କେତେକ ରାଜ୍ୟରେ ଅନୁଷ୍ଠିତ ହେବାକୁ ଥିବା ବିଧାନସଭା ନିର୍ବାଚନଗୁଡ଼ିକରେ ମଧ୍ୟ ଦଳ ପୂର୍ବାପେକ୍ଷା ଅଧିକ ଭଲ ପ୍ରଦର୍ଶନ କରିବା ଉପରେ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରିବାକୁ ଯାଉଛି। ତେବେ ଏସବୁ ଅପେକ୍ଷା ଦଳ କିଛି ବର୍ଷ ହେଲା ବେଶୀ ଗୁରୁତ୍ୱ ଦେଇ ଆସୁଛି ଦେଶର ଉତ୍ତରପୂର୍ବ ଓ ପୂର୍ବ ଭାଗରେ ଅବସ୍ଥିତ ରାଜ୍ୟମାନଙ୍କ ଉପରେ। ଏହି କ୍ରମରେ ବିଜେପି ସମ୍ପ୍ରତି ଆଗାମୀ ଦିନମାନଙ୍କରେ ତ୍ରିପୁରା, ମେଘାଳୟ ଏବଂ ନାଗାଲ୍ୟାଣ୍ଡରେ ଅନୁଷ୍ଠିତ ହେବାକୁ ଯାଉଥିବା ବିଧାନସଭା ନିର୍ବାଚନଗୁଡ଼ିକ ଉପରେ ଯଥେଷ୍ଟ ଗୁରୁତ୍ୱ ଦେଉଛି, ଯାହା ଦଳର ହିନ୍ଦୀ ଭାଷାଭାଷୀ ଓ ପଶ୍ଚିମ ଭାଗର ରାଜ୍ୟମାନଙ୍କ ଅପେକ୍ଷା ଏସବୁ ଅଂଚଳରେ ନିଜର ସ୍ଥିତିକୁ ବଜାୟ ରଖିବା ବା ବୃଦ୍ଧି କରିବା ଏବଂ ସାମ୍ପ୍ରତିକ ସମୟ ସହିତ ଦୀର୍ଘକାଳୀନ ଭିତ୍ତିରେ ପଦାଙ୍କ ପ୍ରତିଷ୍ଠା କରିବା ନିମନ୍ତେ ସୂକ୍ଷ୍ମ ନିର୍ବାଚନୀ ରଣକୌଶଳର ପ୍ରୟୋଗକୁ ସୂଚାଉଛି। ଏଥିପାଇଁ ଉତ୍ତରପୂର୍ବ ରାଜ୍ୟମାନଙ୍କରେ ବିଜେପିର ବଡ଼ ଧରଣର ଗୁରୁତ୍ୱାରୋପ ଆରମ୍ଭ ହୋଇଥିଲା ୨୦୧୬ରେ, ଯେତେବେଳେ ଦଳ ଏଠାରେ ଉତ୍ତରପୂର୍ବ ଗଣତାନ୍ତ୍ରିକ ମେଂଟ ଗଠନ କଲା। ଏହି ମେଂଟ ଥିଲା ଅଣ-କଂଗ୍ରେସ ଦଳମାନଙ୍କର ଏକ ମଂଚ ଏବଂ ଏହାର ଲକ୍ଷ୍ୟ ଥିଲା ସମ୍ପୃକ୍ତ ଅଂଚଳଗୁଡ଼ିକରେ କଂଗ୍ରେସକୁ କ୍ଷମତାଠାରୁ ଦୂରରେ ରଖିବା। ଏକଥା ମଧ୍ୟ ମେଂଟ ଘୋଷଣା କରିଥିଲା। ଆଉ ଏହାର ସଫଳ ଯାତ୍ରା ଆରମ୍ଭ ହୋଇଥିଲା ସିପିଆଇକୁ ଶାସନ ଗାଦିରୁ ହଟାଇବାରେ, ଯାହା ତ୍ରିପୁରାରେ ଦୀର୍ଘକାଳ ପର୍ଯ୍ୟନ୍ତ ଶାସନରେ ରହିଥିଲା। ପରେ ପରେ ଆସାମରେ କଂଗ୍ରେସକୁ ବିପୁଳ ବ୍ୟବଧାନରେ ପରାଜିତ କରି ଏହା ସମ୍ପୃକ୍ତ ରାଜ୍ୟକୁ ନିଜ ଅକ୍ତିଆରକୁ ଆଣିଲା। ତା'ପରେ ଏହା ଉପରୋକ୍ତ ଅଂଚଳଗୁଡ଼ିକରେ ବିଭିନ୍ନ ପ୍ରକାରର ମେଂଟରେ ଭାଗିଦାର ହେବାକୁ ଲାଗିଲା, ଏମିତିକି ବେଳେବେଳେ କିଛି ରାଜ୍ୟରେ ଦୋଦୁଲ୍ୟମାନ ସ୍ଥିତି ଉତ୍ପନ୍ନ କରୁଥିବା ଅଂଶୀଦାରମାନଙ୍କ ସହିତ ମଧ୍ୟ, ଆଉ ଏହାର ପରିଣତି ସ୍ୱରୂପ, ଦଳ ବର୍ତ୍ତମାନ ଆସାମ, ଅରୁଣାଚଳ ପ୍ରଦେଶ, ମଣିପୁର ଏବଂ ତ୍ରିପୁରାରେ ସରକାର ଚଳାଉଥିବାବେଳେ ମେଘାଳୟ, ମିଜୋରାମ ଏବଂ ସିକିମରେ ଶାସନ କ୍ଷମତାରେ ଥିବା ଦଳମାନଙ୍କର ଏକ ଅଂଶୀଦାର ଭାବରେ ରହିଛି। ଏବେ ଦଳ ବିଧାନସଭା ନିର୍ବାଚନଗୁଡ଼ିକ କ୍ଷେତ୍ରରେ ତ୍ରିପୁରା ଏବଂ ମେଘାଳୟରେ ଏକାକୀ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଥିବାବେଳେ ନାଗାଲ୍ୟାଣ୍ଡରେ ଏହା ଏକ କ୍ଷୁଦ୍ର ଅଂଶୀଦାର ହେବ। ବିଜେପି ତାର ୪୨ ବର୍ଷ ସ୍ଥିତି ମଧ୍ୟରେ କେନ୍ଦ୍ରରେ ପ୍ରାୟ ୧୫ ବର୍ଷ ପର୍ଯ୍ୟନ୍ତ ଶାସନ କ୍ଷମତାକୁ ଉପଭୋଗ କରିଛି ଏବଂ ଗତ ଦୁଇଟିଯାକ ଲୋକସଭା ନିର୍ବାଚନରେ ବିପୁଳ ବିଜୟ ହାସଲ କରିଛି, କିନ୍ତୁ ଦେଶର କ୍ୱଚିତ୍ କୌଣସି ରାଜ୍ୟ ରହିଛି, ଯେଉଁଠି ଏହା ହାତ ବାନ୍ଧି ବସି ବିଧାନସଭା ନିର୍ବାଚନରେ ବିଜୟ ହାସଲ କରିଛି। ହିନ୍ଦୀ ହାର୍ଟଲ୍ୟାଣ୍ଡ ରାଜ୍ୟଗୁଡ଼ିକ ଭାବରେ ପରିଚିତ ରାଜ୍ୟମାନଙ୍କ ମଧ୍ୟରୁ ଉତ୍ତରପ୍ରଦେଶକୁ ବାଦ୍ ଦେଲେ ଅନ୍ୟ ସବୁ ରାଜ୍ୟମାନେ ପ୍ରାୟ ଅନ୍ୟାନ୍ୟ ପସନ୍ଦଗୁଡ଼ିକୁ ପ୍ରଦର୍ଶନ କରିଛନ୍ତି; ହିମାଚଳ ପ୍ରଦେଶ ବିଧାନସଭା ନିର୍ବାଚନର ଫଳାଫଳ ଏହାର ସତ୍ୟତମ ସର୍ବୋତ୍କୃଷ୍ଟ ଉଦାହରଣ। ଦେଶର ଦକ୍ଷିଣ ଭାଗ ଏଯାବତ୍ ଦଳର ଛାପାମରା ରାଜନୀତି ପ୍ରତି ଦୃଢ଼ ପ୍ରତିରୋଧ ପ୍ରଦର୍ଶନ କରି ଆସିଛନ୍ତି। ଏସବୁ ଅଂଚଳରେ ସ୍ଥାନୀୟ ଦଳମାନେ ରାଜନୀତିର ଶୀର୍ଷ ସ୍ଥାନରେ ରହି ଆସିଛନ୍ତି। କର୍ଣ୍ଣାଟକରେ ଦଳ ଶାସନ କ୍ଷମତାରେ ରହିଥିଲେ ସୁଦ୍ଧା ଏହାର ସ୍ଥିତି ସେତେ ସୁଦୃଢ଼ ବୋଲି କୁହାଯାଇପାରିବ ନାହିଁ। ଅପରପକ୍ଷରେ ପୂର୍ବାଂଚଳ ରାଜ୍ୟଗୁଡ଼ିକରେ ବର୍ଷ ପରେ ବର୍ଷ ଦଳ କଠିନ ପରିଶ୍ରମ କରି ଆସିଥିଲେ ସୁଦ୍ଧା ଏସବୁ ରାଜ୍ୟରେ ଏବେ ବି କ୍ଷମତାର ସ୍ୱାଦ ଚାଖିବା ଦଳ ପାଇଁ ସୁଦୂର ପରାହତ ହୋଇ ରହିଛି। ତେବେ, ଏସବୁ ରାଜ୍ୟରେ ଦଳ ଗୋଟିଏ ପରେ ଗୋଟିଏ ଇଟା ଥୋଇ ନିଜର ପ୍ରାସାଦ ଗଠନ କରିବାକୁ ଉଦ୍ୟମ ଚଳାଇଛି ଏବଂ ଏହା ଏକ ଉଲ୍ଲେଖନୀୟ ସଂସଦୀୟ ସଂଖ୍ୟାରେ ପରିଣତ ହେବାକୁ ଆହୁରି କିଛି ବର୍ଷ ଲାଗିଯିବ। ମହାରାଷ୍ଟ୍ରକୁ ବାଦ୍ ଦେଲେ ଦଳର ଅନ୍ୟ କୌଣସି ରାଜ୍ୟରେ ସେପରି ଶକ୍ତିଶାଳୀ ମେଂଟ ନଥିବା ସମ୍ଭବତଃ ଦଳର ନିର୍ବାଚନ ପରିଚାଳକମାନଙ୍କ ନିମନ୍ତେ ଏକ ଚିନ୍ତାର କାରଣ ହେବ। ଉତ୍ତରପୂର୍ବାଂଚଳର ଆଠଗୋଟିଯାକ ରାଜ୍ୟ ଲୋକସଭାକୁ ୨୫ଜଣ ସଦସ୍ୟଙ୍କୁ ପଠାଉଥିବାବେଳେ ଏମାନଙ୍କ ମଧ୍ୟରୁ ଆମର ସର୍ବାଧିକ ୧୪ଜଣଙ୍କୁ ପଠାଇଥାଏ। କଂଗ୍ରେସର ଯେତେବେଳେ ସୁଦିନ ଥିଲା, ସେତେବେଳେ ଏସବୁ ରାଜ୍ୟରୁ ଅଧିକାଂଶ ସାଂସଦ ହାସଲ କରୁଥିବାବେଳେ ପରବର୍ତ୍ତୀ ସମୟରେ ଏହା ରାଜ୍ୟସ୍ତରୀୟ ଦଳମାନଙ୍କ ହାତକୁ ଚାଲିଗଲା। ବିଜେପି ବର୍ତ୍ତମାନ ଏସବୁଯାକ ଆସନରେ କଂଗ୍ରେସକୁ ହଟାଇବାକୁ ଉଦ୍ୟମ ଚଳାଇଛି। ଉତ୍ତରପୂର୍ବାଂଚଳର ରାଜ୍ୟମାନଙ୍କ ମଧ୍ୟରେ ରହିଥିବା ସୀମା ବିବାଦଗୁଡ଼ିକୁ ସମାଧାନ କରିବା ନିମନ୍ତେ ରାଜିନାମାଗୁଡ଼ିକର ସମ୍ପାଦନ ପାଇଁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ଉପରେ ନଜର କେନ୍ଦ୍ରୀଭୂତ କରିବାକୁ ଏହି ପୃଷ୍ଠଭୂମିରେ ଦେଖାଯାଇପାରେ। ନିକଟ ଅତୀତର ରିପୋର୍ଟ ସୂଚାଇଛି ଯେ ବିଜେପି ୧୬୦ଟି ଲୋକସଭା ଆସନ ପାଇଁ ତାର ଉଦ୍ୟମକୁ ପୂର୍ବାପେକ୍ଷା ଅଧିକ ଜୋରଦାର କରିବ, ଯେଉଁଗୁଡ଼ିକ ଟଳମଳ ଅବସ୍ଥାରେ ରହିଥିବା ଏହା ଅନୁଭବ କରୁଛି, ଯେତେବେଳେ କି ସଂଖ୍ୟାଲଘୁ ସମ୍ପ୍ରଦାୟମାନଙ୍କର ଉଲ୍ଲେଖନୀୟ ଉପସ୍ଥିତି ରହିଥିବା ୬୦ଟି ଆସନ ପାଇଁ ଏହା ପୂରା ଦମ୍‌ରେ ଲାଗିବ। କହିବା ବାହୁଲ୍ୟ, ବିଜେପି ନିକଟରେ ପ୍ରତ୍ୟେକଟି ଆସନର ନିର୍ବାଚନ ପରିଚାଳନା ପାଇଁ ଏକ ସୁଚିନ୍ତିତ ରଣକୌଶଳ ରହିଛି ଏବଂ ନିକଟରେ ଦଳ ଏହି ଯୋଜନାଗୁଡ଼ିକର ପୁର୍ନନବୀକରଣ କରିଛି, ଯାହା ଏହାକୁ ଫାଇଦାରେ ରଖିପାରେ।

# ବୈଜ୍ଞାନିକ ଉଦ୍ଭାବନରେ ପ୍ରଗତି ତଥା ଦୁର୍ଗତି

ପ୍ରଦୀପ୍ତ ଆଚାର୍ଯ୍ୟ

ଆଜି ବିଜ୍ଞାନ ମନୁଷ୍ୟ ଜୀବନକୁ ସଂପୂର୍ଣ୍ଣ କବଳିତ କରିଦେଇଛି। ବିଜ୍ଞାନ ବ୍ୟତିରେକେ ଆମର ସତା ଅକଳ୍ପନୀୟ। ପୃଥିବୀର ଆଦି ମାନବ ଦିନେ ଗଛଡାଳ, ପାହାଡ ଗୁମ୍ଫାରେ ରହୁଥିଲା, ଉଲଗ୍ନ ରହୁଥିଲା ଏବଂ ବଣର ଫଳମୁଳ ତଥା କଂଚା ପଶୁମାଂସ ଭକ୍ଷଣ କରୁଥିଲା, ଯାହାକି ଆଧୁନିକ ମାନବ ସମାଜ ପକ୍ଷରେ ଅଚିନ୍ତନୀୟ। ଯଦି ଆମ ସଭ୍ୟତା ବର୍ତମାନ ଦୁଇଶହ ବର୍ଷ ପଛକୁ ଫେରିଯାଏ, ତେବେ ହୁଏତ ଆମ ଭିତରୁ ଅଧିକାଂଶ ବ୍ୟକ୍ତି ସ୍ୱତଃ ମୃତ୍ୟୁ ମୁଖରେ ପତିତ ହେବେ। କାରଣ ବିଜ୍ଞାନ ଆମକୁ ଏତେ ଉପରକୁ ନେଇଯାଇଛି, ଆମେ ଆଉ ପଛକୁ ଫେରି ଚାହିଁବା ମଧ୍ୟ ଅସମ୍ଭବ। ପୁରାତନ ପ୍ରସ୍ତର ଯୁଗରୁ ଆରମ୍ଭ କରି କମ୍ପ୍ୟୁଟର ଯୁଗ ପର୍ଯ୍ୟନ୍ତ ପ୍ରଗତିର ତାଲିକା ବହୁତ ଲମ୍ବା, ଯାହାକି ଅବର୍ଣ୍ଣନୀୟ। କିନ୍ତୁ ବିଜ୍ଞାନର ପ୍ରତ୍ୟେକ କ୍ଷେତ୍ରର ପ୍ରଗତି ସହିତ, ଧ୍ୱଂସ ଅଙ୍ଗାଙ୍ଗୀ ଭାବରେ ଜଡିତ। ସର୍ବ ପ୍ରଥମେ ଆମେ ଚିକିତ୍ସା ବିଜ୍ଞାନ କଥା ଆଲୋଚନାକୁ ନେବା। ଭେଷଜ ଚିକିତ୍ସା, ଶଲ୍ୟଚିକିତ୍ସାର ବୈଜ୍ଞାନିକ ଉନ୍ନତି ଏବଂ ଭୟଙ୍କର ମହାମାରୀର ପ୍ରତିଷେଧକ ଆବିଷ୍କୃତ ହେବା ଦ୍ୱାରା, ପୃଥିବୀରୁ ମୃତ୍ୟୁହାର ଅନେକାଂଶରେ କମି ଯାଇଛି ସତ କିନ୍ତୁ ଏହାହିଁ ପୃଥିବୀକୁ ଧ୍ୱଂସ ମୁଖକୁ ଟାଣି ନେବାର ପ୍ରଥମ ଓ ପ୍ରଧାନ କାରଣ। ଚିକିତ୍ସା ବିଜ୍ଞାନର ଉନ୍ନତି ହେବା ପୂର୍ବରୁ, ଜନ୍ମହାର ଓ ମୃତ୍ୟୁହାର ମଧ୍ୟରେ ସମତା ଥିଲା। ଚିକିତ୍ସାବିଜ୍ଞାନର ଉନ୍ନତି ପରେ, ମୃତ୍ୟୁହାର ତୁଳନାରେ ଜନ୍ମହାରକୁ ନିୟନ୍ତ୍ରଣ କରାଯାଇ ପାରିଲା ନାହିଁ, ଯାହାଫଳରେ ପୃଥିବୀରେ ଜନସଂଖ୍ୟା ବିସ୍ଫୋରଣ ହେଲା। ପୃଥିବୀରେ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ହିଁ ବେକାରୀ, ନୈତିକ ଅଧୋପତନ, ପରିବେଶ ପ୍ରଦୁଷଣ ଇତ୍ୟାଦି ସମସ୍ତ ସମସ୍ୟାର ମୁଳ ବା ଆଶୁ କାରଣ। ତାପରେ ଦେଖିବା ପରିବହନ ଯୋଗାଯୋଗ ବ୍ୟବସ୍ଥା। ବିଜ୍ଞାନ ଆମକୁ, ପରିବହନ କ୍ଷେତ୍ରରେ ସାଇକେଲ ଯାନ ଠାରୁ ଆରମ୍ଭ କରି ଉଡାଜାହାଜ, ରକେଟ ପର୍ଯ୍ୟନ୍ତ ଏବଂ ଯୋଗାଯୋଗ କ୍ଷେତ୍ରରେ, ପାରା, ଘୋଡା ସବାରରେ ଡାକ ପ୍ରେରଣ ଠାରୁ ଆରମ୍ଭ କରି ମୋବାଇଲ ପାଖରେ ନେଇ ଛାଡି ଦେଇଛି। ସମଗ୍ର ପୃଥିବୀଟି ଗୋଟିଏ ଛୋଟ ଗାଁରେ ପରିଣତ ହୋଇଯାଇଛି। କିନ୍ତୁ ଅପରପକ୍ଷରେ,ଏହି ଯାନବାହାନ ନିର୍ମାଣ କରିବା ପାଇଁ, ଯେଉଁ ଶିଳ୍ପ ପ୍ରତିଷ୍ଠା ହେଉଛି, ତାହାହିଁ ପରିବେଶ ଧ୍ୱଂସ ଏବଂ ପରୋକ୍ଷ ଭାବରେ ମାନବ ସମାଜର ପ୍ରଭୁତ କ୍ଷତି ସାଧନ ନିମନ୍ତେ ଉଦ୍ଦିଷ୍ଟ। କଳ କାରଖାନାରୁ ନିର୍ଗତ ଧୁମ ତଥା ବିଷାକ୍ତ ଜଳ ,ବାୟୁ ଏବଂ ନଦୀଜଳକୁ ପ୍ରଦୂଷିତ କରିବାର ମୁଖ୍ୟ ମାଧ୍ୟମ। ଏହି ବିଷାକ୍ତ ଜଳ ବାୟୁ ବ୍ୟବହାର ଦ୍ୱାରା ମନୁଷ୍ୟ ବିଭିନ୍ନ ରୋଗାକ୍ରାନ୍ତ ହୋଇ ମୃତ୍ୟୁ ମୁଖରେ ପଡୁଛନ୍ତି। ରାସ୍ତାଘାଟ ଏବଂ କଳ କାରଖାନା ନିର୍ମାଣ ନିମନ୍ତେ ଅନେକ ବୃକ୍ଷ ଛେଦନ କରିବାକୁ ପଡୁଛି, ଯାହା ଫଳରେ ପରିବେଶର ସନ୍ତୁଳନତା ରକ୍ଷା କରାଯାଇ ପାରୁନାହିଁ। ମନୋରଞ୍ଜନ ନିମନ୍ତେ, ବିଜ୍ଞାନ ଆମକୁ ରେଡିଓ ଠାରୁ ଟିଭି, ସିନେମା ଓ ମୋବାଇଲ ପାଖରେ ପହଂଚାଇ ପାରିଛି। ମନୋରଞ୍ଜନ ବ୍ୟତୀତ ଏହା ଜ୍ଞାନ ଆହରଣର ମଧ୍ୟ ଏକ ଉତ୍କୃଷ୍ଟ ମାଧ୍ୟମ ରୁପେ ବ୍ୟବହୃତ ହେଉଛି। କିନ୍ତୁ ଏଥିରେ ପ୍ରଦର୍ଶିତ ନକରାତ୍ମକ ଦିଗ ପ୍ରତି ଯୁବ ସମାଜ ଆକର୍ଷିତ ହେବା ଦ୍ୱାରା ସମାଜରେ ହିଂସା, କ୍ରୁରତା ଏବଂ ଅଶ୍ଳୀଳତା ବହୁ ମାତ୍ରାରେ ବୃଦ୍ଧି ପାଇ ଧନ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ମୋବାଇଲର ଉଦ୍ଭାବନ, ଟେଲିଫୋନ ସାଙ୍ଗକୁ ଟର୍ଚ୍ଚ, ରେଡିଓ, ଟିଭି, କ୍ୟାମେରା ପ୍ରଭୁତି ଶିଳ୍ପକୁ ପଛରେ ପକାଇ, ସମସ୍ତ ସୁବିଧା ଗୋଟିଏ ଯନ୍ତ୍ରରେ ଉପଲବ୍ଧ କରାଇ ସ୍ୱାଛନ୍ଦତା ଆଣି ଦେଇଛି ସତ୍ୟ, କିନ୍ତୁ ପିଲାଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ ସମସ୍ତଙ୍କୁ କର୍ମ ବିମୁଖ କରାଇ ଦେଇଛି। ବର୍ତମାନ ଏହାର ବ୍ୟବହାର , ସମାଜରେ ପ୍ରତ୍ୟେକ ବର୍ଗର ବ୍ୟକ୍ତିଙ୍କୁ , କୌଣସି ମାଦକ ଦ୍ରବ୍ୟ ଠାରୁ କମ ନିଶାସକ୍ତ କରି ରଖିନାହିଁ। କର୍ମ ଓ କର୍ତବ୍ୟକୁ ଜଳାଞ୍ଜଳି ଦେଇ, ଲୋକମାନେ ନିଜର ଅଧିକାଂଶ ମୁଲ୍ୟବାନ ସମୟ, ମୋବାଇଲ ସେବାରେ ଅପଚୟ କରୁଛନ୍ତି। ଆଉ ତାଛଡା ମୋବାଇଲ ମାଧ୍ୟମରେ, ବିଭିନ୍ନ ପ୍ରକାର କ୍ରାଇମ ଓ ସାଇବର ଠକେଇ ବହୁ ମାତ୍ରାରେ ବୃଦ୍ଧିପାଇଛି। ସବୁଠାରୁ ଭୟଙ୍କର ବିପଦ ସୃଷ୍ଟି ହୋଇଛି, ଅସ୍ତ୍ରଶସ୍ତ୍ର କ୍ଷେତ୍ରରେ ବୈଜ୍ଞାନିକ ଆବିଷ୍କାର। ଆଦି ମାନବ ପଶୁ ଶିକାର ନିମନ୍ତେ ପଥର ଖଣ୍ଡକୁ ଅସ୍ତ୍ର ରୁପେ ବ୍ୟବହାର କରୁଥିଲା, ତାପରେ ନୂତନ ପ୍ରସ୍ତର ଯୁଗରେ ପଥରକୁ ଧାରୁଆ କରି ବ୍ୟବହାର କଲା। ତାପରେ ଧନୁତୀର, ବନ୍ଧୁକ, ତୋପ ଠାରୁ ଆରମ୍ଭ କରି କ୍ଷେପଣାସ୍ତ୍ର ଓ ପରମାଣୁ ବୋମା ପାଖରେ ପହଂଚି ଯାଇଛି। ପୂର୍ବ କାଳରେ ହାତୀ ଘୋଡା ସାହାଯ୍ୟରେ ଖଣ୍ଡା ଏବଂ ବର୍ଛା ଦ୍ୱାରା ଜଣେ ଜଣଙ୍କ ସହିତ ଯୁଦ୍ଧ କରୁଥିଲେ। କିନ୍ତୁ ଆଜି ମଣିଷର ଟିପ ଅଗରେ ରିମୋଟ ମାଧ୍ୟମରେ ସମଗ୍ର ପୃଥିବୀକୁ ଧ୍ୱଂସ କରିଦେବା ଭଳି ଶକ୍ତିଶାଳୀ ପରମାଣୁ ବୋମା ଓ କ୍ଷେପଣାସ୍ତ୍ର ଶହଶହ ସଂଖ୍ୟାରେ ଗଛିତ ଅଛି। କେଉଁ ମୂହୁର୍ତରେ ସାମାନ୍ୟତମ ଭୁଲ ବୁଝାମଣା , ଆଖିପିଛୁଳାକେ ସମଗ୍ର ପୃଥିବୀକୁ ଏକ ଧ୍ୱଂସ ସ୍ତୁପରେ ପରିଣତ କରିନଦେବ, ତାହା କହି ହେବନାହିଁ। ବାରୁଦର ସ୍ତୁପ ଉପରେ ସମଗ୍ର ପୃଥିବୀ ଆଜି ଦଣ୍ଡାୟମାନ। ବିଜ୍ଞାନର ଅଗ୍ରଗତି ହିଁ ଧ୍ୱଂସର ସାଥୀ।

ମୋଟାମୋଟି ଭାବରେ ବିଜ୍ଞାନର ଅଗ୍ରଗତି ଫଳରେ, ମନୁଷ୍ୟର ଅର୍ଥନୈତିକ ଅବସ୍ଥା, ଶିକ୍ଷା, ପାର୍ଥିବ ଆବଶ୍ୟକତା ବହୁ ଗୁଣରେ ବୃଦ୍ଧି ହୋଇଛି,ଏବଂ ତତ୍ ସଙ୍ଗେ ସଙ୍ଗେ ମାନବୀୟ ଗୁଣର ଅବକ୍ଷୟ ଘଟି, କର୍ମ ବିମୁଖତା, ସ୍ୱାର୍ଥପରତା, ପରସ୍ପର ପ୍ରତି ବିଦ୍ୱେଷତା ଏବଂ ନୈତିକତାର ହ୍ରାସ ଘଟିଅଛି। ବିଜ୍ଞାନର ପ୍ରତ୍ୟେକ ଉଦ୍ଭାବନ ଓ ଆବିଷ୍କାର, ଆମକୁ ଉନ୍ନତି ପଥରେ ଅଗ୍ରସର କରାଉଥିଲେ ମଧ୍ୟ, ପ୍ରତ୍ୟେକ କ୍ଷେତ୍ରରେ ଏକ ନକରାତ୍ମକ ପ୍ରଭାବ ସୃଷ୍ଟି ହେଉଛି। ଆଜି ଯଦି ସାରା ପୃଥିବୀ, କରୋନା ମହାମାରୀର ଭୂତାଣୁ ଦ୍ୱାରା ଭୟଙ୍କର ଭାବରେ ପ୍ରଭାବିତ, ତାହା ମଧ୍ୟ ସେହି ବିଜ୍ଞାନଗାରର ସୃଷ୍ଟି। ବିନା ଅସ୍ତ୍ର ବିନା ରକ୍ତପାତରେ ପୃଥିବୀର ଲକ୍ଷଲକ୍ଷ ଲୋକ ମୃତାହତ। ବିବର୍ତନବାଦରୁ ପୃଥିବୀ ଓ ଜୀବଜଗତ ସୃଷ୍ଟି, କିନ୍ତୁ ମନୁଷ୍ୟ ଯଦି ପ୍ରକୃତିର ପ୍ରାକୃତିକ ସମତା ଉପରେ , ବୈଜ୍ଞାନିକ ପ୍ରୟୋଗ ଦ୍ୱାରା, ଅଯଥା ଓ ଅନାବଶ୍ୟକ ପରିବତର୍ନର ଧାରା ଜାରି ରଖେ, ତେବେ ପୃଥିବୀ ଓ ମାନବ ସମାଜ ଅଚିରେ ଧ୍ୱଂସ ହୋଇଯିବ। ଜାଗତିକ ଉଷ୍ମତା (ଗ୍ଲୋବାଲ ଓାର୍ମିଙ୍ଗ)ମେରୁ ପ୍ରଦେଶରେ ବରଫ ତରଳିବା, ଓଜେନ ସ୍ତରରେ ଛିଦ୍ର, ବିଭିନ୍ନ ପ୍ରଜାତିର ପଶୁ ପକ୍ଷୀଙ୍କର ବିଲୋପ ସାଧନ, ଏସବୁର ଗୋଟିଏ ଗୋଟିଏ ଦୃଷ୍ଟାନ୍ତ। ସମୟ ଆସିଛି, ଆମେ ଆମର ମାନସିକତାରେ ପରିବର୍ତନ ଆଣିବା ପାଇଁ। ପ୍ରାକୃତିକ ପରିବେଶର ଧାରାକୁ ବିକୃତ ନକରି, ବିଜ୍ଞାନକୁ ସମ୍ପୂର୍ଣ୍ଣ ଭାବରେ ଶାନ୍ତି ପ୍ରତିଷ୍ଠା ଦିଗରେ ପ୍ରୟୋଗ ନକଲେ , ପୃଥିବୀ ଓ ମାନବ ସମାଜର ଧ୍ୱଂସ ଅବଶ୍ୟମ୍ଭାବୀ, ଏହା ନିଃସନ୍ଦେହ।

+ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ଈଶାଣୀବ୍ରହ୍ମପୁର, କଟକ
ମୋ-୬୩୭୧୫୯୩୨୨୦

# ପରୀକ୍ଷା ପ୍ରଣାଳୀରେ ସ୍ୱଚ୍ଛତା

ଡକ୍ଟର ଲକ୍ଷ୍ମଣ ସାହୁ

ଏବେକାର ଶିକ୍ଷା ପ୍ରକୃତ ଜ୍ଞାନର ସନ୍ଧାନ ଅପେକ୍ଷା ଏକ ବଜାରର ପଣ୍ୟ ଦ୍ରବ୍ୟରେ ପରିଣତ ହେଉଛି । ସେଥିପାଇଁ ବୋଧହୁଏ କପି କରିବା ମଧ ଆଉ ଏକ ବ୍ୟବସାୟରେ ପରିଣତ ହୋଇଛି । ଅଧିକାଂଶ ପ୍ରତିଯୋଗୀତା ପରୀକ୍ଷଣରେ ସମସ୍ତ ସତର୍କତା ସତ୍ତ୍ୱେ ପ୍ରଶ୍ନପତ୍ର ଲିକ୍ ହୋଇଥାଏ । କିଛି ଅସାଧୁ ବ୍ୟକ୍ତିଙ୍କ ଶୀଘ୍ର ଓ ଅତି ସହଜରେ ଟଙ୍କା ସଂଗ୍ରହ କରିବାର ଇଚ୍ଛା ପ୍ରବଣତା ଏଭଳି ନିନ୍ଦନୀୟ କାର୍ଯ୍ୟ କରିବାକୁ ପଛାଉ ନଥିବା ବେଳେ ଅନ୍ୟ ପକ୍ଷରେ କଡାକଡି ନିୟନ୍ତ୍ରଣ ବ୍ୟବସ୍ଥାର ଅଭାବ । ସେହି ଧାରା କେବଳ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସୀମିତ ନୁହେଁ । ଅନେକ ସମୟରେ ବିଦ୍ୟାଳୟ, କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକ ଏହା ଦ୍ୱାରା ପ୍ରଭାବିତ ହୋଇଥାଏ । ଏପରିକି ଚିନ୍ତାର ଧାରାକୁ ଗଭୀର କରିଥାଏ । ଏହି ଧାରା ଭାରତ ବର୍ଷରେ ବିଭିନ୍ନ ପ୍ରଦେଶରେ ବ୍ୟାପିଛି । କହିହେବ ଉତ୍ତରପ୍ରଦେଶରେ ଅଧିକ ବ୍ୟାପିଛି । ଅଧସ୍ତନ କର୍ମଚାରୀମାନେ ଚୟନ ଆୟୋଗ ଠାରୁ ଜନସେବା ଆୟୋଗ ପର୍ଯ୍ୟନ୍ତ ଏହାର ନିୟନ୍ତ୍ରଣ ବାହାରକୁ ଆସିଛନ୍ତି । ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ ପ୍ରଶ୍ନପତ୍ର ଲିକକୁ ନେଇ ଏହି କଟକଣା ଜାରି ରହିଛି । ନିୟମ ଓ ନିୟମକୁ କଡାକଡି କରିବାକୁ ଉଦ୍ୟମ ଜାରି ରହିଛି । ଜାନୁଆରୀ ୮ ରେ ଉତ୍ତରପ୍ରଦେଶ ଜନସେବା ଆୟୋଗ ଦ୍ୱାରା ପରିଚାଳିତ ପାଟୱାରୀ ପରୀକ୍ଷାର ପ୍ରଶ୍ନପତ୍ର ମଧ ଲିକ୍ ହୋଇଥିଲା । ଏଭଳି ଘଟଣା ରାଜ୍ୟକୁ ଏକ ନୂଆ ଢଙ୍ଗରେ ବଦଳାଇ ଦେଇଛି ।

ଏସବୁ ଶିକ୍ଷା ପ୍ରେମୀଙ୍କୁ ଚିନ୍ତା କରିବାକୁ ବାଧ କରିଛି ଓ ଏକ ନିରପେକ୍ଷ ପରୀକ୍ଷା ପାଇଁ ନିୟମ ଓ ନିୟମ କ'ଣ ହେବା ଉଚିତ୍ ତାହା ଜାଣିବା ପାଇଁ ପ୍ରତ୍ୟେକ ରାଜ୍ୟ ସରକାର କଠିନ ଚେଷ୍ଟା କରୁଛନ୍ତି । ଏବେ ସବୁଠାରୁ ଉଲ୍ଲେଖନୀୟ କଥା ହେଉଛି , ଯୁକ୍ତ ଦୁଇ ଓ ବୋର୍ଡ ପରୀକ୍ଷା ଫେବୃଆରୀରୁ ମାର୍ଚ୍ଚ ମଧରେ ଆରମ୍ଭ ହେଉଛି । ଏହି ପରିପ୍ରେକ୍ଷୀରେ, ପ୍ରଧାନମନ୍ତ୍ରୀ ପୁଣି ଥରେ ଛାତ୍ରମାନଙ୍କ ସହିତ ମନ କି ବାତ୍ ରେ ପରୀକ୍ଷା ପୂର୍ବରୁ ପିଲାମାନଙ୍କ ମନୋବଳ ବୃଦ୍ଧି ବିଷୟରେ କହିଥିଲେ । ଜଣେ ପିଲା ତାଙ୍କୁ ପଚାରିଥିଲେ ଯେ ପରୀକ୍ଷାରେ ପ୍ରତାରଣା ମୂଳକ କପି ( ମାଲ୍ ପାଟିସ୍ ) କରାଯିବା ଉଚିତ କି ? କିଛି ପିଲା ଅସତ ଉପାୟରେ କପି କରି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୁଅନ୍ତି ?। ଏହାକୁ କିପରି ଏଡାଇ ହେବ ? ବୋର୍ଡ ପରୀକ୍ଷାରେ ଉପସ୍ଥିତ ଥିବା ଛାତ୍ରଛାତ୍ରୀମାନେ ପ୍ରଧାନମନ୍ତ୍ରୀଙ୍କ ସହ ଏ କପି ବିଷୟରେ କଥାବାର୍ତ୍ତା କରିଥିଲେ । ଭଲ ମାର୍କ ପାଇବା ପାଇଁ ଏକ ଭଲ ଉପାୟ କି ନାହିଁ ତାହା ଦ୍ୱନ୍ଦ୍ୱରେ ପଡିଛି । କିନ୍ତୁ ଶିକ୍ଷା ଓ ପରୀକ୍ଷା ତୁଳନାରେ ପୁଞ୍ଜି କିପରି ବୃଦ୍ଧି କରାଯାଉଛି, ଯଦି ମୁଦ୍ରା ମେଣ୍ଟିଂକୁ ଗୁରୁତ୍ୱ ଦିଆଯାଉଛି, ତେବେ ମେଧାବୀ ପ୍ରତିଭାମାନେ ପ୍ରତାରଣାର ଶିକାର ହେବେ ।

ପ୍ରଧାନମନ୍ତ୍ରୀଙ୍କ ଉତ୍ତର ଅତ୍ୟନ୍ତ ସ୍ୱଚ୍ଛ ଥିଲା । ସେ କହିଛନ୍ତି ଯେ ପରିଶ୍ରମୀ ଛାତ୍ର, ତାଙ୍କର ପରିଶ୍ରମ ନିଶ୍ଚିତ ଭାବରେ ତାଙ୍କ ଜୀବନରେ ରଙ୍ଗ ଆଣିବ । କେହି କେହି କପି କରି ଦୁଇରୁ ଚାରି ମାର୍କ ଅଧିକ ନେବେ, କିନ୍ତୁ ସେ ତୁମ ଜୀବନରେ କଦାପି ବାଧା ସୃଷ୍ଟି କରିବାରେ ସମର୍ଥ ହେବେ ନାହିଁ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହା ଆପଣଙ୍କୁ କେବଳ ଆଗକୁ ନେଇଥାଏ, ଭିତରର ଶକ୍ତି ସହିତ ଏକ କପିହୀନ ବ୍ୟବସ୍ଥା ସୃଷ୍ଟି କରିବା ମଧ ସରକାରଙ୍କ ମୁଖ୍ୟ ଦାୟିତ୍ୱ। ଉତ୍ତମ ଶାସନ ଅଭ୍ୟାସରେ ଓ୍ୱାଚଡଗ୍ ଭାବରେ ଠକେଇ ଏବଂ ପ୍ରଶ୍ନପତ୍ର ଲିକ୍ ବନ୍ଦ କରିବା ସରକାରଙ୍କ ଏକ ଜରୁରୀ ଦିଗ । ଶିକ୍ଷା ପରୀକ୍ଷା କିମ୍ବା ପ୍ରତିଯୋଗିତାରେ ଯଦି କପି ଏବଂ ପ୍ରଶ୍ନପତ୍ର ଲିକ୍ ଶୂନକୁ କମିଯାଏ ନାହିଁ, ତେବେ ଦେଶର ବିକାଶରେ ମଧ ବାଧା ସୃଷ୍ଟି ହେବ ନାହିଁ । କିନ୍ତୁ ବିଭିନ୍ନ ରାଜ୍ୟରେ କରାଯାଇଥିବା ପରୀକ୍ଷାରେ ଅଧିକ କିମ୍ବା କମ ଘଟଣା ଦେଖିବାକୁ ମିଳିଛି । ଉଦାହରଣ ସ୍ୱରୂପ ହିମାଚଳ ପ୍ରଦେଶର କର୍ମଚାରୀ ନିଯୁକ୍ତି କମିଶନ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଠାରୁ ଆରମ୍ଭ କରି ହରିୟାଣା କନଷ୍ଟେବଲ ନିଯୁକ୍ତି ପ୍ରଶ୍ନପତ୍ର ଲିକ୍ ପର୍ଯ୍ୟନ୍ତ ଆଠ ମାସରେ ଦୁଇଥର ରାଜସ୍ଥାନରେ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ପୁନଃ) ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହେଉଛି କିପରି ପରୀକ୍ଷାକୁ ସୁରୁଖୁରୁରେ ପରିଚାଳନା କରାଯିବ ତାହାର କିଛି ଉଦାହରଣ । ପ୍ରଶ୍ନପତ୍ର ଲିକ୍ ହେତୁ ବିହାର ଜନସେବା ଆୟୋଗର ଷାଠିଏ ପ୍ରାଥମିକ ପରୀକ୍ଷାକୁ ସ୍ଥଗିତ ରଖିବାକୁ ପଡିଲା । ଏହି ପ୍ରତିଯୋଗିତାରେ ଛଅ ଲକ୍ଷ ପ୍ରତିଯୋଗୀ ଆବେଦନ କରିଥିଲେ ଓ ପରୀକ୍ଷା ଆରମ୍ଭ ପୂର୍ବରୁ ସୋସିଆଲ ମିଡିଆରେ ଏହି ଫର୍ମ ପ୍ରଚାର କରାଯାଇଥିଲା ।

ପ୍ରସାରିତ ବିହାର ଜନସେବା ଆୟୋଗ ଓ ସରକାର ଅତ୍ୟଧିକ ମଇଳା ହୋଇଗଲେ ଓ ପ୍ରତିଯୋଗୀ ଛାତ୍ରମାନେ ବହୁ ରାକସ୍ ସୃଷ୍ଟି କଲେ । ଏହାପୂର୍ବରୁ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଝାଡଖଣ୍ଡ, ହରିୟାଣା ଓ ରାଜସ୍ଥାନରେ ବିଭିନ୍ନ ରୂପରେ ପ୍ରଶ୍ନ ଲିକ୍ ହେବାର ମାମଲା ରହିଛି । ଅଗ୍ନି ସେବା ୨୦୨୧ ଏବଂ ବିହାରରେ କନଷ୍ଟେବଲ ନିଯୁକ୍ତିର ପରୀକ୍ଷଣରେ ପ୍ରଶ୍ନପତ୍ର ଲିକ୍ ହୋଇଥିଲା । ଗତ ବର୍ଷ ଉତ୍ତରପ୍ରଦେଶରେ ଦ୍ୱାଦଶ ବୋର୍ଡରେ ଇଂରାଜୀ ପ୍ରଶ୍ନପତ୍ର ଲିକ୍ ହେତୁ ରାଜ୍ୟର ଚବିଶ ଜିଲ୍ଲାରେ ପରୀକ୍ଷା ସ୍ଥଗିତ ରଖାଯାଇଥିଲା । ୟୁପିଟିଇଟି (UPTET) ପରୀକ୍ଷା ୨୦୨୧ ପ୍ରଶ୍ନପତ୍ର ଲିକ୍ ହୋଇଛି । ହରିୟାଣାରେ ୟୁଜିସି ଏନଇଟି ( UGC NET) ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହୋଇଥିଲା ଏବଂ ଗୁଜୁରାଟ ହେଡ୍ କ୍ଲର୍କ ପରୀକ୍ଷାରେ ଏବଂ ଦଶମ ହିନ୍ଦୀ କାଗଜପତ୍ର ବାହାରିଥିଲା ??। ଉତ୍ତରାଖଣ୍ଡରେ ନିଯୁକ୍ତି ପରୀକ୍ଷାରେ ତ୍ରୁଟି ଯେପରିକି ସ୍ନାତକୋତ୍ତର ସ୍ତରର ନିଯୁକ୍ତି, ବନ ଇନ୍ସପେକ୍ଟର ନିଯୁକ୍ତି, ସଚିବାଳୟ ଗାର୍ଡ ନିଯୁକ୍ତି ଏବଂ ଅନେକ ପ୍ରତିଯୋଗୀତା ପରୀକ୍ଷାରେ ମିଳୁଥିବା ଅନିୟମିତତା ସରକାରଙ୍କ ପାଇଁ ଅନେକ ଲଜ୍ଜାଜନକ କାରଣ ହୋଇଛି ।

ପରୀକ୍ଷା ପୂର୍ବରୁ ବାହାରୁଥିବା ପ୍ରଶ୍ନପତ୍ର ପରୀକ୍ଷା ବ୍ୟବସ୍ଥା ଉପରେ ଗଭୀର ପ୍ରଶ୍ନ ସୃଷ୍ଟି କରେ । ଏହିପରି ମାଫିଆରୁ ପରୀକ୍ଷାକୁ କିପରି ସୁରକ୍ଷିତ କରାଯିବ ତାହା ଉଭୟ ନିଯୁକ୍ତି ଏଜେନ୍ସି ଏବଂ ସରକାରଙ୍କ ପାଇଁ ଏକ ବଡ଼ ଆହ୍ୱାନ । ଏହାକୁ ରୋକିବା ପାଇଁ ରାଜ୍ୟ ସରକାରମାନେ ନିଜସ୍ୱ ପଦ୍ଧତିରେ ଆଇନଗତ ବ୍ୟାୟାମରେ ନିୟୋଜିତ ହୋଇଛନ୍ତି । ଏହି ପରିପ୍ରେକ୍ଷୀରେ ପୋଲିସ ଧାରା ୧୨୦ , ୪୨୦ ଓ ୪୬୮ ଅନୁଯାୟୀ ଏକ ମାମଲା ରୁଜୁ କରିଛି ଯେଉଁଥିରେ ଯଥାକ୍ରମେ ଗୁରୁତର ଅପରାଧ, ସମ୍ପତ୍ତି ଜାଲିଆତି ଏବଂ ଦଲିଲର ଅପବ୍ୟବହାର ଅନ୍ତର୍ଭୁକ୍ତ। ସାତ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଏବଂ ଜରିମାନା ସମ୍ଭବ । ଅନେକ ରାଜ୍ୟ ଏପରିକି ସମ୍ପତ୍ତି ଜବତ କରିବା ଭଳି ପଦକ୍ଷେପ ମଧ ବ୍ୟବହାର କରିଛନ୍ତି ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)




## ଇଚ୍ଛାହୁଏ

ରମାକାନ୍ତ ଦାସ

ଇଚ୍ଛାହୁଏ......
ପୁଣିଥରେ ଫେରିଯିବାକୁ
ସେ ଅତୀତ ପାଖକୁ
ପୁଣିଥରେ ଜିଇଁବାକୁ
ସେ ଅତୀତ ସହିତ
ପୁଣିଥରେ ହଜିଯିବାକୁ
ସେଇ ପୁରୁଣା ରାସ୍ତାରେ
ଯେଉଁ ରାସ୍ତାରେ ଥିଲେ
ତୁମେ, ମୁଁ ଓ ଆମ ପ୍ରେମ
ନେହୁରା ହୋଇ ଅଟକେଇ ଦିଅନ୍ତି
ସମୟକୁ ସେଇ ରାସ୍ତାରେ
ପୁଣିଥରେ ତୁମ ପ୍ରେମର
ରଙ୍ଗ ବୋଳନ୍ତି
ମୋ ହୃଦୟ କାନଭାସରେ
ପୁଣିଥରେ ଚାଲନ୍ତି
ତୁମ ହାତରେ ହାତ ରଖି ।
ଫେରିପାରନ୍ତି କି ଥରେ !
ସେଇ ପୁରୁଣା ଦିନକୁ
ପ୍ରତିଦିନ ରୁହନ୍ତି ତୁମ ଅପେକ୍ଷାରେ
ନିଜକୁ ବାନ୍ଧିରଖନ୍ତି
ତୁମ ପ୍ରେମର ବଳୟ ମଧରେ
ଚାହିଁଲେ ବି ମୁଁ ଫେରିପାରେନି
ସେଇ ପୁରୁଣା ଦିନକୁ
ଭାବେ ମୁଁ ଆଜି ନିରୋଳାରେ ବସି
କାହିଁ ଗଲା ସେ ଦିନ...... ?
କାହିଁ ଗଲା ସେ ସମୟ..... ?
କଣ ବଦଳିଗଲା....... ?
ମୁଁ ଜାଣିପାରେନି
ତୁମେ, ମୁଁ ନା ସମୟ ।

+ଉତ୍କଳ ବିଶ୍ୱବିଦ୍ୟାଳୟ,
ବାଣୀବିହାର, ଭୁବନେଶ୍ୱର
ମୋ-୯୬୬୮୮୧୫୩୬୯

## ଜୀବନ ଦୀପ

ନିରଞ୍ଜନ ସାହୁ

ଧୀରେଧୀରେ ଏହି ଜୀବନ ଦୀପରୁ
ସରିସରି ଆସେ ତେଲ
ଜାଣି ବି ମଣିଷ ଅଜଣା ଭାବରେ
ହେଉଥାଏ ଭାରି ଗେଲ ।

ମନେମନେ ଭାବେ ଚୋଖା ଜଳୁଅଛି
ତାହାରି ଜୀବନ ଦୀପ
ଭାବେନାହିଁ କେବେ ଲିଭିଯିବ ଦୀପ
ହୋଇକରି ଧପଧପ
ଯେତେ ତ କହିଲେ ଯେତେ
ବୁଝାଇଲେ
ଭଲକୁ ଭାବଇ ଭେଲ ।

ନିତି ଦେଖୁଥାଏ
କେତେ ଦୀପ ଲିଭେ
ତଥାପି ସେ ଭୁଲିଯାଏ
ତା ଜୀବନ ଦୀପ ଜଳୁଛି ଜଳିବ
ଏହି କଥା ଭାବୁଥାଏ
ତେଲ ସରି ଯେବେ ଦୀପ ଲିଭିଯିବ
କହିବ , ' କି ଦୁଃଖ ଦେଲ ।'

+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ-୭୫୯୦୧୬
ମୋ : ୯୯୩୮୭୪୧୫୮୩

## ଭୁଲି ମୁଁ ପାରିବି ନାହିଁ

ପ୍ରଶାନ୍ତ କୁମାର ନାଥ



ତୁ ଆଜି ଖୁସିରେ ଦିନ କଟୁଛୁ ଲୋ
ଦୁଃଖରେ ବିତେ ମୋ ଦିନ
ଭଲପାଇବାର ଅଭିନୟ କରି
ଭାଙ୍ଗି ଦେଲୁ କାହିଁ ମନ ।

ତୋ ଓଠରେ ସିନା ହସ ଖେଳୁଅଛି
ପଡୁନାହିଁ ମୁହିଁ ମନେ
ହେଲେ ତୋର କଥା ଭାବି ନାହିଁ ମୁହିଁ
ଏମିତି ହୋଇନି ଦିନେ।

ତୋ ଆଖିରେ ସିନା ନୂଆ ସପନ ଲୋ
ପଛକୁ ଚାହୁଁନୁ ବୁଲି
ହେଲେ ମନେ ପଡେ ସବୁ ସ୍ମୃତି ମୋର
ପାରୁନାହିଁଜମାଭୁଲି।

ହସି ହସି ସିନା କହି ଦେଇଗଲୁ
ତୋତେ ଭୁଲିଯିବା ପାଇଁ
ଭାବିଲୁନି ଥରେ ତୋତେ ଭୁଲିଯାଇ
କେମିତି ବଞ୍ଚିବି ମୁହିଁ।

ତୋ ପ୍ରେମଟା ସିନା ଛଳନା ଥିଲା
ଲୋ
ଛଳନା ଶିଖିନି ମୁହିଁ
ଯେତିକି ପ୍ରେମ ଲୋ ଦେଇଅଛୁ
ମୋତେ
ତା ସାଥେ ପାରିବି ଜିଇଁ।

♥ବାଙ୍ଗାଲୋର

## ପ୍ରେମର ଭାଷା

ଚନ୍ଦ୍ର ମୋହନ ମେହେର



ପହିଲି ଦେଖାରେ ତମ ଚେହେରା ଓ
ଆଖି ର ଚାହାଣୀ
ମୋର ନିଦ ହଜାଇ ଦେଇଛି
ତମେ ଅଟକି ଯାଇ ପଛକୁ ଅନାଇ
ମୁରୁକି ମୁରୁକି ହସିଦେଲେ
ମୋତେ ମୁକ୍ତା ଝରିପଡେ ପରି ଲାଗୁଛି
ସତେ ଯେପରି ସ୍ୱର୍ଗର ପରୀଟିଏ
ମୋତେ ପ୍ରେମର ଇସାରା ଦେଉଛି
ମୁଁ ତୁମକୁ ଆପଣାର କରିବାକୁ ଚାହୁଛି
ମୋ ମନର ଆକାଂକ୍ଷା ରେ ଛନ୍ଦିବାକୁ
ଚାହୁଛି
ମୁଁ ଯେତେ ଚେଷ୍ଟା କରୁଛି ତୁମକୁ
ଆପଣାର କରିବା ପାଇଁ
ତୁମେ ମୋ ଠାରୁ ଦୂରେଇ ଯାଉଛ
ପୁଣି କେତେ ବେଳେ ପ୍ରେମର ଇସାରା
ଦେଉଛ
ତୁମେ ଜାଣି ନ ପ୍ରିୟା ମୁଁ କିଭଳି ପ୍ରେମିକ
ଖୋଲା ମନେ କହିଦେବ ଆସ ।।

( +୩ ଉଦ୍ଭିଦ ବିଜ୍ଞାନ ଶେଷ ବର୍ଷ ଛାତ୍ର)

## କାହିଁକି କେଜାଣି ?

ପ୍ରଶ୍ନ କୁମାର ଶତପଥୀ

କାହିଁକି କେଜାଣି ସକାଳ ପାହିବାକୁ
ଚାରି ଘଡ଼ି ବାକି ରହିଥାଏ
ସେହି ଅନ୍ଧାର ରାତି କାଳରେ
ଜହ୍ନ ପୂର୍ବ ଆକାଶରୁ ଜନ୍ମ ନେଇ
ବଉଦ ସହ ଭାସି ଆସଇ
ତା'ପଥରେ,
କାହିଁକି କେଜାଣି
ଜହ୍ନର ଏମିତି ଆବିର୍ଭାବ ହୁଏ
ମୋ ଜଗତରେ,
ସୂରୁଜ, ତାରା, ସନ୍ଧ୍ୟା,
ଦିବସ, ରାତି, ସକାଳ
ଏ ସବୁ ଯଥା ସମୟରେ
ଆସୁଥିବା ବେଳେ
ଜହ୍ନ ଟିକିଏ ନିଆରା ହୁଏ କାହିଁକି,
ଦିନରେ, ରାତିରେ
ଯେ କୌଣସି କାଳେ
ଜନ୍ମ ନେଇ ପୁଣି ନିଜ ଦେହକୁ
ପୂର୍ଣ୍ଣ କରିବା ସହ ନିତି ନିତି
ଖଣ୍ଡ ଖଣ୍ଡ କରି ତାରାଭରା
ଆକାଶକୁ
ଏକା ଆସେ କାହିଁକି କେଜାଣି ?

+ ଦୁମାଡ଼ିହି,
ଜାମଦା, ମୟୂରଭଞ୍ଜ

# କବିତାମାଳା

## ତମକୁ ଦେଖେଇ ନେବି
### ହରିଶ୍ଚନ୍ଦ୍ର ବେହେରା



ଆମ ଗାଁ କୁ ଛୁଇଁ ବୋହିଯାଉଛି ଗୋଟେ ନଈ
ଟିକେ ଆଗକୁ ସମୁଦ୍ର
ତା'ଅନାଘ୍ରାତ ଯୌବନ କୁ କୋଳେଇ
ବାୟା ରଜା ପରି ହସେ
ଗେଲ କରେ ଚୁମା ଦିଏ
କାନ ପାଖେ କ'ଣ ଚୁପି ଚୁପି କହେ ଯେ
ପୂରା ବାୟାଣୀ ହୋଇଯାଏ ନଈ
ତମକୁ ଦେଖେଇ ନେବି ପ୍ରିୟତମା

ଆମ ଗହୀରି ପାଟରେ ଆକାଶ ମୁଣ୍ଡେଇ
ଏକା ଏକା ଠିଆ ହୋଇଛି
ଗୋଟେ ତାଳ ଗଛ
ତା' ବରଡ଼ା ରୁ ଝୁଲୁଛି କେଇଟା
କିଚିରି ମିଚିରି
ବାୟା ଚଢେଇର ବସା
ଯେତେ ଜୋରରେ ବାଆ ହେଲେ ବି
ଛିଣ୍ଡେ ନାହିଁ
ଦୋହଲୁ ଥାଏ

ବସା ଭିତରେ ଅତିଥି ଭବନ
ଶୋଇବା ଖାଇବା ଘର
ଡିମ୍ବ ପାରିବାକୁ ଛୋଟ ଖୁଂଦୁରଖାଇ
କେତେ ଖୁସିରେ କଟୁଛି ସେମାନଙ୍କ ସଂସାର
ଦେଖେଇ ନେବି

ଆମ ଗାଁ ମଥାରେ ସେଇ ବରଗଛ
ଓହଳ ପରେ ଓହଳ ଲମ୍ୱେଇ
ବଇଚି କେଉଁ କାଳୁ
ଭୂତ ଭୂତୁଣୀ ପ୍ରେତ ପ୍ରେତୁଣୀଙ୍କ
ଲୀଳା ଖେଳା ସେଇଠି
କେବେ କେବେ ପିଶାଚ ବ୍ରହ୍ମ ରାକ୍ଷସ

ରାତିରେ ଚିରଗୁଣୀ ଆଲୁଅ ଦିଶେ
ତା'କୋଳରେ ଜୀବନ ମରଣ ରହସ୍ୟ କୁଳୁରି
କୁଳୁରି ଖେଳେ

ତା' ଛାଇରେ କେତେ କୁଆଁର କୁଆଁରୀ
ରଜ ଲୁଣ ଦାଣ୍ଡି ବୋହୂ ଚୋରି
ହାକୁମ ଧାବୋଲ ଶବାରି ବାହକ ଏଇଠି
ଖାଲ
ଦେଇଛି ସେ ଛାଇ କେବେ କହିନାଇଁ ନାହିଁ

ନୀଡ଼ ବାହୁଡା ପକ୍ଷୀଙ୍କ କଳରବ କେତେ ମିଠା
ଆସିବ ତ ଶୁଣେଇ ଦେବି

ବଦଳି ନାହିଁ କୋଇଲିର ଡାକ
ତମକୁ ତ ଦେଖିନାହିଁ ଅନେକ ଦିନୁ
ତମେ କ'ଣ ସେମିତିଥିବ ଯେମିତି ଥିଲ
ଗୋଟେ ମେଘ ମେଘ ଆକାଶରେ ଇନ୍ଦ୍ରଧନୁ
ଛୁଇଁଲା ବେଳେ !

ସେଦିନୁ ଇନ୍ଦ୍ରଧନୁ ଦେଖିନି ଆକାଶରେ
ଖାଲି ଯାହା ପଲ୍ଲବ ପାଟଳ ହାତଟିଏ ଦିଶେ
ସେଇଠି ।

♥ କଲ୍ୟାଣ ନଗର, ବାଲେଶ୍ୱର -୧
ମୋ-୯୪୩୭୮୧୩୭୦୮

## ଜୀବନ ମୃତ୍ୟୁ
### ଆନନ୍ଦ କୁମାର ମାଇତି



ଜୀବନ ସତରେ ଏକ ବିରକ୍ତିକର ଅଧ୍ୟାୟ
ତଥାପି ଏଇ ଜୀବନ ସମସ୍ତ
ଜୀଇଁବାଟା ପରବର୍ତ୍ତୀ ପରିଚ୍ଛେଦ ଭାବି
ଗୋଟେ ପରେ ଗୋଟେ
ପୃଷ୍ଠା ଲେଉଟି ଚାଲେ
ଜୀବନ ଅଧ୍ୟାୟର ସମାପ୍ତ ରେଖା ପର୍ଯ୍ୟନ୍ତ।
ତାରି ଭିତରେ ସେ କେତେ ଗଢ଼େ
କେତେ ଭାଙ୍ଗେ
ବ୍ୟର୍ଥ ଜୀବନକୁ ନେଇ ହସେ
ସଫଳ ଜୀବନକୁ ହିଂସା କରି କରି।

ଏଇ ଜୀବନରେ ମୃତ୍ୟୁ ଏକ ପରୋୟାନା
ସେ ନିର୍ଦ୍ଦେଶ ରେ କେତେ ଯେ କଠୋରତା
ଠିକ୍ ବୁଝି ହୁଏନା
ଯଦି ନିଜ ମୃତ୍ୟୁ ରେ ନିଜେ କାନ୍ଦି ହୁଅନ୍ତା
ତେବେ ହୁଏତ ବୁଝି ହୁଅନ୍ତା
ଜୀବନ ଯବନିକାର ବେଦନାମୟ
ଓ ତାର କେତେ ଗଭୀରତା।

ଏଇ ଦୁଇ ସହର ଭିଡ଼ ଭିତରେ
ନିଜେ ଏକା ଠିଆ ହୋଇହୁଏ
କିନ୍ତୁ
ଏକୁଟିଆ ଠିଆ ହୋଇ ହୁଏନା

♥ ଏରସମା, ଜଗତସିଂହପୁର

## ଦିବ୍ୟତ୍ୱର ଏକ ଅମ୍ଳାନ ନିର୍ଯ୍ୟାସ
### ଭରତ ଚନ୍ଦ୍ର ଦାଶ



ସମୟର ସ୍ରୋତ ଆଜି ନିଷ୍ପ୍ରଭ ନିସ୍ତେଜ
ଗତିହୀନ ଲକ୍ଷ୍ୟହୀନ
ନଈ ଆଜି ନିଷ୍ପନ୍ଦ
କହୁନାହିଁ କଥା
ତାର ପ୍ରିୟ କବିଙ୍କ ଅବର୍ତ୍ତମାନରେ
ସେ ମ୍ରିୟମାଣ ମର୍ମାନ୍ତକ
ଯନ୍ତ୍ରଣାରେ ସେ ଚେତାଶୂନ୍ୟ ।
କବି କ'ଣ ମରିପାରେ
ତା'ର ପାର୍ଥିବ ଶରୀର
ତ୍ୟାଗକୁ ନେଇ ସମସ୍ତେ
ସମ୍ମାନ ଓ ଶେଷ ଦର୍ଶନରେ
ଦଣ୍ଡାୟମାନ ନତମସ୍ତକରେ
ଦିବ୍ୟସିଂହଙ୍କ
ଦିବ୍ୟତ୍ୱ ପ୍ରାପ୍ତି ଯାହା ଜାତକରେ
ଲେଖା ଜନ୍ମ କର୍ମ କୀର୍ତ୍ତି ମୃତ୍ୟୁ ସହ।
ସେ ଧନ୍ୟ ଆଜି ଶତମୁଖରେ
ଆହା ଆହା ଶବ୍ଦରେ
ମୃତ୍ୟୁ ହୀନବୀର୍ଯ୍ୟ ବୋଲି
କୁହନ୍ତି ଜନପଦ ଲୋକେ
ପଦ୍ମପୋଖରୀର ସାତତାଳ
ପଙ୍କତଳେ ମୃତ୍ୟୁ ଲୁଚିଛି କିପରି ।
ଘନିଷ୍ଠ ସମୟ ଏବେ ଏଇମିତି
ମନ୍ଥର ଗତିରେ ଚାଲେ
ବାଛି ବାଛି ଭଲଲୋକ ନିଏ
ହାତଧରି ଗଢିବାକୁ
ଦିବ୍ୟ ଏକ ସୃଜନ ସଂସାର
ମାର୍ଫତରେ ଦାସ ଅଧିକାରୀ ।

ସବୁଠି ଶୋଷ, ତର୍କ ବିତର୍କର କଥା
ଭାବ ଅଭାବ କବିଭାବର କବି
ଏମିତି ଅସମୟରେ ବାହୁଡିଗଲେ କେମିତି
ତାଙ୍କ ପ୍ରିୟଜନ ଶ୍ରୋତା
ପାଠକ ଓ ସଭାମଞ୍ଚକୁ ଛାଡି

କି ଗୁରୁଗମ୍ଭୀର ସେ ଶବ୍ଦ
ହୃଦୟକୁ ଛୁଇଁଯିବାର କି ପ୍ରେମିଳ ଆସ୍ପର୍ଦ୍ଧା
ଏକଲାପଣର କବିଙ୍କୁ
ସଭାମଞ୍ଚ ଝୁରୁଛି କେମିତି
ଦେଖିବା ଶକ୍ତିରହିତ ସେ
କାଳର କାରୁଣ୍ୟରେ ।
ଅଧିକାରୀ ପୃଥିବୀରେ
ସୂର୍ଯ୍ୟୋଦୟ ଆଉ ହେବନାହିଁ
ପାଖାପାଖି ହୋଇ
ଗୀତରେ ଗୀତରେ ନାନାବାୟା ଗୀତ
ଆଉ ଗାଇବ ବା କିଏ
ଅଧିକାରୀ ଅଧିକାର ଶୂନ୍ୟ
ପ୍ରଥମ ପ୍ରବେଶ ପଥ
ପ୍ରସ୍ଥାନରେ ଶେଷ
କବି ଧନ୍ୟ ତା ସୃଜନ ପଥେ
କବିତାର ନାହିଁ ମୃତ୍ୟୁ
ଜନ୍ମ ମୃତ୍ୟୁ ମଧ୍ୟେ
ଦିବ୍ୟ ସିଂହ ଅଧିକାରୀ
ଦିବ୍ୟତ୍ୱର ଏକ ଅମ୍ଳାନ ନିର୍ଯ୍ୟାସ ।

ଶମନ ନେଇଛି ହରି
ରକ୍ତ ମାଂସ ଶରୀରକୁ ତାର
ଶବ୍ଦ ବ୍ରହ୍ମ ଚିର ଆୟୁଷ୍ମାନ
କବିଟିଏ ସୃଜନର ରବିଟିଏ
ଅହରହ ସାଧନାର ଏକ
ଦିପ୍ତୀମନ୍ତ ଅଲିଭା ଜ୍ୱଳନ ।

ସଦସ୍ୟ, ଓଡିଶା ସାହିତ୍ୟ ଏକାଡେମୀ
ମାର୍କୋଣା,ବାଲେଶ୍ୱର - ୭୫୬ ୧୨୬
(ମୋ) ୯୪୩୭୩୭୨୧୬୬

## ଖୁସିରେ ଅଛି
### ବୃନ୍ଦାବନ ଦାସ



କେବେ ଧାଡିରେ ନଥିଲି
ଦୌଡରେ ନଥିଲି
ଏବେ ବି ନାହିଁ
ଆଗକୁ ବି ଏସବୁ ଆଦୌ ନୁହେଁ...।

ସମ୍ପାଦକ ବିଶ୍ୱକର୍ମା
ଯିଏ ପରିଚୟ ଦେଲେ ଆଲୋକକୁ ଆଣିଲେ
ପାଠକ ଭଗବାନ
ଯିଏ ହୃଦୟରେ ସ୍ଥାନ ଦେଲେ
ଆଶୀର୍ବାଦ ଦେଲେ
ଚିରକାଳ ତାଙ୍କ ପାଶେ କୃତଜ୍ଞ ମୁଁ

ତେଣୁ ଭାବେ
କେଉଁ କବିରେ ଗଣା ମୁଁ ଯେ !!

ମୁଁ ସ୍ରଷ୍ଟା ନୁହେଁ ଦ୍ରଷ୍ଟା ନୁହେଁ
ନିର୍ମାତା ବି ନୁହେଁ
ସାଧାରଣ ଅତି ସାଧାରଣ
ସବାଶେଷର ସବାଶେଷ ମଣିଷ ମୁଁ ।

ଯେଉଁଠି ଭୋକ ଲୁହ ଝଡ ଝଡି
କେତେ ଯୁଗର ଅଳନ୍ଧୁ ଅନ୍ଧାର
ଅବିଗୁଣ
ତାହାରି ଭିତରୁ କେଉଁଠୁ ମୁଁ
ମଥା ଟୋଳୁଥାଏ ଉଦାସୀ ସ୍ୱରଟିଏ ହୋଇ ।

ଏକାକୀ ନିହାତି ଏକଲା

ଯଦିଓ ଏକାକୀତ୍ୱର ମୁଁ ଜୟଗାନ କରେନାହିଁ
ଖୁସିରେ ଅଛି ନିଜ ଜାଗାରେ
ହଁ, ନିଜ ଜାଗାରେ
ଦୁଇପାଦ ଭୂମି ଉପରେ ।

♥ ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ଡେରାବିଶ କଲେଜ, ଡେରାବିଶ
କେନ୍ଦ୍ରାପଡା -୭୫୪୨୮୯
ମୋ - ୯୭୭୭୮୪୩୦୩୧

## ଅସମର୍ଥ ଭାଗ୍ୟ
### ତାରାପ୍ରସାଦ ଜେନା



ଅସମର୍ଥ ଭାଗ୍ୟ ନେଇ
ଯାତ୍ରା ମୋର ବାର ଦ୍ୱାର
ଜଣେ କେହି ମଣିନାହିଁ ଚିହ୍ନିବାର ଉପକାର
ଅସମର୍ଥ ଭାଗ୍ୟ ନେଇ .... .... .... !

ଜୀବନର ଅଙ୍କ ମୋର ହେଉନାହିଁ
ସମାହିତ
ନିଜେ ଆଜି ନିଜ ଦୁଃଖେ ସବୁଠାରୁ
ମର୍ମାହତ
କଣ୍ଠରୋଧ ଗାନ କିବା
ନାହିଁ ସତେ ବାହ୍ୟାଚାର
ଅସମର୍ଥ ଭାଗ୍ୟ ନେଇ .... .... .... !

ହସ ମାଡ଼େ କୋହ ଚାପି
କପୋଳରେ ଢିରା ବାହୁ
ନିଦାଘରେ ବୃଥା ସିନା ଫଗୁଣର ମିଠା କୁହୁ
ଜୀଇବାର ସ୍ୱପ୍ନ ଭଙ୍ଗ
ଆଙ୍କେ କେତେ ହାହାକାର
ଅସମର୍ଥ ଭାଗ୍ୟ ନେଇ .... .... .... !

ତଥାପିର ଦେହ ସ୍ୱୟଂ
କବଳିତ କ୍ଷୁଧା ମୋହ
ବିଭ୍ରାଟର ଉତ୍କଟତା
ଲେଶ ମାତ୍ର ଅଛି ସ୍ନେହ
ସବୁ କିଛି ଅଭିନୟ ମନେ ମନେ ଜୟକାର
ଅସମର୍ଥ ଭାଗ୍ୟ ନେଇ .... .... .... !

♥ ରାଜ ରଣପୁର, ଜିଲ୍ଲା-ନୟାଗଡ଼,
ପିନ୍-୭୫୨୦୨୬,
ମୋ:୯୩୪୮୦୫୪୩୦୦

## କ୍ଷୁଦ୍ରଚିନ୍ତନ
### ବିନୟାନନ୍ଦ ବସ୍ତସ୍ୟ

କ୍ଷୁଦ୍ର ଚିନ୍ତନଟି ମହତ ଭାବର
ପରିପୂର୍ଣ୍ଣ ଏକ ସର,
ଜୀବନ ନିର୍ଯ୍ୟାସ ଭରିଅଛି ଯହିଁ
ଏଇ ତ ଜୀବନ ସାର,
ଏକା ଏକା ଏ ଜୀବନ,
ନିଜକୁ ଛାଡିଲେ ଆଉ କିଏ କହ
ବୁଝି ପାରିବ ଏ ମନ ?

ଏକା ଥିବା ବେଳେ ଯୋଜନା ମାର୍ଜ୍ଜନା
ଶିକ୍ଷା ମିଳେ ଏକାସାଥେ,
କରିଥିବା କର୍ମ, ଫଳ ମିଳେ ନାହିଁ
ଥିଲେ ଜଣେ କିଏ ସାଥେ,
ଆସୁ ବା ନ ଆସୁ ପାଶେ,
ସୁକର୍ମ ନିଶ୍ଚିତ ସୁରଭିତ କରେ ମହ ମହ
ହୋଇ ବାସେ।

ଅକର୍ମା ନିର୍ଦ୍ଧନୀ ଦୁଃସମୟ ପାଶେ
କାହାର ଯିବାକୁ ମନ,
ସମୟ ଆସିଲେ ସୁନା ଲାଗେ ବେଙ୍ଗି
ପିତ୍ତଳ ଶୁଦ୍ଧ ସୁବର୍ଣ୍ଣ,
ଆଖି ସେଇମିତି ହୁଏ,
ଓଲଟା ପାଲଟା ସବୁ ଦିଶୁଥାଏ ବିବେକ
ଉଭେଇ ଯାଏ।

ସ୍ୱାର୍ଥ ପାଇଁ କେତେ ଚଉପାଶେ ଥାଇ
କରନ୍ତି ନିନ୍ଦା ପ୍ରଶଂସା,
ଉପରେ ପଡିକି ମାହାର୍ଦ୍ଦ ଧରେଇ
ବନ୍ଧୁ କରନ୍ତି ସହସା,
ପୁରିଲେ ମନ କାମନା,
ଗୋଇଠାଏ ଦେଇ ପଛକୁ ନ ଚାହିଁ ଚାଲିଯାନ୍ତି
ଝାଡ଼ି ଡେଣା।

ଯେଉଁ ଗୋଦା ଦେଇ ବାଘ ନେଇଥିଲା
ସେଇ ଗୋଦା ବାଟେ ଯାଇ,
ସ୍ୱାର୍ଥ ବଶେ ସର୍ବେ ଚଳନ୍ତି ସଂସାରେ
ଦୁନିଆଁ ବେଭାର ଏହି,
ରାତି ଯାଏ ଯହିଁ ପାହି,
କୃତକର୍ମ ବାଘ ସେଇଠି ହେଣ୍ଟାଳେ ଉବୁରିବା
ବାଟ କାହିଁ ?

ସେ ବେଳେ ନେହୁରା ଯାଚଞ୍ଚା କରିଲେ
ଶୁଣିବାକୁ କିଏ ନାହିଁ,
ଯେତେ ଠେଲୁଥିବ ସେତେ ଭିଡୁଥିବେ
କାଳ ବିକାଳ ନ ଚାହିଁ,
ଯଦି କିଛି ନ ଶିଖିଲ,
ନିତି ମରୁଥିବ ବାଟ ନ ପାଇବ
ହେଉଥିବ କଲବଲ।

ନିନ୍ଦା ପ୍ରଶଂସା କି ଚାଟୁ କଟୁଭାଷା
ମିତ୍ର ଅରି ଯେଉଁ ଜନ,
ଗହନ ପଥରେ ଏକାକାର କରି
ଧୈର୍ଯ୍ୟ ଧରି ନିଜ ମନ,
ଚାଲୁଥାଏ ଅବିଚଳେ,
ସେହି ଏକା ସାଧୁ ବିବେକୀ ଅଟଇ ମିଛ
ମାୟା ଏ ସଂସାରେ।

ନିଆଳ, ଖୋର୍ଦ୍ଧା

## ଆଖି ବୁଜିଦେଲେ
### କୀର୍ତ୍ତନ ସାହୁ



ଆଖି ବୁଜି ଦିଅ
କିଛି ଖରାପ ଜିନିଷ ଦେଖ ନାହିଁ
ଗାନ୍ଧିଜୀ କହିଥିଲେ

ଛୋଟ ବେଳେ ତିନି ମାଙ୍କଡଙ୍କ
ନୀତି ମାନି ବେଶ୍
ଆଦର୍ଶ ହେଇ ଉଠୁଥିଲୁ
ଭାରି ମାନିଆ ଥିଲୁ
ବୟସ ବଢିବା ସହ ଅମାନିଆ ହେଲୁ

ଏବେ ଆଖି ବୁଜି ଦେଲେ ତ
ସବୁ ଦିଶୁଛି
ପିଲାବେଳୁ ଅଙ୍ଗେ ନିଭାଇ ଥିବା
ଘଟଣ ଅଘଟଣର
ଛବି ସବୁ ଗୋଟି ଗୋଟି କରି
ଆଖି ଆଗରେ ଥିବା ଜିନିଷ
ଆଖି ବୁଜି ଦେଲେ ବି ଦିଶୁଛି
ଦେଖିବାର ଭାବ ନେଇ
ଆଖି ବନ୍ଦ କରି ପାରିଲେ ହେଲା !

ଆଖି ବନ୍ଦ କରି ଦେଲେ ଦିଶୁଛି
ବୋଉ ତା ଛିଣ୍ଡା ପଣତ କାନିରେ
ମୋ ମୁହଁ ପୋଛି ଦେଉ ଥିବାର ଦୃଶ୍ୟ
ସ୍କୁଲକୁ ଯିବା ପାଇଁ
ବାପାଙ୍କ ତାଗିଦର ମୁଦ୍ରା
ବଡ଼ ହେଲେ ବଡ ମଣିଷ ହେବା ପାଇଁ
ତାଙ୍କ ସ୍ୱପ୍ନ
ମୋ ସୁନାନାକୀ ଭଉଣୀର

ଫ୍ରକ୍ କିଣି ଦେବା ପାଇଁ ତା ଅଳି
ସେ କାହୁଁ ବୁଝିବ ଘୋର ଦାରିଦ୍ର୍ୟର ଛବି !

ଏବେ ଆଖି ବୁଜିଲେ ବି ଦିଶି ଯାଉଛି
ଉଚ୍ଚ ଡିଗ୍ରୀ ହାସଲ କରି
ବେକାର ବସି ଥିବାର ରୂପରେଖ
ବାପା ବୋଉଙ୍କ ସ୍ୱପ୍ନ ଭଙ୍ଗର
ଛିଣ୍ଡା ପୃଷ୍ଠା ସବୁ
ଅଙ୍କିତ ହୋଇଥିବା
ପାରିବାରିକ ହାହାକାର ନକ୍ସା ।

ଯେତେ ଆଖି ବୁଜିଲେ ବି ଦିଶେ
ଅବ୍ୟବହିତ ସମାଜର
ଅସ୍ଥିରମନା ଅବୋଲକରା ଦୃଶ୍ୟ ସବୁ
ବଡ଼ ମାନେ କହୁ ଥିଲେ
ଜୀବନ ମାନେ ତ ସଂଘର୍ଷ
ସଂଗ୍ରାମ ସାମାଜିକ ସ୍ଥିତି ପାଇଁ
ସଂଗ୍ରାମ ଜୀବନ ଜିଇଁବା ପାଇଁ
ସବୁ ତ ଦିଶି ଯାଉଛି
ଆଖି ବୁଜି ଥିଲେ ବି ... ।

♥ ମିଶ୍ର କଲୋନୀ
ଶାଳପଡା, କେନ୍ଦୁଝର
ମୋ:୯୪୩୮୪୧୪୭୦୧

## ମାଘର କୋହଲା ପାଗ
### ବାବାଜୀ ଚରଣ ଜେନା



ମାଘର କୋହଲା ପାଗ ସଜନୀ
ମାଘରେ କୋହଲା ପାଗ
ବାପା ଯାଇଛନ୍ତି ପାଗା ହାଟକୁ ଲୋ
ଘୋଟିଛି ଆକାଶେ ମେଘ
ବୋଉର ଦେଖମୋ ରାଗ ।

ଖଇ ଭାଜି ଆଇ ପାତି ନଡିଆରେ
କରିଛି ଦୋପାଗୀ ଉଖୁଡା
ପଚାରିଲେ କିଛି ଚିଡିଚଡି ହୋଇ
କହେ କାଲି ଯିବି ବୁଗୁଡା

କ୍ଷେତରେ ହସଇ ଶୋରିଷ ଫୁଲଲୋ
ହଳଦିଆ ତାର ରଙ୍ଗ
ଆଇକହେ ଘର କରଣାକୁ ଶିଖ
ଧରିବ ସଂସାର ମଙ୍ଗ
ସଜନୀ ସଜନୀ ମାଘର କୋହଲା ପାଗ ।

ଆଇ କହେ ତା' ବାହାଘର ବେଳେ
ଆଣିଥିଲା କଂସା ତାଟିଆ
ଖଡୁ ବାଜୁବନ୍ଧ ଅଣ୍ଟା ପାଇଁ ପୁଣି
ଚନ୍ଦ୍ରହାର ରୂପା ପାଡିଆ ।

ଏବେକା ଝିଅ ଶିଖୁ ନାହଁ କିଛି
ଚାଲୁ ଅଛ ଡଗଡଗ
ଏବେ ଠାରୁ ଘର କରଣାକୁ ଶିଖ
ଧରିବ ସଂସାର ମଙ୍ଗ
ସଜନୀ ସଜନୀ ମାଘରେ କୋହଲା ପାଗ ।

♥ ଅହଲ୍ୟା ନିବାସ, ପୋପରଡା
ନୂଆବଜାର କଟକ୪
ମୋ: ୯୩୪୭୮୩୪୭୧୯

## ଯଦି କେବେ ଦେଖାହୁଏ
### ଉତ୍କଳିକା ଦାଶ



ପୁଣି ଥରେ ଯଦି କେବେ ଦେଖାହୁଏ
ସେହି ଆକାଶୀ ରଙ୍ଗର ଶାଢୀସହ
ନୀଳବ୍ଲାଉଜ ପିନ୍ଧିଥିବାବେଳେ
ତମେ କ'ଣ ଆକର୍ଷିତ
ହୋଇପାରିବମୋ ପ୍ରତି ?

ଭିଡ଼ି ନେଇଯିବ
ସେ ନିକାଞ୍ଚନ ପାହାଡ଼ ପଛକୁ ?
ଆଲିଙ୍ଗନ କରିପାରିବ ନିର୍ଭୟରେ ?
ପୁଣି ଥରେ ଯଦି କେବେ ଦେଖାହୁଏ
ତମ ସହ ସେହି ଝରଣା କୂଳରେ

କ'ଣ ସଜାଇବ
ମୋକବରୀ କୃଷ୍ଣଚୂଡ଼ା ଫୁଲରେ ?
କହି ପାରିବ ତମେ ମୋର
ଅନିନ୍ଦ୍ୟ ସୁନ୍ଦରୀ ?
ପୁଣି ଥରେ ଯଦି କେବେ ଦେଖାହୁଏ
ତମ ପ୍ରିୟସ୍ଥାନ
ନଈ ସେପାରି ଗାଁରେ
ତମେ କ'ଣ ପ୍ରଗଳ୍ଭ ହୋଇ ପାରିବ

ଛୋଟ ପିଲାଟି ପରି ?
ଅଝଟ କରିପାରିବ
ମୋ ପାଖେ ତମର ସବୁ ଅଳି ଅର୍ଦ୍ଦଳି ?

ପୁଣି ଥରେ ଯଦି କେବେ ଦେଖାହୁଏ
ଭିଡ଼ ଭିତରେ ଧାଇଁ ଆସିପାରିବ
ମୋତେ ଛୁଇଁବା ପାଇଁ ?
ସମାଜର ସବୁ ବନ୍ଧନକୁ କାଟି
କେଇପଦ କଥା ହେବା ପାଇଁ ?
ମୋ ମନରେ ଉଠୁଥିବା ପ୍ରଶ୍ନକୁ
ସମାଧି ଦେଇ
ସବୁ ପ୍ରତୀକ୍ଷାର ଅନ୍ତ ଘଟାଇ
କହି ପାରିବ ମୁଁ ଏବେବି ତୁମର ?

♥ ଠାକୁରପାଟଣା, ଆଳି, କେନ୍ଦ୍ରାପଡ଼ା
ମୋ : ୭୦୦୮୫୫୯୬୯୩

## ଦୁଇ ଖଣ୍ଡ ଗାଧୋଆ ବସ୍ତ୍ର
### ଡୁଇଟ ଡେଭିଡ ଫିଲିପ



ଦୁଇ ଖଣ୍ଡ ଗାଧୋଆ ବସ୍ତ୍ର,
ଯେକୌଣସି ରଙ୍ଗ ଶାସ୍ତ୍ର ଅନୁମୋଦିତ,
ଗେରୁଆ ହେଲେ ଗେରୁଆଙ୍କୁନା ପସନ୍ଦ,
ଗରିବ ଝିଅ ଆଜିଠୁ ଦୁଇ ଥର ଭାବିବ,

ସନ୍ୟାସିନୀ, ଆଶ୍ରମ ଓ ଗାଧୁଆ ପୀଠ,
ଧଳା ନା ଗେରୁଆ, ମୋ ଜାଣିବା ଆଗ୍ରହ,

ଦୀପର ବହ୍ନି ସବୁ ରଙ୍ଗର ସମାହାର,
ଦୀପିକା ବିନା ଦୀପ, ହୋମ,
ଯଜ୍ଞ କେମିତି ହେବ,

ଦୀପିକା ବିହୁନେ ହୁଏନି ସମ୍ଭୋଗ,
ଦୀପିକା ରଙ୍ଗଙ୍କ ପ୍ରେମ ସ୍ରୋତ,

ଦୀପିକା ନିଜେ ଈଶ୍ୱର ଯେ ସୃଷ୍ଟିର ଆଧାର,
ରଙ୍ଗ ଖେଳି, ରଙ୍ଗକୁ ପର ରଙ୍ଗକୁ ଆଦର,

ଦୀପିକା ଜାଳି ନଜାଣିଲେ ହେବ
ସବୁ ଛାର ଖାର,
ସୂର୍ଯ୍ୟର ଦୀପିକା ନୁହନ୍ତି କି ଈଶ୍ୱର ?
ସୂର୍ଯ୍ୟ ଓ ଦୀପିକା ପରିପୂରକ,
ଦୁଇ ଖଣ୍ଡ ଗାଧୋଆ ବସ୍ତ୍ର ଦୀପିକାଙ୍କର,
ଜାଳି ଦେଲା ରାଷ୍ଟ୍ର।

♥ ଭବାନୀପାଟଣା,
କଳାହାଣ୍ଡି
ମୋ: ୯୪୩୭୧୦୪୩୦୩

# ଆଦାନୀ ଗ୍ରୁପର ଜାଲିଆତି ବିରୁଦ୍ଧରେ ଜିଲ୍ଲା କଂଗ୍ରେସର ଗଣ ବିକ୍ଷୋଭ



ବାଲେଶ୍ୱର, ୬/୦୨ (ନି.ପ୍ର): ଅନ୍ତଃରାଷ୍ଟ୍ରୀୟ ରିସର୍ଚ୍ଚ ସଂସ୍ଥା ହିଣ୍ଡେନବର୍ଗ କମ୍ପାନୀ ଦ୍ୱାରା ଶିଳ୍ପପତି ଗୌତମ ଆଦାନୀଙ୍କ ମାଲିକାନାରେ ଥିବା ଆଦାନୀ ଗ୍ରୁପ ଅଫ କମ୍ପାନୀର ଠକେଇ ପ୍ରକାଶିତ ହୋଇଛି । ଏହି ରିପୋର୍ଟ ପ୍ରକାଶ ପାଇବାପରେ ଭାରତୀୟ ସରକାରଙ୍କ ଦ୍ୱାରା ପରିଚାଳିତ ଭାରତୀୟ ଷ୍ଟେଟ ବ୍ୟାଙ୍କ ଓ ଏଲଆଇସି କେଉଁ ପରିସ୍ଥିତିରେ ଆଦାନୀ ଗ୍ରୁପରେ କୋଟି କୋଟି ଟଙ୍କା ନିବେଶ କରିଲା ତାହା ସନ୍ଦେହ ପରିସରକୁ ଆସିଛି । ରିପୋର୍ଟ ପ୍ରକାଶ ପାଇବା ପରଠୁ ଆଜି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କିମ୍ବା ତାଙ୍କ ମନ୍ତ୍ରୀଗଣ କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ପାରିନାହାନ୍ତି । ଯାହାକୁ ନେଇ ଅଖିଳ ଭାରତୀୟ କଂଗ୍ରେସ କମିଟି ସାରା ଦେଶର ପ୍ରତ୍ୟେକ ଜିଲ୍ଲାରେ ଥିବା ଏଲଆଇସି ଓ ଏସବିଆଇ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବାକୁ ନିଷ୍ପତ୍ତି ନେଇଥିଲା । ଏହି ପରିପ୍ରେକ୍ଷୀରେ ଆଜି ପୂର୍ବାହ୍ନ ୧୦ ଘଟିକାରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ ତରଫରୁ ଜିଲ୍ଲା କଂଗ୍ରେସ ସଭାପତି ସଂଜୀବ ଗିରିଙ୍କ ସଭାପତିତ୍ୱରେ ସ୍ଥାନୀୟ ଚିଡ଼ିଆପୋଲ ସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କର ମୁଖ୍ୟ ଶାଖା ପରିସରରେ ଏକ ଗଣ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା । ଏହି ବିକ୍ଷୋଭରେ ଆଦାନୀ କମ୍ପାନୀ କରିଥିବା ଅର୍ଥନୈତିକ ଘୋଟାଲାର ପ୍ରସଙ୍ଗ ପାର୍ଲିଆମେଣ୍ଟରେ ଆଲୋଚନା କରିବା ଏବଂ କଳାକାରନାମାର ପର୍ଦ୍ଦାଫାଶ ପାଇଁ ମାନ୍ୟବର ସୁପ୍ରିମ କୋର୍ଟ ମୁଖ୍ୟ ବିଚାରପତିଙ୍କ ତତ୍ତ୍ୱାବଧାନରେ କିମ୍ବା ଏକ ଯୁଗ୍ମ ସଂସଦୀୟ କମିଟି ଦ୍ୱାରା ଅନୁସନ୍ଧାନ କରିବାର ଦାବି କରାଯାଇଥିଲା । ଏହି ବିକ୍ଷୋଭରେ ରାଜ୍ୟ କଂଗ୍ରେସ ମୁଖପାତ୍ର ସୁଦର୍ଶନ ଦାସ, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରଜ୍ଞା ପାରମିତା ମହାନ୍ତି, ସଦର ବ୍ଲକ କଂଗ୍ରେସ ସଭାପତି ତଥା ସରପଞ୍ଚ ଜୟକୃଷ୍ଣ ବେହେରା, ଜଳେଶ୍ୱର ବ୍ଲକ କଂଗ୍ରେସ ସଭାପତି ରାଜୀବ ଲୋଚନ ପରିଡା ପ୍ରମୁଖ ନିଜର ବକ୍ତବ୍ୟ ରଖି ମୋଦୀଙ୍କ ଆଦାନୀ ପ୍ରେମକୁ ତୀବ୍ର ସମାଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କଂଗ୍ରେସ ସମ୍ପାଦିକା ଅର୍ଚ୍ଚନା ନନ୍ଦୀ, ପୂର୍ବତନ ବିଧାୟକ ଅକ୍ଷୟ ଆଚାର୍ଯ୍ୟ, ଜିଲ୍ଲା ଉପସଭାପତି ଗୋପୀନାଥ ପାଢ଼ୀ, ନୀଳଗିରି କଂଗ୍ରେସ ପର୍ଥିନୀ ପାର୍ଥିନୀ ରାଣୀ ମନୋଜା ମଞ୍ଜରୀ ଦେବୀ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁ, ବାସନ୍ତୀ ସାମଲ, ଅଣସଂଗଠିତ ଶ୍ରମିକ କର୍ମଚାରୀ କଂଗ୍ରେସ ଜିଲ୍ଲା ଅଧ୍ୟକ୍ଷ ବିକାଶ ଦାସ, ଯୁବ ନେତା ସରୋଜ କୁମାର ଲେଙ୍କା, ରେମୁଣା ବ୍ଲକ କଂଗ୍ରେସ ସଭାପତି ତରୁଣ ଦାସ, ପୂର୍ବତନ ସରପଞ୍ଚ କହ୍ନେଇ ବେହେରା, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଦେବଦତ୍ତ ଦାସ, ସୁଧାଂଶୁ ଶେଖର ଜେନା, ଜୀବନ ମହାପାତ୍ର, ସୌରଭ ବେହେରା, ନବ ପ୍ରସାଦ ଭୂୟାଁ, ଅବିନାଶ ଦାସ, ସଂଜୀବ ନାୟକ, ବିଦ୍ୟାଧର ମହାନ୍ତି, ସୁଧାକର ରାଉତ, ବିଜୟ ମାଝୀ, ଜାନୁ ମୁଖି, ଲକ୍ଷ୍ମୀପ୍ରିୟା ଦାସ, ଲମ୍ବୋଦର ଜେନା, ଘନଶ୍ୟାମ ବେହେରା ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ ।

# ନୀଳାଚଳ ନାରାୟଣ ଆୟୁର୍ବେଦ ଚତୁଷ୍ପାଠୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

ପୁରୀ, ୬/୦୨ (ନି.ପ୍ର): ଲୋକନାଥ ରୋଡ଼ ସ୍ଥିତ ନୀଳାଚଳ ନାରାୟଣ ଆୟୁର୍ବେଦ ଚତୁଷ୍ପାଠୀ ଉଚ୍ଚ ମାଧ୍ୟମିକ (ଯୁକ୍ତ ୨) ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି । ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ବେଦ ପାଠ ସହ ଶୁଶ୍ରୀ ଅଭିଲିପ୍ସା ଦାଶ ସ୍ୱାଗତ ସଂଗୀତ ଗାନ କରିଥିଲେ । ମାଧ୍ୟମିକ ଉଚ୍ଚ ବିଦ୍ୟାଳୟର ଅଧକ୍ଷା ଡ଼ଃ. ମୀରା ରାଣୀ ଖଣ୍ଟୁଆଳଙ୍କର ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ କାର୍ଯ୍ୟକ୍ରମ ସଂଯୋଜକ ଅଧ୍ୟାପକ ଡ଼ଃ. ବଳରାମ ଦାଶ ଅତିଥି ପରିଚୟ ଓ୍ ସ୍ୱାଗତ ଭାଷଣ ପ୍ରଦାନ କରି ଏହି ଶିବିରର କାର୍ଯ୍ୟକ୍ରମ ତଥା ଆଭିମୁଖ୍ୟ ସମ୍ପର୍କରେ ବର୍ଣ୍ଣନା କରି ବାଳିକା ମାନଙ୍କୁ ଆତ୍ମସୁରକ୍ଷାର କୌଶଳ ସମ୍ବନ୍ଧରେ ଅବଗତ କରିଥିଲେ । ସାମନ୍ତ ଚନ୍ଦ୍ରଶେଖର ଜୁନିଅର ମହାବିଦ୍ୟାଳୟର ଅଧକ୍ଷ ବିଟା ମହାନ୍ତି ମୁଖ୍ୟ ଅତିଥି ରୂପେ ଯୋଗଦେଇ ଛାତ୍ରୀ ମାନଙ୍କ ପାଠ ପଢ଼ାରେ ମନୋନିବେଶ ସହ ବାଳିକା ଆତ୍ମରକ୍ଷା ଶିବିରର ଆତ୍ମରକ୍ଷା ବିଷୟରେ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ପ୍ରାବନ୍ଧିକ ସତ୍ୟନାରାୟଣ ମିଶ୍ର ବାଳିକା ମାନେ ଆତ୍ମାରକ୍ଷା କୌଶଳରେ ସିଦ୍ଧି ଲାଭ କରି ଦୁଷ୍ଟ ମାନଙ୍କ ବିନାଶ ପାଇଁ ମା ଦୁର୍ଗା ପରି ହେବା ଉଚିତ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଓଡିଶା ସାମ୍ବାଦିକ ସଂଘର ଜିଲ୍ଲା ସଭାପତି ବିଜୟ ମିଶ୍ର, ଗଙ୍ଗାଧର ମହାନ୍ତି, ପଣ୍ଡିତ ଦୟାନିଧି ପଣ୍ଡା, କିଶୋରଚନ୍ଦ୍ର ସିଂ ଯୋଗଦେଇ ଏହି କୌଶଳକୁ ସମାଜରେ ଉପଯୋଗ କରିବାକୁ ବାଳିକା ମାନଙ୍କୁ ପରାମର୍ଶ ଦେଇଥିଲେ । ବିଜୟ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

ଏହି ଅବସରରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଅଧ୍ୟାପକ ଡ଼ଃ. ବଳରାମ ଦାଶଙ୍କର ସାରଳା ମହାଭାରତରେ ପ୍ରମୁଖ ଚରିତ୍ର ପୁସ୍ତକଟି ଉନ୍ମୋଚିତ ହୋଇଥିଲା । ପ୍ରାବନ୍ଧିକ ସତ୍ୟନାରାୟଣ ମିଶ୍ରଙ୍କର 'ଉତ୍କଳ ମଣି 'ପୁସ୍ତକଟି ମଧ ଉନ୍ମୋଚିତ ହୋଇଥିଲା । ସଭାରେ ଅତିଥି ମାନଙ୍କୁ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସଭାରେ ମଧୁ ବାବୁଙ୍କ ଜୟନ୍ତୀ ସମ୍ପର୍କରେ ବକ୍ତାମାନେ ମଧ ଆଲୋଚନା କରିଥିଲେ । ଶେଷରେ ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପାତ୍ର ସହ ପୁରସ୍କୃତ କରାଯାଇଥିଲା ।

# ଶାଣ୍ଡିଲ୍ୟ ବିବେକ ଶିକ୍ଷାକେନ୍ଦ୍ରରେ ବାର୍ଷିକ ଉତ୍ସବ



ଫୁଲାଡ଼ି , ୬/୦୨ (ନି.ପ୍ର): ସ୍ଥାନୀୟ ଶାଣ୍ଡିଲ୍ୟ ବିବେକ ଶିକ୍ଷା କେନ୍ଦ୍ର ରେ ଅନୁଷ୍ଠାଜ ର ପ୍ରଧାନ ଆଚାର୍ଯ୍ୟ ମଧୁସୂଦନ ଦାଶଙ୍କ ପୌରାହିତ୍ୟରେ ଏହି ସଭାକୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ର ଙ୍କ ପୌତ୍ର ଶ୍ରୀଯୁକ୍ତ ବିଦ୍ୟୁତ ରଞ୍ଜନ ଚକ୍ରବର୍ତ୍ତୀ ଉଦଘାଟନ କରିଥିଲେ । ଶିକ୍ଷା ରେ ଆଧ୍ୟାତ୍ମିକ ଓ ଉପଯୁକ୍ତ ସଂସ୍କାର ବ୍ୟବସ୍ଥା ରହିଲେ ପିଲାମାନଙ୍କ ପୂର୍ଣ୍ଣାଙ୍ଗ ବିକାଶ ହୋଇ ପାରିବ ବୋଲି ଶ୍ରୀ ଚକ୍ରବର୍ତ୍ତୀ କହିଥିଲେ କ୍ଷ ମୁଖ୍ୟ ଅତିଥି ଭାବରେ ଉତ୍କଳ ଶିକ୍ଷା ପରିଷଦ, ଓଡିଶା, ଭୁବନେଶ୍ୱର ର ରାଜ୍ୟ ସମ୍ପାଦକ ଯୋଗେନ୍ଦ୍ର ଦାଶ ଯୋଗ ଦେଇ ବିବେକାନନ୍ଦ ଶିକ୍ଷା ପଦ୍ଧତି ଓ ଗୁରୁକୁଳ ଶିକ୍ଷା ବ୍ୟବସ୍ଥାର ଆବଶ୍ୟକତା ସମ୍ପର୍କ ରେ ଆଲୋଚନା କରିଥିଲେ, ମୁଖ୍ୟ ବକ୍ତା ଭାବେ ବାଲେଶ୍ୱର ଯୋଗ ମହାବିଦ୍ୟାଳୟ ର ପ୍ରତିଷ୍ଠାତା ବିଶିଷ୍ଟ ଯୋଗ ଗୁରୁ ଡ଼ ଚିତ୍ତ ରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଶରତ ଚନ୍ଦ୍ର ବାଗ,ବରିଷ୍ଠ ଜୁନିୟର ରେଡ଼କ୍ରସ ରାଜ୍ୟ ସଂଯୋଜକ ଉମାକାନ୍ତ ବେହେରା, ବିଶିଷ୍ଟ ନାଟ୍ୟକାର ବିଜୟ କୁମାର ପରିଡା, ଅନୁଷ୍ଠାନ ର ସଭାପତି ବେଣୁଧର ବାରିକ ପ୍ରମୁଖ ଯୋଗ ଦେଇ ନିଜ ନିଜ ର ବହୁମୂଲ୍ୟ ବକ୍ତବ୍ୟ ରଖିଥିଲେ । ସମ୍ପାଦକ ବାଣୀ ନିର୍ମାଲ୍ୟ ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଗୁରୁମା ନିକିତା ମଲ୍ଲିକ ଓ ମୋନାଲିସା ମହାପାତ୍ର ସ୍ୱାଗତ ଅଭିଭାଷଣ ରଖିଥଲେ । ଉପପ୍ରଧାନ ଆଚାର୍ଯ୍ୟ ଦାମୋଦର ମହାର୍ଣ୍ଣକ୍ଷ ଧନ୍ୟବାଦ ଅର୍ପଣ କରିଥିଲେ । କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ଶେଷରେ ନାଟକ ଦାସିଆ ବାଉରୀ ଓ ଯୌତୁକ ପରିବେଷିତ ହୋଇଥିଲା । ପିଲାମାନଙ୍କ ଦ୍ୱାରା ନାଚ, ଗୀତ, ଶିଶୁ ଏକକ ଅଭିନୟ, ବ୍ୟାୟାମ ଆଦି କାର୍ଯ୍ୟକ୍ରମ ପରିଦେଷିତ ହୋଇଥିଲାକ୍ଷ ଏହି କାର୍ଯ୍ୟକ୍ରମ କୁ ପ୍ରୀତିପୁଷ୍ପା ଦାସ, ଚମ୍ପାବତୀ ଦାସ, ଗୁଣାକାର ମହାନ୍ତି,ସରସ୍ୱତୀ ଦତ୍ତ, ସୁଜାତା ବାରିକ ପ୍ରମୁଖ ପରିଚାଳନା କରିଥିଲେ ।

# କୋରାପୁଟ ଜିଲ୍ଲାରେ ଓଡ଼ିଶା ଅମଲା ସଂଘର ସାଧାରଣ ପରିଷଦ ବୈଠକ

ଜୟପୁର, ୬/୦୨ (ନି.ପ୍ର): କୋରାପୁଟ ଆଦିବାସୀ ସଂଗ୍ରାହଳୟ ଠାରେ ଓଡିଶା ଅମଲା ସଂଘର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ଓଡ଼ିଶା ଅମଲା ସଂଘ ପ୍ରସନ୍ନ କୁମାର ତ୍ରିପାଠୀ, ରାଜ୍ୟ ଅମଲା ସଂଘ ସଭାପତି ନାରାୟଣ ଦାଶଙ୍କ ସମେତ ବିଭିନ୍ନ ଜିଲ୍ଲାର ଅମଲା ସଂଘ ସଭାପତି ଓ ସମ୍ପାଦକ ଯୋଗଦାନ କରିଥିଲେ । ସେମାନଙ୍କୁ ମୈତ୍ରୀ ଭବନ ଠାରୁ ବାଜା ବାଜଣା ଓ ନୃତ୍ୟ ସହିତ ପାଛୋଟି ନିଆ ଯାଇଥିଲା । କୋରାପୁଟ ଜିଲ୍ଲା ଅମଲା ସଂଘ ସମ୍ପାଦକ ଶଶୀଭୂଷଣ ଦାଶ ବିବରଣୀ ପାଠ କରିଥିଲେ ।

ପ୍ରଦିପ ମୀଶ୍ର ସଭାପତି ମଂଚାସିନ ଥିବାବେଳେ ରୁପ କେଶରୀ ଦଳେଇ ଓଡିଶା ଅମଲା ସଂଘ ଉପଦେଷ୍ଟା, କଳାହାଣ୍ଡି ସଭା କାର୍ଯ୍ୟ ପରିଚାଳନା କରିଥିଲେ । ବିଭିନ୍ନ ବିଷୟରେ ଆଲୋଚନା କରିବା ସହିତ ଜିଲ୍ଲାର ନୂତନ କମିଟି ନିମନ୍ତେ ପ୍ରସ୍ତାବ ଉପରେ ଆଲୋଚନା ଓ ଅନୁମୋଦନ ସହିତ ମୁଖ୍ୟ ଦାବି ଉପରେ ସବିଶେଷ ଆଲୋଚନା କରାଯାଇଥିଲା ଯଥା- କନିଷ୍ଠ ସହକାରୀ ମାନଙ୍କ ପ୍ରବେଶିକା ଦରମା ହାର ୪୨୦୦/- ଗ୍ରେଡ ପେ ଉପରେ ଓଡିଶା ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ତା ୧୫.୦୨.୨୦୨୩ରିଖ ସୁଦ୍ଧା ଯଦି ଦାବି ପୁରଣ ନହୁଏ ତେବେ ମାର୍ଚ୍ଚ ୧ ତାରିଖରୁ ସଂଘ ପକ୍ଷରୁ ଆନ୍ଦୋଳନକୁ ଓହ୍ଲେଇବା ପାଇଁ ନିଷ୍ପତି ନିଆଯାଇଛି । ଶେଷରେ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ସମ୍ପାଦକ ଶଶି ଭୂଷଣ ଦାଶ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

# ଆଦର୍ଶ ମାଆ ହିଁ ଉନ୍ନତ ସମାଜ ଗଠନ କରିପାରେ



ଖୁଣ୍ଟାପୁର , ୬/୦୨ (ନି.ପ୍ର): ସ୍ଥାନୀୟ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ରେ ଅଷ୍ଟମ ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ସାଙ୍ଗକୁ ମାତୃ ସମିଳନୀ ଓ ସମର୍ପଣ ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି । ଉତ୍କଳ ଶିକ୍ଷା ପରିଷଦ ଓଡିଶାର ଶିଶୁ ବାଟିକା ପ୍ରମୁଖ ଲିଜାରାଣୀ ଦାଶଙ୍କ ସଭାପତି ତ୍ୱ ରେ ଏହି ସଭାରେ ବିଶିଷ୍ଟ ବ୍ୟଙ୍ଗ କବି ବିଜୟଶ୍ରୀ ଗୋକୁଳାନନ୍ଦ ରାଉତ ଯୋଗ ଦେଇଉନ୍ନତ ସମାଜ ଗଠନ ଦିଗରେ ମାଆ ମାନଙ୍କର ଭୂମିକା ବହୁ ଗୁରୁତ୍ୱ ପୂର୍ଣ୍ଣ ବୋଲି କହିଥିଲେ । ମୁଖ୍ୟ ବକ୍ତା ଭାବେ ଉତ୍କଳ ଶିକ୍ଷା ପରିଷଦ, ଓଡିଶା ର ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ଦାଶ ଯୋଗ ଦେଇ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ର ଶିକ୍ଷା ପଦ୍ଧତି ରେ ପିଲାମାନଙ୍କୁ ଗଠଜ ଦିଗରେ ମାଆ ମାନଙ୍କ ର ଗୁରୁ ଦାୟିତ୍ୱ ରହିଅଛି ବୋଲି କହିଥିଲେ । ସାମ୍ମାନୀତ ଅତିଥି ଶିକ୍ଷାବିତ ବିଜୟ ପରିଡା, ପିଞ୍ଛାବଣିଆ ଗୁରୁକୁଳ ଆଶ୍ରମର ସଂଚାଳକ ବିଜୟ ଜି, ଅନୁଷ୍ଠାନ କାହ୍ନୁ ଚରଣ ପତି ପ୍ରମୁଖ ଯୋଗ ଦାନ କରି ନିଜ ନିଜ ର ବହୁ ମୂଲ୍ୟ ବକ୍ତବ୍ୟ ରଖିଥିଲେ । ପ୍ରଧାନ ଆଚାର୍ଯ୍ୟ ରଂଜିତା ପତି ବାର୍ଷିକ ବିବରଣୀ ପାଠ କରିଥିଲେ । ନିତ୍ୟାନନ୍ଦ ସାହୁ ଅତିଥି ପରିଚୟ ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ମହେଶ୍ୱର ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ମାଆମାନଙ୍କ ମଧ୍ୟରେ ଶଙ୍ଖ ଫୁଙ୍କା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ଶେଷରେ ପିଲାମାନେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥଲେ । ସମର୍ପଣ ଦିବସ ପାଳନ ଅବସରରେ ଅବିଭାବକ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାମଗ୍ରୀ ଅନୁଷ୍ଠାନକୁ ପ୍ରଦାନ କରାଯାଇଥିଲା ।

# ସଂସ୍କାର ପୂର୍ଣ୍ଣ ଶିକ୍ଷା ହିଁ ସମାଜକୁ ପରିବର୍ତ୍ତନ କରିପାରେ



ପାଞ୍ଚମାଣିଆ , ୬/୦୨ (ନି.ପ୍ର): ସ୍ଥାନୀୟ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ପ୍ରଥମ ବାର୍ଷିକ ଉତ୍ସବ ମହାସମାରୋହ ରେ ଅନୁଷ୍ଠିତ ହୋଇଯାଇଛି । ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ମାନବିକ ମୂଲ୍ୟବୋଧ ଶିକ୍ଷା ଉପରେ ଗୁରୁତ୍ୱ ଦିଅ ଯିବାର ଆବଶ୍ୟକତା ରହିଅଛି । ଶିକ୍ଷା ବ୍ୟବସ୍ଥା ରେ ସଂସ୍କାର ପୂର୍ଣ୍ଣ ଶିକ୍ଷା ହିଁ ଜୀବନରେ ସଫଳତା ଆଣିଦେଇ ଥାଏ ବୋଲି ମୁଖ୍ୟ ଅତିଥି ଉତ୍କଳ ଶିକ୍ଷା ପରିଷଦ, ଓଡିଶା, ଭୁବନେଶ୍ୱର ର ସମ୍ପାଦକ ଯୋଗେନ୍ଦ୍ର ଦାଶ କହିଥିଲେ । ସମ୍ପାଦକ ଦୀପ୍ତିକାନ୍ତ ବେହେରା ଙ୍କ ପୌରହିତ୍ୟ ରେ ମୁଖ୍ୟ ବକ୍ତା ଭାବେ ଶିକ୍ଷା ବିତ ଓ ବିଶିଷ୍ଟ କବି ରାମନାରାୟଣ ଗିରି, ସମ୍ମାନ୍ୱିତ ଅତିଥି ଭାବେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀପତି ଚରଣ ପାତ୍ର, ଶ୍ରୀଧର ବେହେରା, କମାରଡିହା ସରପଞ୍ଚ ମାମିନା ରାମ, ଶିକ୍ଷା ପରିଷଦ ସଦସ୍ୟ ସୁରଜ ବାରିକ, ଅନୁଷ୍ଠାନ ପ୍ରତିଷ୍ଠାତା ସଭାପତି ପ୍ରମୋଦ କୁମାର ମଣ୍ଡଳ ପ୍ରମୁଖ ଯୋଗ ଦେଇ ନିଜ ନିଜ ର ବହୁମୂଲ୍ୟ ବକ୍ତବ୍ୟ ରଖିଥିଲେ । ଗୁରୁମା ସାରଥୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବରିଷ୍ଠ ସଦସ୍ୟ କୁମୁଦ ରଂଜନ ମଣ୍ଡଳ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ସିଦ୍ଧେଶ୍ୱର ପରମାଣିକ ବାର୍ଷିକ ବିବରଣୀ ପାଠ କରିଥିଲେ । ଗୁରୁମା ମୌସୁମୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ବିଭିନ୍ନ ବିଭାଗ ରେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ପିଲାମାନଙ୍କ ଦ୍ୱାରା ନାଚ, ଗୀତ, ଏକକ ଅଭିନୟ, ଶିଶୁ ଗୀତ, ବ୍ୟାୟାମ ଉପରେ ସୁନ୍ଦର କାର୍ଯ୍ୟକ୍ରମ ମାନ ପାରିବେଷିତ ହୋଇଥିଲା । ଏହି କାର୍ଯ୍ୟକ୍ରମ କୁ ଗୁରୁଜୀ ମଞ୍ଜିତ ନାରାୟଣ ବେହେରା, ଗୁରୁମା ଗୀତାରାଣୀ ମଣ୍ଡଳ, ନମିତା ଗିରି,ସସ୍ମିତା ଦାସ ପ୍ରମୁଖ ପରିଚାଳନା କରିଥିଲେ ।

## ପାଇଥିବା ପର୍ସ ଫେରାଇଲେ ଯୁବକ

କୋରେଇ, ୬/୦୨ (ନି.ପ୍ର): ସବୁ ପରେ ବି ଏବେ ମାନବିକତା ବଂଚି ରହିଛି । ହଜିଯାଇଥିବା ଏକ ପର୍ସକୁ ପାଇଥିବା ଯୁବକ ତାଙ୍କୁ ଫେରାଇ ନିଜ ମହନୀୟତା ପ୍ରଦର୍ଶନ କରିଛନ୍ତି । ସଠିପୁର ବୈତରଣୀରୋଡ ରାସ୍ତାର ରାଣିଗୋଡା ଛକରୁ ଭକଣ୍ଡରୀ ଗ୍ରାମର ନରହରି ନାୟକଙ୍କ ପୁଅ ରାଜୁ ନାୟକ ଏକ ପର୍ସ ପାଇଥିଲେ । ସେହି ପର୍ସରେ ନଗଦ ଅର୍ଥ ସହ ଗୁରୁତ୍ୱପୂର୍ଣ୍ଣ କାଗଜାଦି ରହିଥିଲା । ଉକ୍ତ ପର୍ସଟି ପାଣିକୋଇଲି ବଜାର ତୁଷାର ହାଡଓ୍ୱାର ଷ୍ଟୋରର ମାଲିକ ତୁଷାର ଓଝାଙ୍କର ହୋଇଥିବା ଜାଣି ଯୁବକ ଜଣଙ୍କ ତାଙ୍କୁ ଯୋଗାଯୋଗ କରି ତାହା ଫେରାଇଛନ୍ତି ।

# ହାତିଆଡିହା ଶିବମୁନି ଯୋଗାଶ୍ରମରେ ଶୁଭ ଜନ୍ମଦିନ ପାଳନ



ହାତିଆଡିହା , ୬/୦୨ (ନି.ପ୍ର): ଜିଲ୍ଲା ପ୍ରଚାର ସଙ୍ଗଠନ ମନ୍ତ୍ରୀ ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନି ଜୀ ମହୋଦୟଙ୍କ ସଭାପତିତ୍ୱରେ, ଆଶ୍ରମର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନି ଙ୍କ ସୁପୁତ୍ର ଇ.ନିଶିଥ ନୟନ ବାରିକ-ମୁନିମତୀ ଲିପିକା ବାଛିନୀଙ୍କ ସୁ-କନ୍ୟା ଆୟୁଷ୍ମତୀ ଗୀତାଶୀ ଗୋରୀନନ୍ଦିନୀଙ୍କ ଶୁଭ ଜନ୍ମଦିନ ମହା ସମାରୋହରେ ପାଳିତ ହୋଇ ଯାଇଛି । ମୁଖ୍ୟ ଅତିଥି ଥିଲେ , ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜ ଓଡ଼ିଶା ପ୍ରାନ୍ତ ର ପ୍ରଚାର ସଙ୍ଗଠନ ମନ୍ତ୍ରୀ,ଜିଲ୍ଲା ସମ୍ପାଦକ, ମୁନି ସମାଜର ଜ୍ୟୋତି, ଆତ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତ ମୁନି ଜୀ ମହୋଦୟ । ମୁଖ୍ୟ ବକ୍ତା ଥିଲେ , ଆଶ୍ରମର ଯୋଗଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା । ଜନ୍ମଦିନ ସଙ୍ଗୀତ ଗାନ କରିଥିଲେ ଆଶ୍ରମର କଣ୍ଠଶିଳ୍ପୀ ଯୋଗଶିକ୍ଷୟତ୍ରୀ ମଞ୍ଜୁଲତା ବେହେରା ।ପ୍ରଥମେ ସମୂହ ପ୍ରଣବ ଶୁଭ ଭାବନା କରାଯାଇ,ବେଦ ପାଠ, ଶାନ୍ତି ପାଠ ସହିତ ସମୂହ ଆଶିର୍ବଚନ ପ୍ରଦାନ କରାଯାଇଥିଲା । ତା ପରେ ବକ୍ତାମାନେ ମତବ୍ୟକ୍ତ ରଖିଥିଲେ । ଜଣେ , ଯମ ନିୟମ ପାଳନ କରି ଯଦି ପ୍ରତିଦିନ ଯୋଗ ସାଧନ ଜାରି ରଖି ଚାଲିଥିଲେ, ସେ ନିଶ୍ଚୟ ଅତ୍ମଦର୍ଶନ କରି ପାରିବ ଏବଂ ସୁଖ-ଶାନ୍ତି-ଆନନ୍ଦରେ କାଳାତିପାତ କରିବ ଏଥିରେ ସନ୍ଦେହ ନାହିଁ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଉପସ୍ଥିତ ଥିଲେ, ମୁନିରାଜ୍ଞୀ ବିମଳା ଲେଙ୍କା, ଯମୁନା ପାତ୍ର, ସୁମତୀ ଦଳାଇ, ମୁନିମତୀ ଜାହ୍ନବୀ ଗିରି, ଶକୁନ୍ତଳା ପରିଡ଼ା,ବାସନ୍ତୀ ମହାଳିକ, ପୂର୍ଣ୍ଣିମା ବର, ଜଗନ୍ନାଥ ବର, ଜ୍ୟୋତ୍ସ୍ନା ଜେନା,କୁନୀ ମାଝୀ ଇତ୍ୟାଦି ବହୁ ମୁନି-ମୁନିମତୀ ମାନେ। ଶେଷରେ ଜେଜେ ପରମାନନ୍ଦ ମୁନି ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ମିଷ୍ଟାନ୍ନ ଭୋଜନରେ ଆପ୍ୟାୟିତ କରିଥିଲେ ।

# ଲାଠିକଟା ଓ ସାରନଗରୀ ବାସିନ୍ଦା ମୋ ବସ୍ ସେବାରୁ ବଂଚିତ

ରାଉରକେଲା, ୬/୦୨ (ନି.ପ୍ର): ରାଉରକେଲା ସହରରେ ମୋ ବସ ସେବା ଆରମ୍ଭ ହୋଇ ଏହା ବୀରମିତ୍ରପୁର କୁଆଁରମୁଣ୍ଡା ଅଂଚଳଯାଏ ସେବା ଯୋଗାଉଥିବା ବେଳେ ଏହି ସେବା ଏବେ ଧିରେ ଧିରେ ଲୋକଙ୍କୁ ଆକର୍ଷୀତ କରିଛି, ଏତିକି ବେଳେ ରାଉରକେଲା ଉପରେ ସବୁ ଦିଗରୁ ନିର୍ଭରଶିଳ ଲାଠିକଟା ଓ ସାରନଗରୀ ବାସି ଏଥିରୁ ବଂଚିତ ହୋଇଥିବାରୁ ସେ ଅଂଚଳରେ ଏନେଇ ନାନା ପ୍ରତିକ୍ରିୟା ପ୍ରକାଶ ପାଉଛି । ମୋ ବସ୍ ସେବାକୁ ମୁଖ୍ୟମନ୍ତ୍ରୀ ହକି ବିଶ୍ୱକପ ସମୟରେ ଉଦଘାଟନ କରିଦେଇଗଲେ, ଏହା ସେ ସମୟରୁ ଧିରେ ଧିରେ ଲୋକ ଲୋଚନରେ ଆଦୃତ ହେବା ସହ ଦଦରା ଭଙ୍ଗା ବସ ସେବା ଓ ମନଇଛା ଭଡାରୁ ଲୋକଙ୍କୁ ମୁକ୍ତି ମିଳିଲା ବୋଲି ଲୋକେ ଆଲୋଚନା କରୁଛନ୍ତି । ଏହି ବସ ସେବା ଏବେ ରାଉରକେଲା ବାସୀଙ୍କ ସମେତ ବୀରମିତ୍ରପୁର ଲୋକଙ୍କୁ ସେବା ଯୋଗାଉଛି । ଲୋକେ ମଧ ଏହି ଗାଡିକୁ ଚାହିଁ ରହୁଛନ୍ତି । ଏଥିରେ କିଛି ବସରେ ଏସି ସେବା ରହିଥିବାରୁ ସେହି ବସକୁ ଲୋକେ ଚାହିଁ ରହୁଛନ୍ତି । ଏତିକି ବେଳେ ଲାଠିକଟା, ଯାହା ରାଉରକେଲାରୁ ମାତ୍ର ୨୫ କି.ମି. ଦୂର, ତା ଭିତରେ ତରକେରା, ଦେଓଗାଁ, ଦକ୍ଷିଣ ରାଉରକେଲା ଲାଗି ରଙ୍ଗିଲା ଛକ, କଳଦା, କାଟିନି ଆଦି ଲକ୍ଷାଧିକ ଅଂଚଳ ବାସୀ ରହିଛନ୍ତି । ଏହା ଭିତରେ ଆରଏମସିର ୨ଟି ଓ୍ୱାର୍ଡର କିଛି ଲୋକ ମଧ ରହିଛନ୍ତି । ଏହି ଅଂଚଳ ବାସୀ ଶିକ୍ଷା ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ଆଦି ପ୍ରମୁଖ କାର୍ଯ୍ୟରେ ରାଉରକେଲା ଉପରେ ନିର୍ଭର କରନ୍ତି । ରାଉରକେଲାରେ କଲେଜ ଠାରୁ ଆରମ୍ଭ କରି ବିଭିନ୍ନ ଉନ୍ନତମାନର ବିଦ୍ୟାଳୟ ମାନ ରହିଛି, ସରକାରୀ ଡାକ୍ତରଖାନା ବେସରକାରୀ ଡାକ୍ତରଖାନା, ଏନଆଇଟି ସମସ୍ତ ସରକାରୀ ଅଫିସ ମଧ ରହିଛି । ଏସବୁ ଲାଗି ଏହି ଅଂଚଳବାସୀ ଅଟୋ କିମ୍ବା ଭଙ୍ଗା ଦଦରା ଟାଉନ ବସ ଉପରେ ନିର୍ଭର କରିଥାନ୍ତି । ଭଡ଼ା କଥା ନକହିବା ଭଲ । ଏଥିଲାଗି ଛାତ୍ରଛାତ୍ରୀ ମାନେ ପ୍ରତିଦିନ ନାନା ସମସ୍ୟାର ସମ୍ମୁଖିନ ହେଉଛନ୍ତି, ସଂଧା ହେଲେ ରାଉରକେଲା ଆସିଥିବା ସେହି ଅଂଚଳ ବାସୀ ଅଟୋ ଉପରେ ନିର୍ଭର କରିଥାନ୍ତି, ଯାହା ଚଢ଼ା ଦର ଓ ଠେଲା ପେଲା ହେଲେ ବି ଅପକ୍ଷା କରି ସେମାନଙ୍କୁ ଫେରିବାକୁ ପଡିଥାଏ । ଏହାକୁ ନେଇ ଏବେ ଏହି ଅଂଚଳରେ ନିଜ ଲୋକ ପ୍ରତିନିଧି ମାନଙ୍କ ପାରିବା ପଣିଆକୁ ନେଇ ନାନା ଆଲୋଚନା ଚାଲିଛି । ଲୋକେ କହୁଛନ୍ତି ସାରଦା ବାବୁ ଏତେ ସବୁ କରିଦେଉଛନ୍ତି ହେଲେ ଆମ ବାବୁ କାମକୁ ନୁହେଁ । ତେଣୁ ଏ ଅଂଚଳବାସୀଙ୍କ ଲାଗି ପ୍ରାଥମିକ ସ୍ତରରେ ଅନ୍ତତଃ ପ୍ରତିଦିନ ସକାଳେ ପିଲାଙ୍କ ସ୍କୁଲ ଓ ଚାକିରିଆଙ୍କ ଅଫିସ ସମୟ ଓ ଆସିବା ଯିବା ସମୟରେ ଏହି ମୋ ବସ ସେବା ଯୋଗାଇ ଦେବା ଲାଗି ଦାବି ହେଉଛି ।

## ପରୀକ୍ଷା ପ୍ରଣାଳୀରେ...

ରାଜସ୍ଥାନ ସରକାର କପି ବନ୍ଦ କରିବା ପାଇଁ ଏକ ବିଲ୍ ଆଗତ କରିଛନ୍ତି, ଯେଉଁଥିରେ ଦଶ କୋଟି ଜୋରିମାନା ଏବଂ ଦଶ ବର୍ଷର ଦଣ୍ଡ ଅନ୍ତର୍ଭୁକ୍ତ । ପ୍ରଶ୍ନପତ୍ର ଲିକ୍ ବିରୋଧରେ କଠୋର ଆଇନ ଆଣିବାରେ ଉତ୍ତରପ୍ରଦେଶ ସରକାର ମଧ୍ୟ ନିୟୋଜିତ ଅଛନ୍ତି । ବର୍ତ୍ତମାନର ପରିସ୍ଥିତି ଏପରି ଯେ କାଗଜ ଲିକ୍ ଠାରୁ କପି ବନ୍ଦ କରିବା ପର୍ଯ୍ୟନ୍ତ ଯେତେ ମନିପୁଲେସନ୍ କରାଯାଉନା କାହିଁକି, ଅସୁବିଧା ସମାନ ରହିଥାଏ । ଭାରତର କୌଣସି କୋଣ ଖାଲି ନୁହେଁ, ଯେଉଁଠାରେ କପି କିମ୍ବା କାଗଜ ଲିକ୍ ପାଇଁ କୌଣସି ସୁବିଧା ନାହିଁ । ପ୍ରଶ୍ନ ହେଉଛି ପରୀକ୍ଷା ପୂର୍ବରୁ ମଧ୍ୟ କାଗଜପତ୍ର କିପରି ବାହାରୁଛି ? ମାଫିଆ ଗ୍ୟାଙ୍ଗ ଏହା ପଛରେ କାମ କରୁଛି ଓ ସେମାନେ କୋଟି ଟଙ୍କା ରୋଜଗାର କରୁଛନ୍ତି । ଦଶରୁ କୋଡ଼ିଏ ଲକ୍ଷ ପରିମାଣରେ ଛୋଟ ପ୍ରତିଯୋଗିତାମୂଳକ ପରୀକ୍ଷଣର ପ୍ରଶ୍ନପତ୍ର ବିକ୍ରୟ ପ୍ରମାଣ କରେ ଯେ ପ୍ରଶ୍ନପତ୍ର ଲିକ୍ ମାଫିଆର ନକ୍ସସ୍ ଆର୍ଥିକ ଦୃଷ୍ଟିରୁ କେତେ ଶକ୍ତିଶାଳୀ ।

ଗୋଟିଏ ପଟେ ବେକାରୀ ବୃଦ୍ଧି ଓ ଅନ୍ୟ ପଟେ ବର୍ଷ ବର୍ଷ ଧରି ଅପେକ୍ଷା କରିବା ପରେ ଖାଲିଥିବା ପଦବୀ ପୂରଣ ପାଇଁ ଘୋଷଣା ଯୁବପିଢିଙ୍କ ଆଶାକୁ ଧୂଳିସାତ କରୁଛି ଓ ଅନ୍ୟ ପଟେ ପ୍ରଶ୍ନପତ୍ର ଲିକ୍ ସେମାନଙ୍କୁ ଠିଆ ହେବାକୁ ବାଧ୍ୟ କରୁଛି । ବିଫଳତାର ରେଖା, ସେଥିପାଇଁ ଚିନ୍ତା କରିବା ଆବଶ୍ୟକ ଯେ ଯେଉଁଠାରୁ ପାମ୍ଫଲେଟ୍ ବିତରଣ କରୁଥିବା ଲୋକମାନେ ଏହି ଶକ୍ତି ପାଇଛନ୍ତି । ଉତ୍ତରାଖଣ୍ଡ ଜନସେବା ଆୟୋଗରେ ଜଣେ ଆଭ୍ୟନ୍ତରୀଣ କର୍ମଚାରୀ ଏହି କାର୍ଯ୍ୟ କରିଥିଲେ । ଏହାକୁ ଅସ୍ୱୀକାର କରାଯାଇପାରିବ ନାହିଁ ଯେ ନିଯୁକ୍ତି ପ୍ରତିଷ୍ଠାନରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ସଂଯୋଗ ମାଫିଆଙ୍କୁ ସୁଯୋଗ ଦେଉଛି । କେତେକ କ୍ଷେତ୍ରରେ, ପାମ୍ଫଲେଟ୍ ଛାପିଥିବା ପ୍ରେସର ଜଟିଳତା ମଧ୍ୟ ଦେଖିବାକୁ ମିଳିଛି । ଲକ୍ଷ ଲକ୍ଷ ଟଙ୍କା ପାଇଁ ପାମ୍ଫଲେଟ୍ ବିକ୍ରୟ କରିବା ସହଜ କାମ ନୁହେଁ । ଏହା ଏପରି ଅପରାଧ ଯେ କେବଳ ଅଳ୍ପ ଲୋକଙ୍କର ସାହସ ଅଛି । ସେମାନଙ୍କର ଆଇନର ଭୟ ନାହିଁ କିମ୍ବା ସାମାଜିକ କପଡା ନଷ୍ଟ କରିବାର ଭୟ ନାହିଁ । ସେମାନେ ଚାହୁଁଛନ୍ତି କେବଳ ରାତାରାତି କୋଟିପତି ହେବା । ତେବେ ସମଗ୍ର ଦେଶରେ ବ୍ୟାପିଥିବା କୋଚିଂ ପ୍ରତିଷ୍ଠାନଗୁଡ଼ିକର ନେଟୱାର୍କ ମଧ୍ୟ ଏହିପରି କାର୍ଯ୍ୟକଳାପରୁ ମୁକ୍ତ ନୁହେଁ । ଅନେକ ଦେଶକୁ କ୍ଷତି ପହଞ୍ଚାଇବାରେ ଦୁଇ କିମ୍ବା ଚାରି ପାଦ ଆଗରେ ଅଛନ୍ତି ।

ବର୍ତ୍ତମାନ କପି ଓ ପ୍ରଶ୍ନପତ୍ର ଲିକ୍ ଘଟଣା ସୁସ୍ଥ ପରୀକ୍ଷା ବ୍ୟବସ୍ଥା ଆଗରେ ଅସୁବିଧା ସୃଷ୍ଟି କରୁଛି । ତେଣୁ ପ୍ରଶ୍ନପତ୍ର ଲିକ୍ ମାଫିଆଙ୍କୁ ରୋକିବା ପାଇଁ କେବଳ ଆଇନ ଓ ନିୟମ ତିଆରି କରିବା ନୁହେଁ, ବରଂ ଏହାକୁ ପ୍ରତିହତ କରି ପରୀକ୍ଷା ସୁରୁଖୁରୁରେ କାର୍ଯ୍ୟକାରୀ କରିବା ମଧ୍ୟ ସରକାର ଓ ନିଯୁକ୍ତି ଏଜେନ୍ସିର ଦାୟିତ୍ୱ ଅଟେ । ଯାହା ଦ୍ୱାରା ସୁସ୍ଥ ପରୀକ୍ଷା ବ୍ୟବସ୍ଥା ବଜାୟ ରହିପାରିବ ଓ ପିଲାଙ୍କ ପ୍ରତି ହେଉଥିବା ଅନ୍ୟାୟ ବନ୍ଦ ହୋଇପାରିବ...!!!

+ ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪
ମୋ: ୯୦୪୦୧୫୧୪୭୫

# ବାରିପଦାରେ ଓଜେୟୁର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ



ବାରିପଦା,୦୬/୦୨ (ନି.ପ୍ର): ଲ୍ୟାଣ୍ଡ ମାଇନ ବିସ୍ଫୋରଣରେ ମୃତ କଳାହାଣ୍ଡି ଜିଲ୍ଲା ଏମ.ରାମପୁର ବ୍ଲକର ଦୁର୍ଗମ ଅଂଚଳ ମୋହନଗିରୀର ଧରିତ୍ରୀ ସାମ୍ବାଦିକ ତଥା ଓଜେୟୁର ସକ୍ରିୟ ସଦଶ୍ୟ ସ୍ୱର୍ଗତଃ ରୋହିତ ବିଶ୍ୱାଳଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକି ଉପଲକ୍ଷେ ଓଡିଶା ସାମ୍ବାଦିକ ସଂଘ (ଓଜେୟୁ) ପକ୍ଷରୁ ମୟୂରଭଂଜ ଜିଲ୍ଲାର ବାରିପଦା ପ୍ରୟାସ ହଲ ଠାରେ ସାମ୍ବାଦିକ ସୁରକ୍ଷା ଓ ଲକ୍ଷ୍ମଣରେଖା ଶୀର୍ଷକରେ ଏକ ରାଜ୍ୟ ସ୍ତରୀୟ ସେମିନାର ଆୟୋଜନ ସହ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଦୁଇଦିନ ଧରି ଅନୁଷ୍ଠିତ ହେଉ ଥିବା ଏହି କାର୍ଯ୍ୟକ୍ରମରେ ସାରାରାଜ୍ୟରୁ ବିଭିନ୍ନ ଜିଲ୍ଲାରୁ ୭୦ ରୁ ଉର୍ଦ୍ଧ ରାଜ୍ୟ କାର୍ଯ୍ୟକାରିଣୀ ସଦଶ୍ୟ ମାନଙ୍କ ସହ ମୟୂରଭଂଜ ଜିଲ୍ଲାର କାର୍ଯ୍ୟରତ ସାମ୍ବାଦିକ ମାନେ ଯୋଗଦେଇଥିଲେ । ଓ.ଜେ.ୟୁ.ର ରାଜ୍ୟ ସଭାପତି ଶଶି ଭୂଷଣ ପ୍ରହରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ମୟୂରଭଂଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ସମ୍ମାନୀତ ଅତିଥି ଭାବରେ ଏସପି ରିଷିକେଶ ଦ୍ୟାନଦେଓ ଖିଲାରି , ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୌଲତ ଚନ୍ଦ୍ରକାର, ବକ୍ତା ଭାବରେ ବରିଷ୍ଠ ସାମ୍ବାଦିକ ଡ. ବିଜୟ କୁମାର ଅଗ୍ରୱାଲ, ଯୋଗଦେଇ ସାମ୍ବାଦିକ ଏବଂ ପ୍ରସାଶନିକ ଅଧିକାରୀଙ୍କ ମଧ୍ୟରେ ସୁସମନ୍ୱୟ ଅଂଚଳର ବିକାଶ ସହାୟକ ହୋଇଥାଏ ବୋଲି କହିଥିଲେ । ସଂଘର ରାଜ୍ୟ ଉପସଭାପତି ତଥା କାର୍ଯ୍ୟକ୍ରମ ସଂଯୋଜକ ଦୀପକ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ, ଜିଲ୍ଲା ସମ୍ପାଦକ ଅଭିଜିତ ମହାନ୍ତି ମଂଚ ପରିଚାଳନା କରିଥିଲେ । ସେହିପରି ୨ୟ ଅଧିବେଶନରେ ରାଜ୍ୟ ସଭାପତି ଶ୍ରୀଯୁକ୍ତ ପ୍ରହରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ଚକ୍ର ରେ ଅତିଥି ଭାବରେ ପୂର୍ବତନ ରାଜସ୍ୱ ମନ୍ତ୍ରୀ ତଥା ବର୍ତମାନର ବାଙ୍ଗିରିପୋଷୀ ବିଧାୟକ ସୁଦାମ ମାରାଣ୍ଡି, ମରୋଡା ବିଧାୟକ ରାଜକିଶୋର ଦାସ, ଜିଲ୍ଲାପରିଷଦ ଅଧକ୍ଷା ଭାରତୀ ହାଁସଦା, ସମାଜସେବୀ ମୁରାରିଲାଲ ଶର୍ମା, ବରିଷ୍ଠ ସାମ୍ବାଦିକ ଡ. ବିଜୟ କୁମାର ଅଗ୍ରୱାଲା ଏବଂ କଲ୍ୟାଣ କୁମାରା ସ୍ନିହା ଯୋଗ ଦେଇ ସାମ୍ବାଦିକ ସୁରକ୍ଷା ଓ ଲକ୍ଷ୍ମଣ ରେଖା ଶିର୍ଷକରେ ଆଲୋଚନା କରିଥିଲେ । ଏହି ଅବସରରେ ଲ୍ୟାଣ୍ଡ ମାଇନ ବିସ୍ଫୋରଣରେ ଶହୀଦ ସାମ୍ବାଦିକ ରୋହିତ ବିଶ୍ୱାଳଙ୍କୁ ମରଣତର ସମ୍ମାନ, ବରିଷ୍ଠ ସାମ୍ବାଦିକ ଭାବରେ ଶରତ ଚନ୍ଦ୍ର ବେହେରା, ବିନ୍ଦୁସାର ଦାସ, ଶରତ ଚନ୍ଦ୍ର ଦାସ, ହରିଶ୍ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ରଣଜିତ କୁମାର ସାହୁ, ଦୀନବନ୍ଧୁ ବାରିକ, ସୁବାସ ଚନ୍ଦ୍ର ମହାନ୍ତି, ମଧୁ ସୁଦନ ନନ୍ଦ, ସମାଜସେବୀ ଭାବରେ ଅମର କୁମାର ସେଠୀ, ସୁଧିର କୁମାର ଅଗ୍ରୱାଲା, ସୋମନାଥ ସିଂହଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅପରାହ୍ନ ରେ ରାଜ୍ୟ କାର୍ଯ୍ୟକାରିଣ ବୈଠକ ସହ ସଂଧ୍ୟାରେ ସାଂସ୍କୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ମାନବାଧିକାର ରକ୍ଷକ ସଂଗଠନର ନୂତନ କର୍ମକର୍ତ୍ତା ଚୟନ

ବାଲେଶ୍ୱର,୦୬/୦୨ (ନି.ପ୍ର): ଅନ୍ତର୍ଜାତୀୟ ମାନବାଧିକାର ରକ୍ଷକ ସଙ୍ଗଠନର ବାଲେଶ୍ୱର ଶାଖା ବୈଠକ ଅବସରରେ ନୂତନ କମିଟି ଘୋଷଣା କରାଯାଇଛି । ସହଦେବଖୁଣ୍ଟା ଠାରେ ଆୟୋଜିତ ବୈଠକରେ ସଂଗଠନର ପ୍ରତିଷ୍ଠାତା ଅଧକ୍ଷ ମୀନକେତନ ପଟ୍ଟନାୟକ ଯୋଗଦେଇ ଜିଲା କମିଟିର ସଦସ୍ୟମାନଙ୍କୁ ମାନବାଧିକାର ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଜାତୀୟ ସମ୍ପାଦକ ଡ. ପ୍ରଭାତ କୁମାର ବାରିକ ଓ ଜାତୀୟ ମହିଳା ସାଧାରଣ ସମ୍ପାଦିକା ସୁବାସିନୀ ବଳ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ନୂତନ ଜିଲା କମିଟିର କର୍ମକର୍ତ୍ତା ଓ ସଦସ୍ୟଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା । ଜିଲ୍ଲା କମିଟିରେ ସଭାପତି ଭାବେ ଦିବ୍ୟଶଙ୍କର ଜେନା, ସମ୍ପାଦକ ଶୁଭମ ପାଣି ଓ ଉପଦେଷ୍ଟା ପ୍ରଫୁଲ୍ଲ କୁମାର ପରିଡ଼ାଙ୍କ ସମେତ ୧୨ ଗୋଟି ବ୍ଲକର ସଭାପତି ଓ ସମ୍ପାଦକଙ୍କୁ ଚୟନ କରାଯାଇଛି ।

**AFFIDAVIT**

An affidavit before the executive Magistrate Bhadrak, I, Suniti Swain, aged about 40 year, W/o- Basanta Kumar Swain, D/o- Brundaban Behera, At/Po.- Kumarpur, Ps.- Basudevpur, Dist.-Bhadrak. Declare that before marriage my name was Sunita Behera which is mentioned in my RPLI Policy bearing pol.No-R-OR-EA-625969. But after my marriage I known as Sumiti Swain as per Hindu tradition. That both the names Suniti Behera & Suniti Swain is same & one person. Henceforth I will be known as Suniti Swain in all purpose.

Suniti Swain

# ସର୍ଭେରେ ବିଶ୍ୱର ସବୁଠୁ ଲୋକପ୍ରିୟ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ଭୁବନେଶ୍ୱର,୦୬/୦୨ (ନି.ପ୍ର): ପୁଣିଥରେ ବିଶ୍ୱର ସବୁଠୁ ଲୋକପ୍ରିୟ ନେତା ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମନୋନୀତ ହୋଇଛନ୍ତି । ଆମେରିକାର ତଥ୍ୟ ଇଂଟେଲିଜେନ୍ସ ଫାର୍ମ 'ଦ ମର୍ଣ୍ଣିଂ କନସଲ୍ଟ' ପକ୍ଷରୁ ହୋଇଥିବା ସର୍ଭେ ଅନୁସାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆପ୍ରୁଭାଲ ରେଟିଂ ସବୁଠୁ ଅଧିକ ରହିଛି । ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ବ୍ରିଟେନ ପ୍ରଧାନମନ୍ତ୍ରୀ ରୁଷି ସୁନକଙ୍କ ସମେତ ବିଶ୍ୱର ୨୨ ଦେଶର ନେତାଙ୍କୁ ପଛରେ ପକାଇ ମୋଦିଜୀ ଲୋକପ୍ରିୟତାର ସର୍ବାଗ୍ରେ ଅଛନ୍ତି । କେବଳ ଭାରତବର୍ଷ ନୁହେଁ, ବରଂ ସମଗ୍ର ବିଶ୍ୱ ଆଜି ମୋଦିଜୀଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରିଥିବାର ପୁଣି ଥରେ ପ୍ରମାଣିତ ହୋଇଛି ବୋଲି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି କହିଛନ୍ତି । ବୈଶ୍ୱିକ ମହାମାରୀ କରୋନା ସଂକଟ ସମୟରେ ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ ନେତୃତ୍ୱରେ ଭାରତବର୍ଷ ନିଜ ଦକ୍ଷତା ଏବଂ ପରାକାଷ୍ଠାକୁ ଦେଶ ତଥା ବିଦେଶରେ ପହଂଚି ପାରିଥିଲା । କରୋନା ପରବର୍ତୀ ସମୟରେ ଅନେକ ଦେଶ ଆଜି ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଥିବାବେଳେ ଭାରତର ଆର୍ଥିକ ବ୍ୟବସ୍ଥା ମୋଦିଜୀଙ୍କ କାରଣରୁ ସୁଦୃଢ ରହିପାରିଛି । ଭାରତବର୍ଷ ବିଶ୍ୱଗୁରୁ ହେବାର ସ୍ୱପ୍ନ ବହୁ ଶୀଘ୍ର ବାସ୍ତବରେ ପରିଣତ ହେବାକୁ ଯାଉଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

# ଆଘ୍ରିୟା ଗ୍ରାମରେ ମୁନି ସମାଜର ଜ୍ଞାନ ଯଜ୍ଞ

ବାଲେଶ୍ୱର,୦୬/୦୨ (ନି.ପ୍ର): ସୋମବାର ଦିବା୧୦ ଘଟିକା ସମୟରେ ମୁନି ନରେନ୍ଦ୍ର ବେହେରା-ମୁନିମତୀ ଫୁଲମଣୀ ବେହେରାଙ୍କ ବାସଭବନରେ, ତାଙ୍କ ସୁପୁତ୍ର ମୁନି ମୁକୁନ୍ଦ ଚରଣ ବେହେରା-ମୁନିମତୀ ସୀତାମଣୀ ବେହେରାଙ୍କ ସୁପୁତ୍ର ମୁନି ପଙ୍କଜ କୁମାର ବେହେରା-ଙ୍କ ସହଧର୍ମିଣୀ ମୁନିମତୀ ମଞ୍ଜୁ ବେହେରାଙ୍କ ସୀମନ୍ତୋନୟନ ସଂସ୍କାର କାର୍ଯ୍ୟକ୍ରମ,ମୁନି ସମାଜର ପ୍ରାନ୍ତିୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ, ଜିଲ୍ଲା ସମ୍ପାଦକ, ମୁନି ସମାଜର ଜ୍ୟୋତି, ଆତ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତ ମୁନିଜୀ ମହୋଦୟଙ୍କ ସଭାପତିତ୍ୱରେ ମହାସମାରୋହରେ ପାଳିତ ହୋଇଯାଇଛି । ଆଚାର୍ଯ୍ୟ ଆସନ ଅଳଙ୍କୃତ କରିଥିଲେ ହାତିଆଡିହା ଶିବମୁନି ଯୋଗାଶ୍ରମର କୋଷାଧକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନି ଜୀ ମହୋଦୟ । ମୁଖ୍ୟ ବକ୍ତା ହିସାବରେ ଯୋଗଦାନ କରିଥିଲେ ଆଶ୍ରମର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନି ଜୀ ମହୋଦୟ ।ମୁନି ସଙ୍ଗୀତ ଗାନ



କରିଥିଲେ ଆଶ୍ରମର କଣ୍ଠଶିଳ୍ପୀ ଯୋଗଶିକ୍ଷିକା ମଞ୍ଜୁଲତା ବେହେରା ।ମୁଖ୍ୟ ଅତିଥି ହିସାବରେ ଯୋଗଦାନ କରିଥିଲେ, ଆଶ୍ରମର ସମ୍ପାଦକ ଯୋଗୀ ରାମଚନ୍ଦ୍ର ବେହେରା ମହୋଦୟ ।ସମ୍ମାନୀତ ଅତିଥି ହିସାବରେ ଯୋଗଦାନ କରିଥିଲେ, ମୁନି ରାଜ ଅମୂଲ୍ୟ ମୁନିଜୀ ମହୋଦୟ ।ସମ୍ମାନୀତ ବକ୍ତା ହିସାବରେ ଯୋଗଦାନ କରିଥିଲେ, ଆଶ୍ରମର ଯୋଗଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା ।ଗର୍ଭବତୀ ମାତା, ଗର୍ଭାବସ୍ଥାରେ ଯେଉଁ ପରି ନିଜ ପ୍ରତି, ପରିବାର ପ୍ରତି,ସମାଜପ୍ରତି ଆଚରଣ କରିବ ଗର୍ଭସ୍ଥ ସନ୍ତାନ ଠିକ୍ ସେହିପରି ସଂସ୍କାର ରେ ଗଠିତ ହେବ ବୋଲି ସମସ୍ତ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ସୁଷମ ଖାଦ୍ୟ ଭକ୍ଷଣ କରିବା ସହିତ ଆଦର୍ଶ ବ୍ୟବହାର ସମସ୍ତଙ୍କ ପ୍ରତି ରଖିବା ପାଇଁ ଉପଦେଶ ଦିଆଯାଇ ଥିଲା । ଉପସ୍ଥିତ ଥିଲେ, ଶ୍ରୀଯୁକ୍ତ ଗୋବିନ୍ଦ ଚରଣ ବେହେରା, ମୁନି ମତୀ ସୀ ତାମଣୀ ବେହେରା, ଶକୁନ୍ତଳା ବେହେରା, ମନୋଜ କୁମାର ବେହେରା, ସରୋଜ କୁମାର ବେହେରା, ରିକୀ ରାଣୀ ବେହେରା, ଧୀରୋଜ କୁମାର ବେହେରା, ଗୀତାମଣୀ ବେହେରା, ସୁମତୀ ପ୍ରଧାନ, ପ୍ରଫୁଲ୍ଲ କୁମାର ପ୍ରଧାନ, ମନୋରଞ୍ଜନ ବେହେରା ଓଆଦର୍ଶ ଯୋଗସାଧିକା ଆତ୍ମଜ୍ଞାନୀ ଶକୁନ୍ତଳା ପରିଡ଼ା ଇତ୍ୟାଦି ବହୁ ମୁନି-ମୁନିମତୀ ମାନେ ।

## ବେଆଇନ ବାଲି ବୋଝେଇ ଡମ୍ଫରକୁ ଜବତ କଲା ପୁଲିସ

ବସ୍ତା, ୦୬/୦୨ (ନି.ପ୍ର): ବାଲି ମାଫିଆଙ୍କ ଉପଜିଲ୍ଲାପାଳଙ୍କୁ ଆକ୍ରମଣ ଘଟଣାରେ ପ୍ରତିଶୋଧ ପରାୟଣ ହୋଇ ଉଠିଛି ଜିଲ୍ଲା ପ୍ରଶାସନ। ସମଗ୍ର ଜିଲ୍ଲାରେ ବେଆଇନ ବାଲି, ଇଟା ଭାଟି ଦମନ ଚାଲିଥିବା ବେଳେ ବସ୍ତା ପୁଲିସ ରବିବାର ବିଳମ୍ବିତ ରାତି ରେ ବିଭିନ୍ନ ସ୍ଥାନରେ ଚଢାଉ କରି ବେଆଇନ ବାଲି ବୋଝେଇ ଟ୍ରକ, ଡମ୍ଫର କାଗଜ ପତ୍ର ତନଖି କରି ରାତ୍ର ଦୁଇଟା ସମୟରେ ଏକ ଦଶଚକିଆ ବେଆଇନ ବାଲି ଡମ୍ଫର କୁ ଜବତ କରି ଥାନାକୁ ଆଣିଥିଲା। ଏନେଇ ବସ୍ତା ପୁଲିସ ଏକମାମାଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅନ୍ୟ ପକ୍ଷରେ ପୂର୍ବରୁ ପ୍ରଶାସନିକ କ୍ଷେତ୍ରରେ ହୁଗୁଳା ନୀତି ଓ କିଛି ଅସାଧୁ ଅଧିକାରୀଙ୍କ ମାଫିଆ ଙ୍କ ସହିତ ଭିତିରି ସଂପର୍କରେ ଏଭଳି ବେଆଇନ କାର୍ଯ୍ୟ ଚାଲିଥିବା ବେଳେ ଅଚାନକ ପୁଲିସ ର ତତ୍ପରତା ବାଲିମାଫିଆଙ୍କ ମୁଣ୍ଡ ବ୍ୟଥାର କାରଣ ପାଲଟିଛି।

## ଧର୍ମପରାୟଣା ମହିଳାଙ୍କ ବିୟୋଗ



ଖୋର୍ଦ୍ଧା,୦୬/୦୨ (ନି.ପ୍ର): ଖୋରଧା ସହରସ୍ଥିତ ୧୨ ନମ୍ବର ୱାର୍ଡ଼ର ଜେଲ୍‌ରୋଡ଼ରେ ରହୁଥିବା ଜଣେ ଧର୍ମପରାୟଣା ମହିଳା ବିଷ୍ଣୁପ୍ରିୟା ମହାନ୍ତିଙ୍କ ୮୧ ବର୍ଷ ବୟସରେ ପରଲୋକ ଘଟିଛି । ସ୍ୱର୍ଗତା ଶ୍ରୀମତୀ ମହାନ୍ତି ପ୍ରାଣନାଥ ସ୍ୱଂୟସାଶିତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ତଥା ଉତର ଓଡ଼ିଶାର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତିଙ୍କ ଧର୍ମପତ୍ନୀ ଏବଂ ଖୋରଧା ପୌରପରିଷଦର ଉପାଧକ୍ଷ ସୌର୍ଯ୍ୟ ରଂଜନ ମହାନ୍ତି (ଟିଟନ)ଙ୍କ ମାତା ଅଟନ୍ତି । ସ୍ୱର୍ଗତା ଶ୍ରୀମତୀ ମହାନ୍ତି ଜଣେ ମିଷ୍ଟ ଭାଷୀ, ପରୋପକାରୀ ଏବଂ ଜଣେ ସମାଜ ସେବୀ ଭାବରେ ଅଂଚଳରେ ବେଶ ପରିଚିତ । ମୃତ୍ୟୁ ସଜ୍ୟା ନିକଟରେ ସ୍ୱାମୀ କ୍ଷୀରୋଦ ପ୍ରସାଦ ମହାନ୍ତି, ପୁଅ ଡ଼ାକ୍ତର କ୍ଷୀତିଶ ରଂଜନ ମହାନ୍ତି, ସୌମ୍ୟ ରଂଜନ ମହାନ୍ତି, ସୌର୍ଯ୍ୟ ରଂଜନ ମହାନ୍ତି, ପ୍ରୀତି ରଂଜନ ମହାନ୍ତି, ବୋହୂ ମୋନାଲିସା ମହାନ୍ତି, ସୁଚିସ୍ମିତା ମହାନ୍ତି ଝିଅ ସିମୀ ପଟ୍ଟନାୟକ, ଜ୍ୱାଇଁ ଜୟନାରାୟଣ ପଟ୍ଟନାୟକଙ୍କ ସମତେ ନାତି ନାତୁଣୀ ଉପସ୍ଥିତ ଥିବା ବେଳେ ସ୍ଥାନୀୟ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ବ୍ଲକ୍ ଉପାଧକ୍ଷ ପ୍ରକାଶ ସାମନ୍ତରାୟ, ପୌରପରିଷଦର କାଉନସିଲର, ସମାଜ ସେବୀ ସଂଜୟ ପଟ୍ଟନାୟକ, ପ୍ରାଣନାଥ ମହାବିଦ୍ୟାଳୟର ଅଧକ୍ଷା ଅଜନ୍ମା ଶତପଥୀ, ପ୍ରାଣନାଥ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷା ମମତା ଦେ, ସାମ୍ବାଦିକ ସନତ ପଟ୍ଟନାୟକ, ପ୍ରଭାତ ପାଣିଗ୍ରାହୀ, ରଞ୍ଜିତ୍ କେଏନ୍ ସାମନ୍ତରାୟ,ଲଳିତ ମୋହନ ମହାପାତ୍ର, ରାଜ୍ୟ ଯୁବ ବିଜେଡ଼ି ସମ୍ପାଦକ ରୁଦ୍ରନାଥ ଦତ, ଜିଲ୍ଲା ଛାତ୍ର ବିଜେଡ଼ି ସଭାପତି ବିଶ୍ୱଦିପ୍ ପ୍ରଧାନଙ୍କ ସମେତ ସମାଜସେବୀ, ବୁଦ୍ଧିଜୀବି ଓ ଶିକ୍ଷାବିତ୍ ପ୍ରମୁଖ ସ୍ୱର୍ଗତା ଶ୍ରୀମତୀ ମହାନ୍ତିଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ ସହ ଆତ୍ମାର ସଦ୍‌ଗତି କାମନା କରିଥିଲେ । ଆସନ୍ତାକାଲି ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ ସମ୍ପନ୍ନ କରାଯିବ ବୋଲି ପରିବାର ସୂତ୍ରରୁ ପ୍ରକାଶ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ୪୮ଘଂଟା ଭିତରେ ଚାଷୀଙ୍କୁ ବକେୟା....

କଷ୍ଟଦାୟକ ହୋଇଛି ବୋଲି ବିଜେପି କୃଷକ ମୋର୍ଚ୍ଚା ଦାବୀ କରିଛି । ଆଜି ଏହି ମର୍ମରେ ବିଜେପି କୃଷକ ମୋର୍ଚ୍ଚାର ଏକ ଦଶ ଜଣିଆ ପ୍ରତିନିଧି ମଣ୍ଡଳୀ ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକଙ୍କୁ ଭେଟି ଦାବୀ ପତ୍ର ପ୍ରଦାନ ପାଇଁ ଯାଇଥିଲେ କିନ୍ତୁ ପରିତାପର ବିଷୟ ଏହିକି ଯେ ଚାଷୀ ତାର ଧାନ ବିକ୍ରି ପ୍ରାପ୍ୟ ପାଇପାରୁନଥିବା ବେଳେ ବିଭାଗର ଏମ୍‌ଡି ଦୀର୍ଘ ଦିନ ଧରି କେଉଁଆଡେ ଯାଇଛନ୍ତି ତାହା ତାଙ୍କ ଅଧିକାରୀ ମାନେ ବି କହିପାରିଲେନାହିଁ । ଶେଷରେ ବାଧ୍ୟ ହୋଇ ବିଜେପି କୃଷକ ମୋର୍ଚ୍ଚାର ପ୍ରତିନିଧି ମଣ୍ଡଳୀ ଏମ୍‌ଡିଙ୍କ କାର୍ଯ୍ୟାଳୟ କବାଟ ଏବଂ ମୁଖ୍ୟ ଫାଟକରେ ଲଟ୍‌କା ଜାରି କରି ଏମ୍‌ଡି ନିଖୋଜ ଥିବାର ଫଟୋ ମଧ୍ୟ ଲଗାଇଲେ । ଯଦି ଆଗାମୀ ୪୮ଘଂଟା ଭିତରେ ଓଡିଶାର ହଜାର ହଜାର ଚାଷୀଙ୍କର ବକେୟା ଥିବା ଧାନ ବିକ୍ରି ପ୍ରାପ୍ୟକୁ ପ୍ରଦାନ କରାନଯାଏ ତେବେ ଚାଷୀଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ଦଳ ତରଫରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ପ୍ରତିନିଧି ମଣ୍ଡଳୀ କହିଛନ୍ତି । ଏହି ପ୍ରତିନିଧି ମଣ୍ଡଳୀରେ କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ଶ୍ରୀ ହୃଷିକେଶ ଜେନା ଓ ଶ୍ରୀ ଶ୍ରୀରଞ୍ଜନ ମଙ୍ଗରାଜ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲ୍ଲୀପ କୁମାର ସ୍ୱାଇଁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରଶ୍ମି ରଞ୍ଜନ କାନୁନଗୋ, ରାଜ୍ୟ କୋଷାଧକ୍ଷ ବିଶ୍ୱଜିତ୍ ସ୍ୱାଇଁଙ୍କ ସମେତ ସଂଯୋଜକ ହିତେଶ୍ ମହାପାତ୍ର, ବିକ୍ରମ କେଶରୀ ରାଉତରାୟ ଓ ପ୍ରିୟ ରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

### ନବ ଦାସଙ୍କ ମୃତ୍ୟୁ ପରେ ଚର୍ଚ୍ଚାରେ....

ଶନି ମହାଦଶା ଓ ରବି ଅନ୍ତର ଯୋଗୁଁ ନବ କ୍ଷମତାରୁ ଅନ୍ତର ହେବେ ଓ ଅଘଟଣ ଘଟିବ ବୋଲି ତାଙ୍କୁ ସତର୍କ କରାଇ ଦିଆଯାଇଥିଲା । ଯେଉଁଥିପାଇଁ ନବ ଦାସ ମହାରାଷ୍ଟ୍ରର ପ୍ରସିଦ୍ଧ ଶନି ସିଂଘନାପୁର ମନ୍ଦିରରେ ସୁନା କଳସ ଦାନ କରିବା ସହ ପୂଜାର୍ଚ୍ଚନା କରିଥିଲେ । ନବଙ୍କ ରାଶି ଉପରେ ଶନିଙ୍କ ପ୍ରଭାବ ପ୍ରାୟ ଅଢେଇ ବର୍ଷ ରହିବ । ତେଣୁ ନବ ଦାସଙ୍କ ଆକସ୍ମିକ ମୃତ୍ୟୁ ପରେ ମଧ୍ୟ ତାଙ୍କ ପରିବାର ସଦସ୍ୟଙ୍କୁ ଏହା ଭୋଗ କରିବାକୁ ପଡିପାରେ ବୋଲି ଆଶଙ୍କା କରିଛନ୍ତି ଜ୍ୟୋତିଷ ପ୍ରମୋଦ ପାତ୍ର । ଅବଶ୍ୟ ଏହା ଜ୍ୟୋତିଷ ପ୍ରମୋଦ ପାତ୍ରଙ୍କ ବ୍ୟକ୍ତିଗତ ମତ । କୁହାଯାଉଛି ଶନିଦେବ ଓ ହନୁମାନଙ୍କୁ ପ୍ରବଳ ଭକ୍ତି କରୁଥିଲେ ଦିବଙ୍ଗତ ମନ୍ତ୍ରୀ ନବ କିଶୋର ଦାସ । ସେଥିପାଇଁ ଶନି ଚଳନ ପରେ ତାଙ୍କ ରାଶି ଉପରେ ପ୍ରଭାବକୁ ନେଇ ଜାଣିବାକୁ ଚାହିଁଥିଲେ ଓ ମଧ୍ୟପ୍ରଦେଶର ପ୍ରସିଦ୍ଧ ବାବା କଲ୍ୟାଣ ଦାସ ମହାରାଜଙ୍କୁ ଜାତକ ଦେଖାଇ ଭବିଷ୍ୟତ ଗଣନା କରାଇ ଥାଇପାରନ୍ତି ଏବଂ ଏହା ମଧ୍ୟ ଚର୍ଚ୍ଚା ହେଉଛି ଯେ, ତାଙ୍କରି ପରାମର୍ଶରେ ମହାରାଷ୍ଟ୍ରର ପ୍ରସିଦ୍ଧ ଶନି ସିଂଘନାପୁର ମନ୍ଦିରରେ ପୂଜାର୍ଚ୍ଚନା କରି ଆସନ୍ନ ବିପଦକୁ ଟାଳି ଦେବା ପାଇଁ ଉଦ୍ୟମ କରି ଥାଇପାରନ୍ତି ।

### ଯୁବା ସଂଗମ ଅମୃତ କାଳରେ....

ପ୍ରଗତି, ଉଦ୍ୟୋଗିକୀ, ପାରସ୍ପରିକ ସମ୍ପର୍କ ସ୍ତମ୍ଭ ଆଧାରରେ ଏକତାର ଭାବନାକୁ ପାଳନ କରିବା ସହ ଦେଶର ଚିତ୍ରଣକୁ ପ୍ରଦର୍ଶନ କରିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରୀ କିରେନ ରିଜିଜୁ, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ଅନୁରାଗ ଠାକୁର, କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜି. କିଷାନ ରେଡ୍ଡୀ, ଶିକ୍ଷା ରାଷ୍ଟ୍ର ମନ୍ତ୍ରୀ ଡ. ସୁବାଷ ସରକାର ଓ ଡ. ରାଜକୁମାର ରଞ୍ଜନ ସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

### ରାଷ୍ଟ୍ରପତିଙ୍କ ଦୁଇ ଦିନିଆ ଓଡ଼ିଶା....

ଦୃଷ୍ଟିରେ ରଖି ସୁରକ୍ଷା, ଆତିଥେୟତା, ଯାନବାହାନ ଓ ବାରକେଡ ବ୍ୟବସ୍ଥା, ଅଗ୍ନିଶ୍ରମ, ସ୍ୱାସ୍ଥ୍ୟ, ନିରବଚ୍ଛିନ୍ନ ଜଳ ଓ ବିଦ୍ୟୁତ ଯୋଗାଣ, ଯୋଗାଯୋଗ, ଗଣମାଧ୍ୟମ ପରିଚାଳନା ସଂପର୍କରେ ବୈଠକରେ ଆଲୋଚନା ହୋଇଥିଲା । ସମସ୍ତ ପ୍ରସ୍ତୁତି ଉପରେ ନଜର ରଖିବା ସହ ଆବଶ୍ୟକସ୍ଥଳେ ମଂଚ ସାଜସଜ୍ଜା ଓ ବୈଠକରେ ଯୋଗ ଦେଉଥିବା ବ୍ୟକ୍ତି ବିଶେଷଙ୍କ ଆସନ ଗ୍ରହଣ ସଂପର୍କରେ ଗୃହ ଓ ବରିଷ୍ଠ ପୋଲିସ ଅଧିକାରୀମାନଙ୍କ ସହ ନିରନ୍ତର ଯୋଗସୂତ୍ର ରକ୍ଷା କରିବାକୁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଯୋଗ୍ୟ, ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ଦାୟିତ୍ୱରେ ନିୟୋଜିତ ଅଧିକାରୀ, ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଉଥିବା ଅତିଥି ଏବଂ ସାକ୍ଷାତ କରିବାକୁ ଥିବା ବ୍ୟକ୍ତି ବିଶେଷଙ୍କ ୭୨ ଘଂଟା ପୂର୍ବରୁ ଆରଟିପିସିଆର ପରୀକ୍ଷା ସହ ମାସ୍କ ପରିଧାନକୁ ବାଧ୍ୟତାମୂଳକ କରାଯାଇଛି । ଉକ୍ତ ବୈଠକରେ ଅତିରିକ୍ତ ଶାସନ ସଚିବ ଶ୍ରୀ ଦେଓରଞ୍ଜନ କୁମାର ସିଂଙ୍କ ସମେତ ପ୍ରମୁଖ ଶାସନ ସଚିବ, ସଚିବ, ଗୃହ, ପୋଲିସ, ଗୋଇନ୍ଦା ଏବଂ ଅନ୍ୟାନ୍ୟ ବିଭାଗର ବିଭାଗୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ନୂତନ ରେଳପଥ ସଂଯୋଗୀକରଣ କ୍ଷେତ୍ରରେ ମୟୂରଭଞ୍ଜ ଜିଲ୍ଲା କେନ୍ଦ୍ର ଅବହେଳାର ଶିକାର : ସରୋଜିନୀ ହେମ୍ବ୍ରମ

ବାରିପଦା,୦୬/୦୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ପର୍ଯ୍ୟଟନର ବିକାଶ ସହିତ ଅନ୍ୟାନ୍ୟ ଅନୁସାଂଗିକ ଉନ୍ନତି ନୂତନ ରେଳଲାଇନ ସଂଯୋଗୀକରଣ ଓ ନୂତନ ରେଳ ଚଳାଚଳ ଉପରେ ନିର୍ଭର କରୁଛି । ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲା ପ୍ରାକୃତିକ ସମ୍ପଦରେ ଭରପୁର , କିନ୍ତୁ ବଡ ବଡ ସହର ସହିତ ରେଳଲାଇନ ସଂଯୋଗୀକରଣ ହୋଇ ନ ଥିବାରୁ ମୟୂରଭଞ୍ଜ ଜିଲ୍ଲାରେ ପର୍ଯ୍ୟଟନ ଶିଳ୍ପ ଓ ଅନ୍ୟାନ୍ୟ ଶିଳ୍ପ ସଂସ୍ଥା ଆଗକୁ ଆଗେଇପାରୁ ନାହିଁ । ଯଦିଓ କେନ୍ଦ୍ର ବିଜେପି ସରକାର ସବକା ସାଥ ସବକା ବିକାଶ କଥା କହୁଛନ୍ତି, କିନ୍ତୁ କାର୍ଯ୍ୟରେ କେବଳ ବଡ ବଡିଆଙ୍କ ସାଥ ଦେଉଛନ୍ତି । ବୁଢାମରା - ଚାକୁଳିଆ ନୂତନ ରେଳ ଲାଇନ ନିର୍ମାଣ ନିମନ୍ତେ ୨୦୦୮-୦୯ ମସିହାରେ ରେଳ ବିଭାଗ ନିଷ୍ପତ୍ତି ନେଇଥିଲେ । କିନ୍ତୁ ବର୍ତ୍ତମାନ କେନ୍ଦ୍ର ସରକାର ୨୦୨୩-୨୪ ମସିହା ବଜେଟରେ କେବଳ ହଜାରେ ଟଙ୍କା ଅର୍ଥ ବରାଦ୍ କରିବା ମୟୂରଭଞ୍ଜବାସୀଙ୍କ ପ୍ରତି କେନ୍ଦ୍ର ସରକାରଙ୍କର ବୈମାତୃକ ମନୋଭାବର ପ୍ରମାଣ । ସେହିପରି ବାଙ୍ଗିରିପୋଷି - ଗୋରୁମହିଷାଣି ନୂତନ ରେଳ ଲାଇନ ସଂଯୋଗୀକରଣ ନିମନ୍ତେ ମୟୂଭଞ୍ଜବାସୀଙ୍କ ଦ୍ୱାରା ଦୀର୍ଘ ଦିନରୁ ଦାବୀ ହୋଇଆସୁଅଛି । କିନ୍ତୁ କେନ୍ଦ୍ର ସରକାର ଏହି ନୂତନ ରେଳ ଲାଇନ ନିର୍ମାଣ ନିମନ୍ତେ ଟଙ୍କାଟିଏ ମଧ୍ୟ ବ୍ୟୟବରାଦ କରିନାହାନ୍ତି । ବାଙ୍ଗିରିପୋଷିରୁ ପୁରୀ ରାତ୍ରୀକାଳିନ ଟ୍ରେନ ଚଳାଚଳ ନିମନ୍ତେ କୌଣସି ପଦକ୍ଷେପ ନେଇନାହାନ୍ତି ବୋଲି ପୂର୍ବତନ ସାଂସଦ ଶ୍ରୀମତୀ ସରୋଜିନୀ ହେମ୍ବ୍ରମ କ୍ଷୋଭ ପ୍ରକାଶ କରିଛନ୍ତି । ଏଣୁ କେନ୍ଦ୍ର ସରକାର ବୁଢାମରା ଚାକୁଳିଆ, ବାଙ୍ଗିରିପୋଷି, ଗୋରୁମହିଷାଣି ନୂତନ ରେଳ ଲାଇନ ନିର୍ମାଣ ନିମନ୍ତେ ୨୦୨୩-୨୪ ବଜେଟରେ ଅନ୍ତତଃ ୧୦୦୦ କୋଟି ଅର୍ଥ ବ୍ୟୟବରାଦ କରିବାକୁ ଦାବୀ କରିଛନ୍ତି । ସେହିପରି ବାଙ୍ଗିରିପୋଷିରୁ ପୁରୀ ଏକ ରାତ୍ରିକାଳୀନ ଟ୍ରେନ ଯଥାଶୀଘ୍ର ଚଳାଚଳ କରିବାକୁ ଶ୍ରୀମତୀ ହେମ୍ବ୍ରମ ଦାବୀ କରିଛନ୍ତି ।

# ଶିଶୁ ବିହାରର ବାର୍ଷିକ ଉତ୍ସବ ଅନୁଷ୍ଠିତ



ବାସୁଦେବପୁର, ୦୬/୦୨ (ନି.ପ୍ର): ବାସୁଦେବପୁର ସହରରେ ଥିବା ଶିଶୁ ବିହାର ଶିକ୍ଷାନୁଷ୍ଠାନର ବାର୍ଷିକୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ଉତ୍ସବକୁ ଉଦ୍ଘାଟନ କରିଥିଲେ ଓ ଛାତ୍ରଛାତ୍ରୀମାନଙ୍କୁ ଭଲ ମଣିଷ ହେବା ପାଇଁ ପ୍ରେରଣା ଦେଇଥିଲେ । ମୁଖ୍ୟ ବକ୍ତାଭାବେ ଅଧ୍ୟାପକ ବିଶ୍ୱରଞ୍ଜନ ଦାସ ଶିକ୍ଷା, ସାହିତ୍ୟ ଓ କଳା ସଂସ୍କୃତିର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ । ବିଦ୍ୟାଳୟର ସମ୍ପାଦକ ଭାବଗ୍ରାହୀ ନାୟକ ଓ ସଭାପତି ମାନସ ସାହୁ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଶିଶୁବିହାରର ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ମହାରଣା ଅତିଥି ପରିଚୟ ଓ ବର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଓଏଏସ୍ ପାଇଥିବା ମେଧାବୀ ପ୍ରତିଭା ମାଧୁରୀ ବେହେରା, ଶିକ୍ଷାବିତ୍ ସମରେନ୍ଦ୍ର ବାରିକ ଓ ଭାସ୍କରଚନ୍ଦ୍ର ମଲ୍ଲିକଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟର ମୁଖପତ୍ର ମହକକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନାଟକ ପରିବେଷଣ ହୋଇଥିଲା । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବହୁ ଦର୍ଶକବନ୍ଧୁ ଉପଭୋଗ କରିଥିଲେ । ବିଦ୍ୟାଳୟର ଗୁରୁଜୀ ଭରତ ଚନ୍ଦ୍ର ନାୟକ, ରାମଚନ୍ଦ୍ର ନାୟକ ଓ ଅନ୍ୟାନ୍ୟ ଗୁରୁଜୀ ଗୁରୁମା ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

ମଙ୍ଗଳବାର, ଫେବୃଆରୀ ୦୭, ୨୦୨୩

# ଧ୍ୱନି ପ୍ରତିଧ୍ୱନି

# ଜିଲ୍ଲାସ୍ତରୀୟ ବିଶ୍ୱ କର୍କଟ ଦିବସ

ଖୋର୍ଦ୍ଧା,୦୬/୦୨ (ନି.ପ୍ର): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲାମୁଖ୍ୟ ଚିକିତ୍ସାଧିକାରୀଙ୍କ ସମ୍ମିଳନୀ କକ୍ଷରେ ଶନିବାର ଜିଲ୍ଲାସ୍ତରୀୟ ବିଶ୍ୱ କର୍କଟରୋଗ ଦିବସ ପାଳିତ ହୋଇଯାଇଛି । ଏଥିରେ ଜିଲ୍ଲା ମୁଖ୍ୟଚିକିତ୍ସା ଅଧିକାରୀ ଡା. ଆର୍ତ୍ତବନ୍ଧୁ ନାୟକ ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ସିଡିଏମଓ ଡା. ନାୟକ କହିଥିଲେ, ୨୦୧୬ ସେପ୍ଟେମ୍ବର ୨୩ରେ ସୁପ୍ରିମ କୋର୍ଟ ଗୁଟଖା, ଟୋବାକୋ, ପାନ ମସଲା ଏବଂ ଖଇନି ରୂପରେ ତମାଖୁ ବିକ୍ରୀ ଉପରେ ନିଷେଧାଜ୍ଞା ଜାରୀ କରିଥିଲେ । ୯୦% ମୁଖକର୍କଟ ତମାଖୁ ସେବନ ଦ୍ୱାରା ହେଉଛି ବୋଲି କହିଥିଲେ । ତମାଖୁ ସେବନ ଯୋଗୁ ଭାରତରେ ପ୍ରତିବର୍ଷ ୧୦ଲକ୍ଷ ଲୋକଙ୍କ ମୃତ୍ୟୁ ଘଟୁଛି । ପ୍ରତିବର୍ଷ ତମାଖୁ ସେବନ ଜନିତ ମୃତ୍ୟୁ ଯୋଗୁ ବହୁ ପରିବାର ଭାଙ୍ଗି ପଡୁଛନ୍ତି । ପ୍ରତିବର୍ଷ ସମଗ୍ର ବିଶ୍ୱରେ ୭୬ଲକ୍ଷ କର୍କଟ ରୋଗୀଙ୍କ ମୃତ୍ୟୁବରଣ କରୁଛନ୍ତି । ଏହାର କାରଣ ମୁଖ୍ୟତଃ ବର୍ତ୍ତମାନର ଆଧୁନିକତା ସମୟରେ ଦୈନନ୍ଦିନ ଜୀବନ ଶୈଳୀ ଏବଂ ଖାଦ୍ୟରେ ଅଭୂତପୂର୍ବ ପରିବର୍ତ୍ତନ । ଯାହା ଏହି କର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ବର୍ତ୍ତମାନ ଚିକିତ୍ସା କ୍ଷେତ୍ରରେ ୪୦ରୁ ୫୦ଭାଗ କର୍କଟ ରୋଗୀ ମୁଖଗହ୍ୱର କର୍କଟ ରୋଗରେ ଆକ୍ରାନ୍ତ ହେଉଛନ୍ତି । ସେଥିପାଇଁ ତମାଖୁ ସେବନ ଏକମାତ୍ର କାରଣ ହୋଇଥିବା ଡା. ନାୟକ କହିଥିଲେ । କର୍କଟ ରୋଗର ଚିକିତ୍ସା ମୁଖ୍ୟତଃ ଔଷଧ, ରଞ୍ଜନ ରଶ୍ମୀ ଏବଂ କେମୋଥେରାପି ମଧ୍ୟମରେ କରାଯାଇଥାଏ । ଏହି ରୋଗର ଯେଉଁ ଭୟାଭୟତା ବିଗତ ଦିନ ମାନଙ୍କରେ ଥିଲା ବର୍ତ୍ତମାନ ତାହା ନାହିଁ ବୋଲି ଡା. ନାୟକ କହିଥିଲେ । ଏଥିସହିତ ଚଳିତ ବର୍ଷର ବିଷୟବସ୍ତୁ କର୍କଟ ରୋଗୀ ଓ ପୂର୍ଣ୍ଣାଙ୍ଗ ସ୍ୱାସ୍ଥ୍ୟସେବା ମଧ୍ୟରେ ବ୍ୟବଧାନ ହ୍ରାସ କରିବା ଉପରେ ଆଲୋକପାତ କରିଥିଲେ । ଗ୍ରାମାଂଚଳରେ ପ୍ରାଥମିକ ଲକ୍ଷଣ ଦେଖାଯାଉଥିବା ରୋଗୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣି ଚିକିତ୍ସା କରିବା କୁ ନିର୍ଦ୍ଦେଶ ଦେଇଥିଲେ । ଏଥିସହିତ ବ୍ୟୟବହୁଳ ଖର୍ଚ୍ଚରୁ ରକ୍ଷା ଲାଗି ସରକାରୀ ସ୍ତରରେ ଖୋଲାଯାଇଥିବା କର୍କଟ ହସ୍ପିଟାଲରେ ଚିକିତ୍ସା ଲାଗି ପରାମର୍ଶ ଦେଇଥିଲେ ।

# ହୁସେନ୍ ରବି ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି

## ବହୁମୁଖୀ ହୁସେନ୍ ଗାନ୍ଧୀଙ୍କ ସ୍ୱତନ୍ତ୍ର ଜୀବନ ସମୀକ୍ଷା ଆବଶ୍ୟକ



ବାଲେଶ୍ୱର,୦୬/୦୨ (ନି.ପ୍ର): ଓଡ଼ିଆ ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଭାପତି ମାନବବାଦୀ କବି ଓ ବାଗ୍ମୀପୁରୁଷ ଦିବଂଗତ ଡକ୍ଟର ହୁସେନ୍ ରବି ଗାନ୍ଧୀ ଗତ ଜାନୁଆରି ୨୮ ତାରିଖ ଶନିବାର ମାସାଧିକ ଚିକିତ୍ସାଧୀନ ଅବସ୍ଥାରେ ୭୫ ବର୍ଷ ବୟସରେ ଦେହତ୍ୟାଗ କରିଛନ୍ତି। ସମ୍ବଲପୁର ଗଙ୍ଗାଧର ମେହେର ମହାବିଦ୍ୟାଳୟ ଏବଂ ଲାଲା ଲଜ୍‌ପତ୍ ରାୟ ଆଇନ୍ ମହାବିଦ୍ୟାଳୟରେ ଛାତ୍ରାବସ୍ଥାରୁ ରାଜନୀତିରେ ସଂପୃକ୍ତ ଥାଇ ମଣିଷମାନଙ୍କର ଦୁର୍ଦ୍ଦଶ ଜୀବନ ଆଧାରିତ ସହସ୍ର ସାମ୍ୟବାଦୀ ଚେତନାର କବିତା ଉପହାର ଦେଇ ସେ ଯେଉଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଯାଇଛନ୍ତି ତାଙ୍କ ସୃଷ୍ଟିର ଅଧିକରୁ ଅଧିକ ଚର୍ଚ୍ଚା ଅପେକ୍ଷା ରଖେ ବୋଲି ମତପ୍ରକାଶ ପାଇଥିଲା। ପରଲୋକଗତ କବି ହୁସେନ୍ ରବିଙ୍କୁ ବାଲେଶ୍ୱରବାସୀଙ୍କ ତରଫରୁ 'ଚନ୍ଦ୍ରଭାଗା'ର ପ୍ରତିଷ୍ଠାତା କବି ଶ୍ରୀଦେବଙ୍କ ଆବାହକତ୍ୱରେ ସ୍ଥାନୀୟ ଷ୍ଟେସନ୍ କ୍ଲବ୍ ପରିସରସ୍ଥ ଆୟୋଜିତ ଶ୍ରଦ୍ଧାଞ୍ଜଳି ସନ୍ଧ୍ୟାରେ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକଙ୍କ ପୌରୋହିତ୍ୟରେ ହୁସେନ୍ ରବିଙ୍କ ଅନୁଗ୍ରାହୀମାନେ ନିଜ ନିଜର ଅଭିମତ ରଖିଥିଲେ। ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ, କବୟିତ୍ରୀ ଯଶୋଧାରା ଦାସ, ପ୍ର. ଡ. ଉମାକାନ୍ତ ଦାଶ, ନାଟ୍ୟକାର ଆଶିଷ ଚକ୍ରବର୍ତ୍ତୀ, ପୂର୍ବତନ ସରପଞ୍ଚ କୈଳାସ ଚନ୍ଦ୍ର ଦାସ, ଶିକ୍ଷାବିତ୍ ନିରଞ୍ଜନ ଖୁଣ୍ଟିଆ, କବି ଅଭୟ ଦାସ, ସାମାଜିକ କର୍ମୀ ଜ୍ୟୋତିର୍ମୟୀ ଶତପଥୀ, 'ନାଚ୍' ନୃତ୍ୟାନୁଷ୍ଠାନର ପ୍ରତିଷ୍ଠାତା ଅରୁଣାଂଶୁ ପାଣିଗ୍ରାହୀ, ଚିତ୍ରଶିଳ୍ପୀ କେଶୁ ଦାସ, ମରୁତ୍ ରାଉତ, ହୁସେନ୍ ରବିଙ୍କ ଘନିଷ୍ଠ ବନ୍ଧୁ ପ୍ରମୋଦ ଦାସ, ପ୍ରଶାନ୍ତ ପାଢ଼ୀ, ଆଡ୍. ଅଶୋକ ସେନାପତି, ଆଡ୍. ପର୍ଶୁରାମ ପ୍ରଧାନ, ସମାଜସେବୀ ଅବନୀ ଜେନା, ବନ୍ଦନା ଦାସ, ଶରତ ଦଳେଇ, ସାମାଜିକ କର୍ମୀ ଅରୁଣ ଜେନା, ଅଧ୍ୟାପକ ଅମର ବଲ୍ଲଭ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଦିବଂଗତଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଉପଲକ୍ଷେ ଅଧ୍ୟାପକ ଡକ୍ଟର ଶଶିକାନ୍ତ ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲାବେଳେ କବି, ଗୀତିକାର ରମେଶ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

# ଅଭିନେତା ପିଂଟୁ ନନ୍ଦ ଚିକିତ୍ସା ପାଇଁ ଦିଲ୍ଲୀ ଯିବେ

ଭୁବନେଶ୍ୱର,୦୬/୦୨ (ନି.ପ୍ର): ଓଲିଉଡ ଅଭିନେତା ପିଂଟୁ ନନ୍ଦ ଆସନ୍ତା କାଲି ଚିକିତ୍ସା ପାଇଁ ଦିଲ୍ଲୀ ଯିବେ ବୋଲି ଜଣା ପଡିଛି । ଉଲ୍ଲେଖନୀୟ ଯେ ସେ ଏବେ ଲିଭର ସିରୋସିସ୍ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସିତ ହେଉଛନ୍ତି। ତାଙ୍କୁ ଉଚ୍ଚମାନର ଚିକିତ୍ସା ପାଇଁ ଦିଲ୍ଲୀ ନେଇଯିବାକୁ ଡାକ୍ତର ପରାମର୍ଶ ଦେଇଥିଲେ । ଆଉ ଏହି କ୍ରମରେ ପିଣ୍ଟୁଙ୍କୁ ଆସନ୍ତକାଲି ଦିଲ୍ଲୀ ନିଆଯିବ । ସେଠାରେ ତାଙ୍କର ଚିକିତ୍ସା କରାଯିବ ।

# ଦୀନବନ୍ଧୁ ଲେଙ୍କାଙ୍କ 'ବୈଜ୍ଞାନିକ ରାଷ୍ଟ୍ରପତି ଅବଦୁଲ୍ କଲାମ' ପୁସ୍ତକର ଲୋକାର୍ପଣ



ବାଲେଶ୍ୱର,୦୬/୦୨ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଶାନ୍ତିକାନନ ଠାରେ ଭାରତର କ୍ଷେପଣାସ୍ତ୍ର ଅଭିଯାନର ଜନକ ରାଷ୍ଟ୍ରପତି ଅବଦୁଲ୍ କଲାମଙ୍କ ଜୀବନୀ ଆଧାରିତ, 'ଅକ୍ଷାଂଶ' ପ୍ରକାଶନୀ ଦ୍ୱାରା ପ୍ରକାଶିତ, ଦୀନବନ୍ଧୁ ଲେଙ୍କାଙ୍କ ରଚିତ 'ବୈଜ୍ଞାନିକ ରାଷ୍ଟ୍ରପତି ଅବଦୁଲ୍ କଲାମ' ପୁସ୍ତକର ଲୋକାର୍ପଣ ହୋଇଯାଇଛି। ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଶିରୀଶଚନ୍ଦ୍ର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ଡ. ପ୍ରହ୍ଲାଦ ଚରଣ ମହାନ୍ତି ଉନ୍ମୋଚକ ଭାବେ, ଫକୀରମୋହନ ବିଶ୍ୱବିଦ୍ୟାଳୟର ଭାଷାସାହିତ୍ୟର ପ୍ରଫେସର ଡ. ମଣୀନ୍ଦ୍ର କୁମାର ମେହେର ମୁଖ୍ୟ ଅତିଥି ଭାବେ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନର ପ୍ରାଧ୍ୟାପକ ଡ. କମଳାକାନ୍ତ ଜେନା ମୁଖ୍ୟ ବକ୍ତା ଭାବରେ, ଡ. ହରିଶ୍ଚନ୍ଦ୍ର ବେହେରା ମୁଖ୍ୟ ଆଲୋଚକ ଭାବରେ ଯୋଗଦେଇ ପୁସ୍ତକଟି କିପରି ସବୁଶ୍ରେଣୀର ପାଠକଙ୍କ ପାଇଁ ଉପଯୋଗୀ ଏବଂ କଲାମ୍‌ଙ୍କ ଜୀବନ ସମସ୍ତଙ୍କ ନିମନ୍ତେ ପ୍ରେରଣାର ଉତ୍ସ ତାହା ନିଜ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଯୁଗ୍ମ ସମ୍ପାଦକ ଡ. ସାରଙ୍ଗଧର ତ୍ରିପାଠୀ ପାଗ୍‌ଭାଷ ରଖିଥିବାବେଳେ କୋଷାଧ୍ୟକ୍ଷ ତପନ ରାୟ ଅତିଥିମାନଙ୍କୁ ମଂଚଆହ୍ୱାନ କରିଥିଲେ। ଯୁଗ୍ମ ସମ୍ପାଦିକା କବୀ କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବ ପ୍ରାରମ୍ଭରେ କାହ୍ନୁଚରଣ ଲେଙ୍କାଙ୍କ ନେତୃତ୍ୱରେ କେତେଜଣ ସୁନାମଧନ୍ୟ କଣ୍ଠଶିଳ୍ପୀ ସଂଗୀତ ପରିବେଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନନ୍ତ କୁମାର ପ୍ରଧାନ, ନିବାରଣ ଜେନା, ଅଶ୍ୱିନୀ ଶତପଥୀ, ଡ. କ୍ଷିତୀଶ୍ୱର ଦାଶ, ବିଜୟ କୁମାର ମହାନ୍ତି, ପ୍ରଫୁଲ୍ଲ କୁମାର ଦାସ ପ୍ରମୁଖ ଯୋଗ ଶତାଧିକ ବ୍ୟକ୍ତି ଯୋଗ ଦେଇ ଉତ୍ସବଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ।

# ବେଆଇନ ବାଲି ବୋଝେଇ ଡମ୍ଫରକୁ ଜବତ କଲା ବସ୍ତା ପୋଲିସ



ଅମର୍ଦ୍ଦାରୋଡ,୦୬/୦୨ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ବାଲି ମାଫିଆଙ୍କ ଉପଜିଲ୍ଲାପାଳଙ୍କୁ ଆକ୍ରମଣ ଘଟଣାରେ ଜାଗି ଉଠିଛି ଜିଲ୍ଲା ପ୍ରଶାସନ। ସମଗ୍ର ଜିଲ୍ଲାରେ ବେଆଇନ ବାଲି,ଇଟାଭାଟି ଦମନ ଚାଲିଥିବା ବେଳେ ବସ୍ତା ପୋଲିସ ଗତକାଲି ବିଳମ୍ବିତ ରାତିରେ ବିଭିନ୍ନ ସ୍ଥାନରେ ଚଢାଉ କରି ବେଆଇନ ବାଲି ବୋଝେଇ ଟ୍ରକ, ଡମ୍ଫର କାଗଜ ପତ୍ର ତନଖିକରି ବିଳମ୍ବିତ ରାତ୍ର ଦୁଇଟା ସମୟରେ ଏକ ଦଶଚକିଆ ବେଆଇନ ବାଲି ଡମ୍ଫରକୁ ଜବତ କରି ଥାନାକୁ ଆଣିଥିଲା। ଏନେଇ ବସ୍ତା ପୋଲିସ ଏକ ମାମାଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅନ୍ୟ ପକ୍ଷରେ ପୂର୍ବରୁ ପ୍ରଶାସନିକ କ୍ଷେତ୍ରରେ ହୁଗୁଳା ନୀତି ଓ କିଛି ଅସାଧୁ ଅଧିକାରୀଙ୍କ ମାଫିଆଙ୍କ ସହିତ ଭିତିରି ସଂପର୍କରେ ଏଭଳି ବେଆଇନ କାର୍ଯ୍ୟ ଚାଲିଥିବା ବେଳେ ଅଚାନକ ପୋଲିସର ତତ୍ପରତା ବାଲି ମାଫିଆଙ୍କ ମୁଣ୍ଡ ବ୍ୟଥାର କାରଣ ପାଲଟିଛି।ଏପରି ମାଫିଆ ମାନଙ୍କ ଦୌରତମ ଏତେ ମାତ୍ରାରେ ବଢ଼ି ଯାଇଥିଲା କି ଇନ୍ଦ୍ର ଚନ୍ଦ୍ର ମାନୁଥିଲେ।ପ୍ରଶାସନ ଏପରି ଦମନ ପ୍ରକ୍ରିୟା କୁ ସାଧାରଣରେ ପ୍ରଶଂସା କରାଯାଉଛି।

# ଉଦ୍‌ଯାପିତ ହେଲା ୨୧ ତମ ପ୍ରତିଭା ମହୋତ୍ସବ



ଖଇରା,୦୬/୦୨ (ନି.ପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ଦୁର୍ଗାମଣ୍ଡପରେ ପ୍ରତିଭା ପରିବାରର ୨ଦିନିଆ ମହୋତ୍ସବ ଉଦ୍‌ଯାପିତ ହୋଇ ଯାଇଛି । ସକାଳେ ଆୟୋଜିତ ନୃତ୍ୟ ପ୍ରତିଯୋଗିତାକୁ ଅକ୍ଷୟ କୁମାର ବାରିକ ଓ ବସନ୍ତ କୁମାର ଖିଲାର ଉଦ୍‌ଘାଟନ କରିଥିବା ବେଳେ ଦେବେନ୍ଦ୍ର ରାଉତ ସଭାପତିତ୍ୱ କରିଥିଲେ । ଅପରାହ୍ନରେ ଆୟୋଜିତ ସାଧାରଣ ସଭାରେ ଉପଦେଷ୍ଟା ଡା ହରେକୃଷ୍ଣ ରାଉତ ସଭାପତିତ୍ୱ କରିଥିଲେ ।ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟ ଅତିଥି ଓ ଅବସରପ୍ରାପ୍ତ ଇଂରାଜୀ ପ୍ରଧ୍ୟାପକ ଡ ବ୍ରଜମୋହନ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ବୁଦ୍ଧିରାମ ପାଣିଗ୍ରାହୀ ସମ୍ମାନୀତ ଅତିଥି ଭାବେ ଏବଂ ଉମେଶ ଚନ୍ଦ୍ର ନାୟକ ବିବରଣୀ ପାଠ କରିଥିଲେ । ଏହି ଅବସରରେ କୈଳାସ ଚନ୍ଦ୍ର ବେହେରାଙ୍କୁ ଶିକ୍ଷକପ୍ରତିଭା ସମ୍ମାନ, ଜଗତାନନ୍ଦ ମହାନ୍ତିଙ୍କୁ ଆଦର୍ଶ କୃଷକ ସମ୍ମାନ, ପିତାମ୍ବର ମହାପାତ୍ର ଓ ମହେଶ୍ୱର ପଣ୍ଡା ଙ୍କୁ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ନୃତ୍ୟ ସଙ୍ଗୀତରେ ପରାକାଷ୍ଠା ଦେଖାଇଥିବା ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶଶିକାନ୍ତ ଦାସ ଓ ବିଷ୍ଣୁପ୍ରସାଦ ମିଶ୍ର ମଞ୍ଚ ପରିଚାଳନା କରିଥିଲେ । କୁଞ୍ଜଲତା ମାହୁନ୍ତ, ରୀତାରାଣୀ ଦାସ, ବିମଳ ବାରିକ, ବିଭୁତି ଭୁଷଣ ତ୍ରିପାଠୀ, ସ୍ମୃତିରେଖା ସେଠୀ, ସୁରମା ପାଣି, ସୁଲୋଚନା ଭୋଳ, ସ୍ନେହଲତା ପରିଡା,ସତ୍ୟ ସରଗମ ସାହୁ, ପ୍ରଶାନ୍ତ ଦାସ, ନରେନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# ପୁସ୍ତକ ଉନ୍ମୋଚନ ସମାରୋହ



ଭଦ୍ରକ,୦୬/୦୨ (ନି.ପ୍ର): ଭଦ୍ରକ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଡକ୍ଟର ରାଧାରାଣି ମହାପାତ୍ରଙ୍କର ସଭାପତିତ୍ୱରେ ଡକ୍ଟର ପ୍ରଭାତ ନଳିନୀ ମହାପାତ୍ରଙ୍କର କବିତା ସଂକଳନ 'ମାଟିରୁ ଆକାଶ' ଓ ନାରୀ କବି ଗୀତାରାଣି ଆଇଚଙ୍କର କବିତା ସଂକଳନ 'ନୀଳ ତୃଷ୍ଣା' ପୁସ୍ତକ ଦ୍ୱୟ ଉନ୍ମୋଚିତ ହୋଇଅଛି। ପ୍ରକାଶକ 'ବନଫୁଲ', ଭୁବନେଶ୍ୱରଙ୍କ ଦ୍ୱାରା ପୁସ୍ତକ ଦ୍ୱୟ ପ୍ରକାଶିତ। ଉକ୍ତ ପୁସ୍ତକ ଉନ୍ମୋଚନ ସମାରୋହ ସଭାକୁ ବିଶିଷ୍ଟ ଲେଖିକା ଡକ୍ଟର ଝରଣା ପଟ୍ଟନାୟକ ଉଦ୍‌ଘାଟିତ କରିଥିଲେ। ପ୍ରକୃତିବନ୍ଧୁ ବୈକୁଣ୍ଠ ବିଶ୍ୱାଳଙ୍କ ଦ୍ୱାରା ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରାଯାଇଥିଲା। ମୁଖ୍ୟ ଅତିଥି ଡକ୍ଟର ଶଶଧର ଦାସ ଓ ଶ୍ରୀଯୁକ୍ତ ପବିତ୍ର ପାଣିଗ୍ରାହୀ ଓ ଅନ୍ୟ ମାଣ୍ୟଗଣ୍ୟ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରିବା ସଙ୍ଗେସଙ୍ଗେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କୁମାରୀ ସାଇକଳ୍ପିତା ମହାରଣା ବେଦପାଠ କରିଥିଲେ। ଗୌତମ ମହାରଣା ସ୍ୱାଗତ ଅଭିଭାଷର ପ୍ରଦାନ ପରେ ଅଧ୍ୟାପିକା ଉଷାରାଣି ଜେନା ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଡକ୍ଟର ପ୍ରଭାତ ନଳିନୀ ମହାପାତ୍ରଙ୍କ କବିତା ସଂକଳନ 'ମାଟିରୁ ଆକାଶ' ଓ ନାରୀ କବି ଗୀତାରାଣି ଆଇଚଙ୍କର କବିତା ସଂକଳନ 'ନୀଳ ତୃଷ୍ଣା' ପୁସ୍ତକ ଦ୍ୱୟର ଆଭିମୁଖ୍ୟ ଉଭୟ କବୟିତ୍ରୀ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ। 'ମାଟିରୁ ଆକାଶ' କବିତା ସଂକଳନର କେତୋଟି କବିତାକୁ କବି ବିଚିତ୍ରାନନ୍ଦ ଜେନା ଆବୃତି କରିବା ସଙ୍ଗେସଙ୍ଗେ 'ନୀଳ ତୃଷ୍ଣା' କବିତା ସଂକଳନର କେତୋଟି କବିତାକୁ ଡକ୍ଟର ଅବନୀ ପ୍ରଧାନ ମଧ୍ୟ ଆବୃତି କରିଥିଲେ। ଅଧ୍ୟାପିକା ସୁକାନ୍ତି ମହାପାତ୍ର 'ମାଟିରୁ ଆକାଶ' କବିତା ସଂକଳନକୁ ସମୀକ୍ଷା କରିବା ଅବସରରେ ସେ ମାଟିରୁ ଆକାଶ ପର୍ଯ୍ୟନ୍ତ ଏକ ସେତୁ ନିର୍ମାଣର ସୂଚନା ପ୍ରଦାନ କରିଥିଲେ। ବିଶିଷ୍ଟ ଶିକ୍ଷାବିତ୍ ଓ ଲେଖକ ଶରତ ନାୟକ 'ନୀଳ ତୃଷ୍ଣା' କବିତା ସଂକଳନ ଅବସରରେ ଉକ୍ତ କବିତାରେ ଦୁଇ ପ୍ରକାର ତୃଷ୍ଣାର ସୂଚନା ପ୍ରଦାନ କରିଥିଲେ। ପ୍ରଥମ ତୃଷ୍ଣା ବ୍ୟଭିଚାରର ରଣ ହୁଂକାର ଓ ଦ୍ୱିତୀୟ ତୃଷ୍ଣାରେ ଈଶ୍ୱର ଭାବ ପରିଲକ୍ଷିତ ହୋଇଥିବାର ସୂଚନା ପ୍ରଦାନ କରିଥିଲେ। ସାହିତ୍ୟ ଏକାଡେମୀର ସଦସ୍ୟା ରୀତା ନାୟକ ଶିଶୁ କବିତା ସଂକଳନ ଉପରେ ଗୁରୁତ୍ୱାରୋପ କରିବା ସଙ୍ଗେସଙ୍ଗେ କବିତା ଗୁଡ଼ିକର ଶବ୍ଦ ବିନ୍ୟାସ କ୍ଲିଷ୍ଟ ନ ହେବା ପାଇଁ ସୂଚନା ପ୍ରଦାନ କରିଥିଲେ। ବିଶିଷ୍ଟ ଗାଳ୍ପିକ ଓ ସାହିତ୍ୟିକ ପବିତ୍ର ପାଣିଗ୍ରାହୀ ଓଡ଼ିଆ ସାହିତ୍ୟ ସବୁ ସାହିତ୍ୟ ଭିତରେ ଶ୍ରେଷ୍ଠ ବୋଲି ମନ୍ତବ୍ୟ ପ୍ରଦାନ କରିଥିଲେ। 'ମାଟିରୁ ଆକାଶ' କବିତା ସଂକଳନର କବୟିତ୍ରୀ ଡକ୍ଟର ପ୍ରଭାତ ନଳିନୀ ମହାପାତ୍ରଙ୍କର କବିତାର ଆଭିମୁଖ୍ୟ ଦୁଃଖର ସଞ୍ଜିବନୀ ସଦୃଶ ଓ 'ନୀଳ ତୃଷ୍ଣା' କବିତା ସଂକଳନର କବୟିତ୍ରୀ ଗୀତାରାଣି ଆଇଚ ତାଙ୍କ ବକ୍ତବ୍ୟରେ ଏହା ଅନ୍ତରର ବାସନା ବୋଲି କହିଥିଲେ।

# ଗୋଷ୍ଠୀ ସହାୟିକାଙ୍କ ଜିଲ୍ଲାସ୍ତରୀୟ ବୈଠକ

ବାଲେଶ୍ୱର,୦୬/୦୨ (ନି.ପ୍ର): ଗୋଷ୍ଠୀ ସହାୟିକା (ସିଆରପିସିଏମ୍) ଭାବେ କାର୍ଯ୍ୟ କରୁଥିବା ମହିଳାମାନଙ୍କର ପଡୁଆଁପଦାସ୍ଥିତ ଏଆଇଟିୟୁସି ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାରତୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଗୋଷ୍ଠୀ ସହାୟିକାମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ଓ ଏହାର ନିରାକରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ମାସିକ ତିନିହଜାର ଟଙ୍କା ପ୍ରାପ୍ୟ ବୃଦ୍ଧି ସାଙ୍ଗକୁ ବ୍ୟାଙ୍କ ଜରିଆରେ ପ୍ରଦାନ କରିବା, ଗୋଷ୍ଠୀ ସହାୟିକାଙ୍କ ସରକାରୀ କାଗଜପତ୍ର ପ୍ରସ୍ତୁତି ପାଇଁ ଅଫିସ୍‌ଗୃହ ଯୋଗାଇ ଦେବା, ଉଚ୍ଚ ଅଧିକାରୀଙ୍କ ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବା ଓ ସମାନ କାମକୁ ସମାନ ମଜୁରି ଦେବା ଏବଂ ସେମାନଙ୍କ ସାମାଜିକ ସୁରକ୍ଷା ସମ୍ପର୍କରେ ଏହି ବୈଠକରେ ମତ ଉଠିଥିଲା। ଏଆଇଟିୟୁସି ନେତୃତ୍ୱରେ ରାଜ୍ୟସ୍ତରରେ ସଂଗଠନ ପ୍ରତିଷ୍ଠା ହୋଇଥିବାରୁ ବାଲେଶ୍ୱରରେ ଜିଲା ଶାଖା ପ୍ରତିଷ୍ଠା ପାଇଁ ଏଥିରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ରାଜ୍ୟ ସ୍ତରରେ ପ୍ରସ୍ତାବିତ ଆନ୍ଦୋଳନରେ ସମସ୍ତ ଗୋଷ୍ଠୀ ସହାୟକ ଯୋଗଦେବାକୁ ବୈଠକରେ ଆହ୍ୱାନ ଦିଆଯାଇଛି। ଜିଲ୍ଲାସ୍ତରୀୟ ସଂଗଠନରେ ସଭାପତି ସବିତା ମହାନ୍ତି, ଉପ-ସଭାପତି ପଦ୍ମଜା ଆଚାର୍ଯ୍ୟ, କାର୍ଯ୍ୟକାରୀ ସଭାପତି ମନୋରମା ରାଉତ, ସାଧାରଣ ସଂପାଦିକା ବନ୍ଦନା ପାତ୍ର, ସହସଂପାଦକ ଅବନ୍ତୀ ପାତ୍ର ଓ କୋଷାଧ୍ୟକ୍ଷା ଭାବେ ଭାରତୀ ମହାନ୍ତିଙ୍କୁ ମନୋନୀତ କରାଯାଇଛି।

# ମନ୍ଦିର ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ



ବାଲେଶ୍ୱର,୦୬/୦୨ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ମହାଶୟ ପାଟଣା ଗ୍ରାମରେ ମଦନମୋହନ ଜୀଉଙ୍କ ମନ୍ଦିର ପ୍ରତିଷ୍ଠା ଓ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗତ ଦୁଇ ତାରିଖ ଦିନ ବାଲିଘାଟ ରୁ ବିଶାଳ କଳସ ଯାତ୍ରା ଆରମ୍ଭ ହୋଇ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ହୋଇଥିଲା। ପାଞ୍ଚ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ହୋମ-ଯଜ୍ଞ,ଭଜନ-କୀର୍ତ୍ତନ ସାଙ୍ଗକୁ ପ୍ରସାଦ ସେବନ କାର୍ଯ୍ୟକ୍ରମ କରାଯାଇଥିଲା। ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତମାନେ ଉପସ୍ଥିତ ରହି ଠାକୁରଙ୍କୁ ଦର୍ଶନ କରି ପ୍ରସାଦ ସେବନ କରିଥିଲେ। ପାଞ୍ଚ ତାରିଖ ଦିନ ପୂର୍ଣ୍ଣାହୁତି ସହିତ ପଞ୍ଚ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ସେବକ ଲକ୍ଷ୍ମୀଧର ବାରିକ ଙ୍କ ତତ୍ତ୍ୱାବଧାନରେ ଯଜ୍ଞ କାର୍ଯ୍ୟ ସମ୍ପାଦନ ହୋଇଥିଲା। ପାଞ୍ଚ କୁଣ୍ଡରେ କୋଡ଼ିଏ ଯୋଡ଼ି ଦେବ ଦମ୍ପତ୍ତି ଯଜ୍ଞରେ ଆହୁତି ଦେଇଥିଲେ। ଏହି ଅବସରରେ ବହୁ ସଂଖ୍ୟକ ବୃଦ୍ଧା, ଛୋଟା, ଅନ୍ଧ ଓ ଗରିବ ଅସହାୟ ଙ୍କୁ ବସ୍ତ୍ର ଦାନ କରାଯାଇଥିଲା। ଶ୍ରଦ୍ଧାଳୁ ଭକ୍ତମାନେ ମୁକ୍ତ ହସ୍ତରେ ଏହି ବସ୍ତ୍ର ଠାକୁରଙ୍କ ନିକଟରେ ସମର୍ପଣ କରିଥିଲେ।

# ସାମ୍ବାଦିକ ପରିବାରର ଆନ୍ଦୋଳନ ପହଞ୍ଚିଲା ୨୨ ଦିନରେ




ଉଦଳା,୦୬/୦୨ (ନି.ପ୍ର): କପ୍ତିପଦା ଉପଖଣ୍ଡର ଉପଜିଲ୍ଲାପାଳ ଭଗବାନ ବେହେରାଙ୍କ ବଦଳି ଦାବି କରି ଉପଖଣ୍ଡ ସାମ୍ବାଦିକ ପରିବାର ପକ୍ଷରୁ ଗତ ଜାନୁଆରୀ ୧୬ ତାରିଖ ସୋମବାର ଠାରୁ ଧାରଣାର ପର୍ବ ଆରମ୍ଭ ହୋଇଛି । ଜାନୁଆରୀ ୨୬ ସାଧାରଣତନ୍ତ୍ର ଦିବସ ପାଳନ ପୂର୍ବରୁ ଉପଜିଲ୍ଲାପାଳଙ୍କ ବଦଳି ଦାବି ଜୋର ଧରିଥିଲା ଓ ଜିଲ୍ଲାପାଳଙ୍କ ସମେତ ବିଭିନ୍ନ ଅଧିକାରୀଙ୍କ ନିକଟକୁ ଦାବି ପତ୍ର ପଠାଯାଇଥିଲା । ସାମ୍ବାଦିକ ମାନଙ୍କର ଦାବିକୁ ସ୍ଥାନୀୟ ଓକିଲ ସଂଘ, ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦଙ୍କ ସମେତ ବହୁ ମାନଗଣ୍ୟ ବ୍ୟକ୍ତି ସମର୍ଥନ ଜଣାଇଥିଲେ । କିନ୍ତୁ ଏଥିରେ କୌଣସି ସୁଫଳ ନ ମିଳିବାରୁ ବାଧ ହୋଇ ସାମ୍ବାଦିକ ମାନେ କଳା ବ୍ୟାଚ ପରିଧାନ ପୂର୍ବକ ପ୍ରତିବାଦ ପୂର୍ଣ୍ଣ ଜୀବନ ବିତାଇବା ସହ ପ୍ରତି ସୋମବାର ଦିନ ଧାରଣାର ପର୍ବକୁ ଜାରି ରଖିଛନ୍ତି । ଇତି ମଧ୍ୟରେ ୨୨ ଦିନ ସମୟ ଅତିକ୍ରାନ୍ତ ହୋଇଯାଇଥିଲେ ମଧ୍ୟ ଉପଜିଲ୍ଲାପାଳ ଭଗବାନ ବେହେରାଙ୍କ ବଦଳି ହୋଇନାହିଁ କି ଆଲୋଚନା ପାଇଁ କୌଣସି ଉଚ୍ଚ ପଦସ୍ଥ ଅଧିକାରୀ ଆସି ନାହାନ୍ତି । ଆଜି ଫେବୃଆରୀ ୬ ତାରିଖ ସୋମବାର ଧାରଣା ସ୍ଥଳକୁ କଂଗ୍ରେସ ଦଳର ବରିଷ୍ଠ ନେତା ଦୁର୍ଗାଚରଣ ଟୁଡୁ ଆସି ଆମ ରାଜ୍ୟରେ ବର୍ତ୍ତମାନ ଗଣତନ୍ତ୍ର ଶାସନ ଚାଲୁନାହିଁ, ଅମଲାତନ୍ତ୍ରର ଶାସନ ଯୋଗୁଁ ଆଜି ଏପରି ଅବସ୍ଥା ସୃଷ୍ଟି ହୋଇଛି ବୋଲି ବ୍ୟକ୍ତ କରିବା ସହ ସାମ୍ବାଦିକ ମାନଙ୍କର ଆନ୍ଦୋଳନକୁ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ ।

# କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟିଲେ ପୁଡୁଚେରୀର ମନ୍ତ୍ରୀ ନବସିବୟମ

ନୂଆଦିଲ୍ଲୀ,୦୬/୦୨ (ନି.ପ୍ର): ପୁଡୁଚେରୀର ମନ୍ତ୍ରୀ ଏ. ନବସିବୟମ ସୋମବାର ଦିନ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟିଛନ୍ତି । କେନ୍ଦ୍ର ଶାସିତ ପ୍ରଦେଶ ପୁଡୁଚେରୀରେ ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ରରେ କାମକୁ ନେଇ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି । କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜେ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି ।

# ବିଶିଷ୍ଟ ସମାଜସେବୀ, ସଂଗ୍ରାମୀ ଦାମୋଦର ଦାସଙ୍କ ଶ୍ରାଦ୍ଧ ଦିବସ ପାଳିତ



ବାଲେଶ୍ୱର,୦୬/୦୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବିଶିଷ୍ଟ ସମାଜ ସେବୀ, ସଂଗ୍ରାମୀ ନେତା, ରାଜ୍ୟ ଆଦିବାସୀ ହରିଜନ ସୁରକ୍ଷା ମଞ୍ଚର ପୂର୍ବତନ ସଭାପତି ତଥା ବିଭିନ୍ନ ଗଣ ସଂଗଠନର ସକ୍ରୀୟ କର୍ମୀ ସ୍ୱର୍ଗତ ଦାମୋଦର ଦାସଙ୍କ ଚତୁର୍ଥ ଶ୍ରାଦ୍ଧ ଦିବସ । ତାଙ୍କ ଜନ୍ମ ସ୍ଥାନ ସଦର ବ୍ଲକ ଶାସଙ୍ଗ ପଞ୍ଚାୟତର ଜଗନ୍ନାଥ ପାଟଣା ଛକ ନିକଟରେ ଥିବା ପ୍ରତିମୂର୍ତ୍ତି ଠାରେ ପାଳିତ ହୋଇଯାଇଅଛି । ଗ୍ରାମରୁ ଏକ ସଂକିର୍ତ୍ତନ ଦଳ ସହିତ ଶ୍ରଦ୍ଧାଳୁମାନ ଆସି ପ୍ରତିମୂର୍ତ୍ତିଠାରେ ସଂକିର୍ତ୍ତନ ଦଳ ସହିତ ପହଞ୍ଚିଥିଲେ । ସେଠାରେ ଏକ ସାଧାରଣ ସଭା ସତ୍ୟରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲା ବି.ଜେ.ଡି. ଏସ.ସି. ସେଲ ସଭାପତି ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ଅତିଥି ଭାବେ ଯୋଗ ଦେଇ ସ୍ୱର୍ଗତ ଦାମୋଦର ଦାସ ଓ ତାଙ୍କ ପତ୍ନୀ ବୀଣାପାଣି ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଉପସ୍ଥିତ ଅନ୍ୟମାନେ ମଧ୍ୟ ପୁଷ୍ପ ପ୍ରଦାନ କରି ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ । ଏହି ଅବସରରେ ଆୟୋଜିତ ସ୍ମୃତି ସଭାରେ ପୂର୍ବତନ ସରପଞ୍ଚ ଦିଲ୍ଲୀପ ଜେନା, ସମାଜ ସେବୀ ତଥା ସାମ୍ବାଦିକ ସେକ୍ ରିଜୁଆନ୍ ମଲ୍ଲିକ, ସମାଜ ସେବୀ ବିକାଶ କୁମାର ଦାସ, ପୁତ୍ର ସରୋଜ କୁମାର ଦାସ, କନ୍ୟା ମିତୀ ଦାସ ଓ ମାନସୀ ଦାସ, ଜ୍ୱାଇଁ କାର୍ତ୍ତିକ ଚନ୍ଦ୍ର ସେଠୀ, ଭଣଜା ଗୋପିନାଥ ସେଠୀ, ବି.ଜେ.ଡି ପଞ୍ଚାୟତ ସଭାପତି ବିଜେନ୍ଦ୍ର ନାରାୟଣ ଦାସ, ଭାସ୍କର ଚନ୍ଦ୍ର ମଲ୍ଲିକ ତଥା ଅନ୍ୟମାନେ ଦାମ ବାବୁଙ୍କର ବିଭିନ୍ନ ସଂଗଠନିକ କାର୍ଯ୍ୟ, ସମାଜ ସେବା ବିଶେଷ କରି ଅନୁସୂଚିତ ଜାତି, ଜନଜାତି ଓ ସଂଖ୍ୟା ଲଘୁଙ୍କ ସ୍ୱାର୍ଥ ପାଇଁ କରିଥିବା ବିଭିନ୍ନ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ଶେଷରେ ତାଙ୍କର କନ୍ୟା ମାନସୀ ଧନ୍ୟବାଦ ଅର୍ପଣ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo